

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୧୦ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 10 APRIL 2022
Vol.No. 33 ■ No. 94 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-

ଛୋଟ ପିଲାଙ୍କୁ ମାରିବାକୁ ଋଷ ମିଜାଇଲ ମାଡ କରିଥିବା ୟୁକ୍ରେନର ଦାବି

ନୂଆଦିଲ୍ଲୀ, ୦୯/୦୪ : ପୂର୍ବ ୟୁକ୍ରେନର କ୍ରାମାର୍ଟୋସ୍କ ରେଳ ଷ୍ଟେସନ ଉପରେ ରକେଟ ମାଡ ଘଟଣାରେ ଏକ ଆଶ୍ଚର୍ଯ୍ୟକର କଥା ସାମ୍ନାକୁ ଆସିଛି । ମିଳିଥିବା ସୂଚନା ଅନୁସାରେ ଏହି ଆକ୍ରମଣ କରିଥିବା ମିଜାଇଲରେ 'ଏହା ଛୋଟପିଲାଙ୍କ ପାଇଁ' ଲେଖାଥିବା ଜଣାପଡିଛି । ସ୍ଥାନୀୟ ଭାଷାରେ ଏହା ଲେଖାଯାଇଛି । ଏପରି ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଛି । ରେଳ ଷ୍ଟେସନରେ ହୋଇଥିବା ଏହି ଆକ୍ରମଣରେ ୫ ନାବାଳକଙ୍କ ସମେତ ୫୨ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ଏହାସହ ଶତାଧିକ ୟୁକ୍ରେନ ନାଗରିକ ଆହତ ହୋଇଛନ୍ତି । ସହରବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିବା ବେଳେ ଷ୍ଟେସନ ଉପରେ ରକେଟ ମାଡ କରିଥିଲା ପୁଟିନ ସେନା । ଷ୍ଟେସନରେ ହଜାରେରୁ ଅଧିକ ଲୋକ ଥିବା ବେଳେ ରକେଟ ମାଡ କରାଯାଇଥିଲା । ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି କହିଛନ୍ତି, ଏହା ମାନବିକତା ଉପରେ ଆକ୍ରମଣ । ନୀରିହ ନାଗରିକଙ୍କ ଉପରେ ଋଷ ଅତ୍ୟାଚାର କରୁଛି, ଏହା ଋଷର ସୀମାହିନ ଶୈତାନୀ । ପୁଟିନ ଯୋଜନାବଦ୍ଧ ଭାବେ ୟୁକ୍ରେନର ଲୋକଙ୍କୁ ହତ୍ୟା କରୁଛନ୍ତି, ଶୀଘ୍ର ଦଣ୍ଡ ନ ମିଳିଲେ ମାନବିକତା ଉପରେ ହେଉଥିବା ଏହି ବର୍ବରତା ଥମିବ ନାହିଁ । ସେପଟେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କ୍ରାମାର୍ଟୋସ୍କ ରେଳ ଷ୍ଟେସନ ଉପରେ ଆକ୍ରମଣକୁ ଦୃଢ ନିନ୍ଦା କରି କହିଛନ୍ତି, ଏହା ଋଷ ଦ୍ୱାରା କରାଯାଇଥିବା ଭୟଙ୍କର ଅତ୍ୟାଚାର । ▶▶ପୃଷ୍ଠା ୭

ଇସ୍ତଫା ପାଇଁ ଇମ୍ରାନ ଖାନ ରଖିଲେ ୩ ସର୍ତ୍ତ

ନୂଆଦିଲ୍ଲୀ, ୦୯/୦୪ : ପାକିସ୍ତାନରେ ରାଜନୈତିକ ଡ୍ରାମା ଜାରି ରହିଛି । ଇସ୍ତଫା ଦେବାକୁ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ୩ଟି ସର୍ତ୍ତ ରଖିଛି । ପ୍ରଥମ ସର୍ତ୍ତ ହେଲା, ତାଙ୍କୁ ଗିରଫ କରାଯିବ ନାହିଁ । ଦ୍ୱିତୀୟ ସର୍ତ୍ତ ହେଲା, ତାଙ୍କ ବିରୋଧରେ ମୋକଦ୍ଦମା ରୁଜୁ ହେବନି ଓ ତୃତୀୟ ସର୍ତ୍ତ ହେଲା ସାହବାଜ ସରିଫଙ୍କୁ ପ୍ରଧାନମନ୍ତ୍ରୀ କରାନଯାଉ । ସୁପ୍ରିମକୋର୍ଟଙ୍କ ରାୟ ପରେ ପୁଣି ଥରେ ନ୍ୟାସନାଲ ଆସେମ୍ବଲିର ଅବସ୍ଥାପନ କରାଯାଇଛି ଓ ଇମ୍ରାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଛି । ହେଲେ ବିରୋଧୀଙ୍କ ଦାବି ସତ୍ତ୍ୱେ ଭୋଟି କରାଯାଇ ନାହିଁ । ଏପଟେ ଇମ୍ରାନ ଖାନ ରାତି ସାଢ଼େ ୯ରେ ନିଜ କ୍ୟାବିନେଟ ବୈଠକ ଡାକିଛନ୍ତି । ଆଶା କରାଯାଉଛି ଯେ, ହୁଏତ ଏହି କ୍ୟାବିନେଟ ବୈଠକ ପରେ ସେ ଇସ୍ତଫା ଦେଇପାରନ୍ତି, ଅର୍ଥାତ୍ ଅନାସ୍ଥା ପ୍ରସ୍ତାବ ନେଇ ଭୋଟିଂ ପୂର୍ବରୁ ସେ ନିଜ ପଦ ଛାଡ଼ି ପାରନ୍ତି । ସେପଟେ ଏହାର ସଙ୍କେତ ମଧ୍ୟ ମିଳିଛି । କାରଣ ଇମ୍ରାନଙ୍କ କ୍ୟାବିନେଟର ଶକ୍ତିଶାଳୀ ମନ୍ତ୍ରୀ ଫୱାଦ ଚୌଧୁରୀ ନିଜ ଟୁଇଟର ପ୍ରୋଫାଇଲରେ ପୂର୍ବତନ ମନ୍ତ୍ରୀ ବୋଲି ଦର୍ଶାଇଛନ୍ତି । ନ୍ୟାସନାଲ ଏସେମ୍ବଲିରେ ବିରୋଧୀ ଗୋଷ୍ଠୀଙ୍କର ଅଧିକ ସଂଖ୍ୟା ରହିଛି । ତେଣୁ ଭୋଟିଂ ପୂର୍ବରୁ ଇମ୍ରାନ ଇସ୍ତଫା ଦେବାର ଅଧିକ ସମ୍ଭାବନା ରହିଛି । ସେପଟେ ଅନାସ୍ଥା ପ୍ରସ୍ତାବ ନେଇ ଭୋଟିଂ କରିବାକୁ ନ୍ୟାସନାଲ ଆସେମ୍ବ୍ଲିର ବାଚସ୍ପତି ମନାକରିଦେଇଛନ୍ତି । ସେ କହିଛନ୍ତି, ଇମ୍ରାନଙ୍କ ସହ ସେ ଧୋକା କରିପାରିବେ ନାହିଁ ।

ମଞ୍ଜୁଲତା କହଁର ବିଏମସି ଡେପୁଟି ହେଲେ ଡେପୁଟି ମେୟର

ଭୁବନେଶ୍ୱର, ୦୯/୦୪ (ନି.ପ୍ର): ୨୨ ନମ୍ବର ୱାର୍ଡର କର୍ପୋରେଟର ମଞ୍ଜୁଲତା କହଁର ବିଏମସି ଡେପୁଟି ମେୟର ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୨୨ ନମ୍ବର ୱାର୍ଡର କର୍ପୋରେଟର ମଞ୍ଜୁଲତା କହଁରଙ୍କୁ ବିଜେଡି ବିଏମସି ଡେପୁଟି ମେୟର୍ ପ୍ରାର୍ଥୀ କରିଥିଲା । ବିଜେପି ପକ୍ଷରୁ ପ୍ରାର୍ଥୀ ଦିଆଯାଇନଥିବା ହେତୁ ମଞ୍ଜୁଲତା କହଁର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ବିଏମସି ଡେପୁଟି ମେୟର୍ ଭାବେ ନିର୍ବାଚିତ ହେବା ପରେ ମଞ୍ଜୁଲତା କହଁର କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରୁ ସେ ଏଭଳି ଦାୟିତ୍ୱ ପାଇଛନ୍ତି।

୫ରାଜ୍ୟକୁ ସତର୍କ କଲେ କେନ୍ଦ୍ର ସରକାର: ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ନେଇ ଚିନ୍ତା ପ୍ରକଟ



ନୂଆଦିଲ୍ଲୀ, ୦୯/୦୪ : ଗୁଜରାଟରେ ଓମିକ୍ରନର ଉପପ୍ରଜାତି ଏକ୍ସଇ କରୋନା ଭୂତାଣୁର ପ୍ରଥମ ମାମଲା ଚିହ୍ନଟ ହୋଇଥିବା ସୂଚନା ମିଳିଛି । କିଛି ଦିନ ପୂର୍ବରୁ ମୁମ୍ବାଇରୁ ଗୁଜରାଟ ଯାଇଥିବା ଜଣେ ବ୍ୟକ୍ତି ପ୍ରଥମେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ । ପରେ ଜିନୋମ ସିକ୍ୱେନ୍ସିଂରୁ ସେ ଏକ୍ସଇ ଭ୍ୟାରିଆଂଟ ସଂକ୍ରମିତ ଥିବା ସ୍ପଷ୍ଟ ହୋଇଥିଲା । ତେବେ ତାଙ୍କ ନିକଟରେ କୌଣସି ଗୁରୁତର ଲକ୍ଷଣ ଦେଖାଯାଇନଥିଲା ଏବଂ ସେ ସପ୍ତାହକ ମଧ୍ୟରେ ସୁସ୍ଥ ହୋଇଯାଇଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଦେଶରେ ପାଂଚ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ନେଇ କେନ୍ଦ୍ର ସରକାର ଚିନ୍ତା ପ୍ରକଟ କରିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଏ ନେଇ ରାଜ୍ୟ ଗୁଡିକୁ ଚିଠି ଲେଖି ସତର୍କ ରହିବା ସହ କଡ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦିଲ୍ଲୀ, ହରିୟାଣା, କେରଳ, ମହାରାଷ୍ଟ୍ର ଓ ମିଜୋରାମକୁ କେନ୍ଦ୍ରର ଚିଠି, କରୋନା ସଂକ୍ରମିତଙ୍କ ଉପରେ ନଜର ରଖିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ, ଗୁଜରାଟରେ କରୋନାର ନୂଆ ଭ୍ୟାରିଆଂଟ ଏକ୍ସଆଇ ଚିହ୍ନଟ, ଏକ୍ସଆଇ ଭ୍ୟାରିଆଂଟ ଓମିକ୍ରନ ତୁଳନାରେ ୧୦ ଗୁଣା ଅଧିକ ସଂକ୍ରାମକ, ଚୀନ, ୟୁରୋପ ଆଦି ଦେଶରେ ଏବେ କରୋନା ସଂକ୍ରମଣ ବଢୁଛି, ଚୀନର ଆର୍ଥିକ ରାଜଧାନୀ ସାଙ୍ଘାଇରେ ଦ୍ରୁତ ଗତିରେ ବ୍ୟାପୁଛି କରୋନା । ଜାତିସଂଘର ମହାସଚିବ ଆଂଟୋନିଓ ଗୁଟେରସ କହିଛନ୍ତି ଏସିଆ ଏବଂ ୟୁରୋପରେ ସଂକ୍ରମଣ ବ୍ୟାପୁଛି । ପ୍ରତିଦିନ ୧୦ ଲକ୍ଷରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି । ୟୁରୋପରେ କରୋନାର ନୂଆ ଲହର ଆସିବ ବୋଲି ଜାତିସଂଘ ଆକଳନ କରିଛି । ତେଣୁ ସମସ୍ତେ କିଭଳି କରୋନା ଟିକା ନେବେ ତାଉପରେ ଗୁରୁତ୍ୱ ଦିଆଯିବା ଦରକାର ବୋଲି ଗୁଟେରସ୍ କହିଛନ୍ତି ।

ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳଙ୍କ ଦ୍ୱିତୀୟ ପତ୍ନୀଙ୍କୁ ଗିରଫ କଲା ଭିଜିଲାନ୍ସ

ଭୁବନେଶ୍ୱର, ୦୯/୦୪ (ନି.ପ୍ର): ଆୟ ବହିର୍ଭୂତ ସଂପତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ କାର୍ତିକେଶ୍ୱର ରାଉଳଙ୍କ ଦ୍ୱିତୀୟ ପତ୍ନୀ କଳ୍ପନା ପ୍ରଧାନଙ୍କୁ ଗିରଫ କରିଛି ଭିଜିଲାନ୍ସ । ଦୁର୍ନୀତିକୁ ପ୍ରୋତ୍ସାହନ ଦେବା ତଥା ଟଙ୍କା ଲୁଚାଇବାରେ ସହଯୋଗ କରିବା ଅଭିଯୋଗରେ କଳ୍ପନାଙ୍କୁ ଗିରଫ କରାଯାଇଛି । ପୂର୍ବରୁ ସହକାରୀ ଯନ୍ତ୍ରୀ କାର୍ତିକେଶ୍ୱର ରାଉଳ ମଧ୍ୟ ଗିରଫ ହୋଇଛନ୍ତି । ଅପରପକ୍ଷରେ କାର୍ତିକେଶ୍ୱର ରାଉଳଙ୍କ ସମ୍ପର୍କିୟଙ୍କ ଘରୁ ନଗଦ ୧ କୋଟି ୪୧ ଲକ୍ଷ ୬୨ ହଜାର ଟଙ୍କା ଓ ୩୫୪ ଗ୍ରାମ୍ ସୁନା ଠାବ କରିଛି ଭିଜିଲାନ୍ସ । କାର୍ତିକେଶ୍ୱରଙ୍କ ଦ୍ୱିତୀୟ ପତ୍ନୀଙ୍କ ଭଉଣୀଙ୍କ ଘରୁ ଏହି ଟଙ୍କା ଠାବ ହୋଇଛି । ଭୁବନେଶ୍ୱର ସାଲିଆ ସାହି ସ୍ଥିତ ଘରୁ ଏହି ଟଙ୍କା ଠାବ କରିଛି ଭିଜିଲାନ୍ସ । ଜେରା ବେଳେ ଦ୍ୱିତୀୟ ପତ୍ନୀ କଳ୍ପନା ପ୍ରଧାନ ଏହି ଗୁମର ଖୋଲିଛନ୍ତି । ଭଉଣୀ ଘରେ ଟଙ୍କା ଓ ସୁନା ଲୁଚାଇ ରଖିଥିବା ସ୍ୱୀକାର କରିବା ପରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ଯନ୍ତ୍ରୀଙ୍କ ଠାରୁ ନଗଦ ୩ କୋଟି ୪୧ ଲକ୍ଷ ୬୬ ହଜାର ଟଙ୍କା ଜବତ ହୋଇଛି । ସେହିପରି ଭୁବନେଶ୍ୱର ଉପକଣ୍ଠସ୍ଥ ପୋଖରୀପୁଟରେ ତିନି ମହଲା ଘର ପାଇଁ ୭୮.୫୦ ଲକ୍ଷ ଦେଇଥିବା ସୂଚନା ମିଳିଛି । ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପ୍ରଥମେ ▶▶ପୃଷ୍ଠା ୭

ଇଡି ଏବଂ ସିବିଆଇ ଭୟରେ ନିର୍ବାଚନ ଲଢ଼ିଲେନି ମାୟାବତୀ : ରାହୁଲ ଗାନ୍ଧି

ନୂଆଦିଲ୍ଲୀ: ବିଏସପି ମୁଖ୍ୟ ମାୟାବତୀଙ୍କୁ ମେଣ୍ଟ ପାଇଁ ଆମେ ପ୍ରସ୍ତାବ ଦେଇଥିଲୁ। ହେଲେ ସେ ଇଡି ଏବଂ ସିବିଆଇ ଭୟରେ ନିର୍ବାଚନ ଲଢ଼ିଲେ ନାହିଁ। ୟୁପି ନିର୍ବାଚନ ପରାଜୟ ପରେ ଏହା କହିଛନ୍ତି ରାହୁଲ ଗାନ୍ଧି। ସେ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ କଂଗ୍ରେସ ବହୁଜନ ସମାଜବାଦୀ ପାର୍ଟି ସହ ମେଣ୍ଟ କରିବାକୁ ଚାହୁଁଥିଲା । ମାୟାବତୀଙ୍କୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରସ୍ତାବ ଦିଆଯାଇ ଥିଲା। କିନ୍ତୁ ମାୟାବତୀ କିଛି ଉତ୍ତର ଦେଇନଥିବା ରାହୁଲ କହିଛନ୍ତି । ଏମିତିକି ସେ ଚଳିତ ଥର ନିର୍ବାଚନ ମଧ୍ୟ ଲଢିନଥିଲେ । ମାୟାବତୀ ଇଡି, ସିବିଆଇ ଡରରେ ଲଢିବାକୁ ଭୟ କରୁଛନ୍ତି। ରାହୁଲ ଆହୁରି କହିଛନ୍ତି ଯେ, ମାୟାବତୀ ଦଳିତଙ୍କୁ ଶକ୍ତିଶାଳି କରିଛନ୍ତି। କିନ୍ତୁ ସେ ଲଢୁ ନାହାଁନ୍ତି। ବାଟ ସଫା ଥିଲେ ବି, ସିବିଆଇ, ଇଡି ଓ ପେଗାସସ ଡରରେ ସେ ଲଢିବାକୁ ଚାହୁଁ ନାହାଁନ୍ତି ବୋଲି ରାହୁଲ କହିଛନ୍ତି। ଉତ୍ତରପ୍ରଦେଶର ୪୦୩ଟି ବିଧାନ ସଭା ଆସନରୁ ମାତ୍ର ଦୁଇଟି ଜିତିଛି କଂଗ୍ରେସ। ସେହିପରି ମୋଟ ମତଦାନର ଭୋଟ୍ ସେୟାର ୨.୫ ପ୍ରତିଶତରୁ କମ ପାଇଛି ଦଳ। ଏପରିକି ୮୭ ପ୍ରତିଶତ କଂଗ୍ରେସ କର୍ମୀ ନିଜର ଅମାନତ ହରାଇଛନ୍ତି। ବିଏସପି ମାତ୍ର ଗୋଟିଏ ସିଟ୍ ଜିତିଛି। ଦଳ ୧୩ ପ୍ରତିଶତ ଭୋଟ୍ ସେୟାର ପାଇଛି। ୭୨ପ୍ରତିଶତ ପ୍ରାର୍ଥୀ ନିଜର ଅମାନତ ହରାଇଛନ୍ତି । ମୋଟାମୋଟି ଭାବେ ୟୁପିରେ ବିଜେପି ଓ ଏସପି ମଧ୍ୟରେ ଦ୍ୱିମୁଖୀ ଲଢ଼େଇ ହୋଇଥିଲା।

କମିଲା କୋଭିସିଲ୍ଡ ଓ କୋଭାକ୍ସିନ୍ ଟିକା ଦାମ

ଭୁବନେଶ୍ୱର, ୦୯/୦୪ (ନି.ପ୍ର): କମିଲା କୋଭିସିଲଡ୍ ଆଉ କୋଭାକ୍ସିନ ଟିକା ଦାମ । କୋଭିଡ୍ ଭ୍ୟାକ୍ସିନ୍ କୋଭିସିଲଡର ଦାମ ଅଧାରୁ ଅଧିକ କମ୍ ହୋଇଛି । ଏନେଇ ସିରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ସିଇଓ ଅଦାର ପୁନାବାଲା କହିଛନ୍ତି ଯେ, ଘରୋଇ ହସ୍ପିଟାଲମାନଙ୍କ ପାଇଁ କୋଭିସିଲଡ ଟିକା ଦାମ ଏବେ ୬ ଶହ ଟଙ୍କାରୁ କମାଇ ଦିଆଯାଇଛି । ଏବେ ଏହି ଟିକା ଦାମ ୨୨୫ ଟଙ୍କା ରଖାଯାଇଛି ବୋଲି ପୁନାବାଲା କହିଛନ୍ତି । ଅଦାର ପୁନାବାଲା ଟୁଇଟ୍ କରି ଲେଖିଛନ୍ତି, ଏହି ଘୋଷଣା କରି ଖୁସି ହେଉଛି ଯେ, କେନ୍ଦ୍ର ସରକାରଙ୍କ ସହ ଚର୍ଚ୍ଚା ପରେ ଏବେ ସିରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଘରୋଇ ହସ୍ପିଟାଲ ପାଇଁ କୋଭିସିଲଡ୍ ଟିକା ଦାମ କମାଇ ଦେଇଛି । ଏବେ ୬୦୦ ଟଙ୍କା ବଦଳରେ ଏହି ଟିକା ୨୨୫ ଟଙ୍କାରେ ଉପଲବ୍ଧ ହେବ । ଅନ୍ୟପଟେ ଏବେ କୋଭାକ୍ସିନ୍ ଓ କୋଭାଭାକ୍ସ ଟିକା ମଧ୍ୟ ୨୨୫ ଟଙ୍କାରେ ଘରୋଇ ହସ୍ପିଟାଲରେ ମିଳିପାରିବ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, କୋଭିଡ୍ ମହାମାରୀ ବିପକ୍ଷ ଯୁଦ୍ଧ ଲଢିବାକୁ କେନ୍ଦ୍ର ସରକାର ଏବେ ୧୮ ବର୍ଷରୁ ଅଧିକ ବୟସ୍କ ନାଗରିକଙ୍କୁ ବୁଷ୍ଟର ଡୋଜ୍ ନେବାକୁ ଅନୁମତି ଦେଇସାରିଛନ୍ତି । ଆସନ୍ତା ଏପ୍ରିଲ ୧୦ ତାରିଖରୁ ଘରୋଇ ସେଂଟରରେ ଏହି ବୁଷ୍ଟର ଡୋଜ୍ ନେଇପାରିବେ । ତେବେ ଯେଉଁ ଲୋକମାନେ କେବଳ ଦ୍ୱିତୀୟ ଡୋଜ୍ ନେଇଥିବାର ୯ ମାସ ପୂରଣ କରିଥିବେ, ସେମାନେ ହିଁ କେବଳ ବୁଷ୍ଟର ଡୋଜ୍ ନେଇପାରିବେ ।

ଆଜିଠାରୁ ୧୮ବର୍ଷରୁ ଉର୍ଦ୍ଧ୍ୱଙ୍କୁ ପ୍ରତିଷେଧକ ଟିକା

ନୂଆଦିଲ୍ଲୀ, ୦୯/୦୪ : ୧୮ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କୋଭିଡ ଟିକାର ପ୍ରତିଷେଧକ ମାତ୍ରା ଘରୋଇ ଟିକାକରଣ କେନ୍ଦ୍ରରେ ପ୍ରଦାନ କରିବାକୁ ସ୍ଥିର ହୋଇଛି । ଏହି ଶ୍ରେଣୀର ଟିକାକରଣ କାର୍ଯ୍ୟକ୍ରମ ଆସନ୍ତାକାଲି (ରବିବାର)ଠାରୁ ଆରମ୍ଭ ହେବ । ଯେଉଁମାନଙ୍କ ବୟସ ୧୮ବର୍ଷରୁ ଅଧିକ ଓ ଦ୍ୱିତୀୟ ମାତ୍ରା ଗ୍ରହଣ କରିବା ନଅମାସ ସମ୍ପୂର୍ଣ୍ଣ ହୋଇଥିବ ସେମାନେ ପ୍ରତିଷେଧକ ମାତ୍ରା ଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହେବେ । ଏହି ସୁବିଧା ପ୍ରତ୍ୟେକ ଘରୋଇ ଟିକାକରଣ କେନ୍ଦ୍ରରେ ଉପଲବ୍ଧ ହେବ । ଅପରପକ୍ଷରେ ଟିକା ▶▶ପୃଷ୍ଠା ୭

ବିଏମ୍‌ସି ମେୟର ଭାବେ ଶପଥ ନେଲେ ସୁଲୋଚନା ଦାସ

ଭୁବନେଶ୍ୱର, ୦୯/୦୪ (ନି.ପ୍ର): ଶ୍ରୀମତୀ ସୁଲୋଚନା ଦାସ ଶନିବାର ଦିନ ଭୁବନେଶ୍ୱର ମହାନଗର ନିଗମର ମେୟର ଭାବେ ଶପଥ ଗ୍ରହଣ କରିଛନ୍ତି । ସେ ହେଉଛନ୍ତି ବିଏମସିର ପ୍ରଥମ ମହିଳା ମେୟର । ବିଏମ୍‌ସି କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ଗୃହ ଓ ନଗର ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ତାଙ୍କୁ ଶପଥ ପାଠ କରାଇଛନ୍ତି । ଶପଥ ଗ୍ରହଣ କରିବା ପରେ ସୁଲୋଚନା ଦାସ ରାଜଧାନୀବାସୀଙ୍କୁ ଧନ୍ୟବାଦ ଦେବା ସହ ଭୁବନେଶ୍ୱରର ବିକାଶ ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ଟିମୱାର୍କ ଜରିଆରେ ରାଜଧାନୀର ବିକାଶ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ କରିବାକୁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେଭଳି ଭୁବନେଶ୍ୱରଟିଏ ତିଆରି ହେଲେ ହିଁ ସମସ୍ତଙ୍କର ସ୍ୱପ୍ନ ପୂରଣ ହେବ ବୋଲି ସୁଲୋଚନା ଦାସ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ରାଜଧାନୀର ସାଢେ ୧୧ ଲକ୍ଷ ଲୋକ ଆମ ପରିବାର । ଶେଷ ଲୋକ ପର୍ଯ୍ୟନ୍ତ କିଭଳି ଆମ ଯୋଜନା ପହଞ୍ଚିବ ସେଥିପାଇଁ କାମ କରିବୁ । ସ୍ମାର୍ଟ ସିଟିରେ ନଂ-୧ ଯେଭଳି ବଜାୟ ରହିବ ବୋଲି ସେ କହିଛନ୍ତି । ସେହିପରି ସେ କହିଛନ୍ତି ଯେ ଭୁବନେଶ୍ୱରରେ ଅନେକ ଐତିହାସିକ କିର୍ତ୍ତୀରାଜି ରହିଛି । ସେଗୁଡିକର କିଭଳି ରକ୍ଷଣାବେକ୍ଷଣ କରିହେବ ସେନେଇ କାମ କରିବୁ । ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିକାଶ ନେଇ ଯେଉଁ ପଦକ୍ଷେପ ନେଇଛନ୍ତି । ତାକୁ ଗୁରୁତ୍ୱ ଦେଇ ସବୁବେଳେ କାମ କରିବୁ ବୋଲି ସେ କହିଛନ୍ତି ।

କାଳବୈଶାଖୀ ସମ୍ଭାବନା, ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୦୯/୦୪ (ନି.ପ୍ର): ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡଘଡି , ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏସମ୍ପର୍କରେ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେନ୍ଦୁଝର, ମୟୂରଭଂଜ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ ଓ ଗଜପତି ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ଝଡ଼ବର୍ଷା ଜନିତ କାଳବୈଶାଖୀ ହେବାର ସମ୍ଭାବନା ରହଥିବାରୁ ଏହି ୮ଟି ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ଏହା ବ୍ୟତୀତ ଏହି ସମୟ ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଂଜାମ, କନ୍ଧମାଳ, ନବରଙ୍ଗପୁର, କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା/ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଏକ ସତର୍କ ସୂଚନାରେ କୁହାଯାଇଛି। ସେହିପରି ୧୦ ତାରିଖରୁ ୧୧ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି ଓ ଗଂଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟ ପକ୍ଷରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଆସନ୍ତା ୫ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।

ପ୍ରଭୂ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା, ତିନିମୁଣ୍ଡିଆ ଛକରେ ଅଟକିଲା ରଥ

ଭୁବନେଶ୍ୱର, ୦୯/୦୪ (ନି.ପ୍ର): ୨ ବର୍ଷର କୋଭିଡ୍ କଟକଣା ପରେ ଆଜି ଗଡିଛି ପ୍ରଭୂ ଲିଙ୍ଗରାଜଙ୍କ ରୁକୁଣା ରଥ। କଟକଣା କୋହଳ ହେବା ପରେ ଭକ୍ତମାନେ ଆଜି ପ୍ରଭୂଙ୍କ ରଥ ଟାଣିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପବିତ୍ର ଅଶୋକାଷ୍ଟମୀରେ ଶନିବାର ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ତିନିମୁଣ୍ଡିଆ ଛକରେ ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ ଅଟକିଥିଲା। ସୂର୍ଯ୍ୟାସ୍ତ ହୋଇଯିବାରୁ ରଥ ଟଣା ବନ୍ଦ କରାଯାଇଛି। ଆସନ୍ତାକାଲି ସକାଳେ ନୀତିକାନ୍ତି ପରେ ପୁଣି ରଥ ଟଣାଯିବ ବୋଲି ସୂଚନା ମିଳିଛି। ଶନିବାର ଭୋର ସମୟରୁ ବାବା ଲିଙ୍ଗରାଜଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ପ୍ରଥମେ ମଙ୍ଗଳ ଆଳତୀ ଓ ଅବକାଶ ନୀତି , ସାହାଣମେଲା ଦର୍ଶନ, ରୋଷ ହୋମ , ପାକ, ସକାଳ ଧୂପ ଏବଂ ଅନ୍ୟାନ୍ୟ ପୂଜା ପରେ ମଧ୍ୟାହ୍ନ ୧୨ ଟାରେ ଯାତ୍ରା ପୂଜା ହୋଇଥିଲା। ମଧ୍ୟାହ୍ନ ୧୨ ଟା ୩୦ରେ ପହଣ୍ଡି ଆରମ୍ଭ ହୋଇଥିଲା। ଅପରାହ୍ନ ୩ ଟା ୩୦ରେ ରଥ ଟାଣିବାକୁ ସମୟ ନିର୍ଘଂଟ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟର ▶▶ପୃଷ୍ଠା ୭

ଧର୍ମଶାଳା ରଜ କୁଇନ ପାଇଁ ଗାଲର୍ସ ଉଇଙ୍ଗ୍ ପକ୍ଷରୁ ପ୍ରସ୍ତୁତି ବୈଠକ

ଧର୍ମଶାଳା,୦୯/୦୪ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ରଜ କୁଇନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରଜ କୁଇନ ଆବେଦନ ପତ୍ର ଶୁଭ ଉଦଘାଟିତ ହୋଇଛି । ଧର୍ମଶାଳା କଳ୍ପତରୁ ଦାସ ନେସନାଲ ଫାଉଁଣ୍ଡେସନ ତରଫରୁ ବିଜେଡି ଗାର୍ଲସ ଉଇଙ୍ଗ୍ ସହଯୋଗରେ ଚଳିତ ବର୍ଷ ରଜ କୁଇନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳନ୍ତରାୟଙ୍କ ନିର୍ଦ୍ଦେଶ କ୍ରମେ କଳ୍ପତରୁ ଦାସ ନେସନାଲ ଷ୍ଟାଡିୟମ ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଧର୍ମଶାଳା ଗାର୍ଲସ ଉଇଙ୍ଗ୍ ସଭାନେତ୍ରୀ କ୍ଷୀରବ୍ଧୀ ତନୟା ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତ କମକର୍ତା ଯୋଗ ଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ । ସମସ୍ତ ଜୋନର ସଭାନେତ୍ରୀ,ପଂଚାୟତ ସଭାନେତ୍ରୀ ଓ ଜିଡିଟାଲ ସେକ୍ରେଟେରୀଙ୍କ ସମେତ ସମସ୍ତ କମକର୍ତାଙ୍କ ଉପସ୍ଥିତିରେ ରଜ କୁଇନ ଆବେଦନ ପତ୍ର ଶୁଭ ଉଦଘାଟିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଇଚ୍ଛୁକ ପ୍ରାର୍ଥୀନୀ ନିଜ ନିଜର ପଂଚାୟତ ଗାଲର୍ସ ଉଇଙ୍ଗ୍ ସଭାନେତ୍ରୀଙ୍କ ସହ ଯୋଗ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିବା ବେଳେ ଏହି ଆବେଦନର ବୟସ ସୀମା ୧୬ରୁ ୩୦ ବର୍ଷ ପର୍ଯ୍ୟନ୍ତ ରହିଛି । ଜିଲା ପରିଷଦ ସଭ୍ୟା ତଥା ଜୋନ ସଭାନେତ୍ରୀ ସ୍ମୃତିରେଖା ବେହେରା,ମହିସରା ସରପଂଚ ତଥା ଗାର୍ଲସ ଉଇଙ୍ଗର ସାଧାରଣ ସମ୍ପାଦିକା ସଫଳା ବେହେରା ଯୋଗ ଦେଇଥିବା ବେଳେ ବିଜେଡି ଯୁବ ଛାତ୍ର ସଭାପତି କ୍ଷିତିଶ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ।

ଭୁବନରେ ବେଆଇନ ଜବରଦଖଲ ପ୍ରତି ଅଙ୍କୁଶ ନାହିଁ

ଭୁବନ,୦୯/୦୪ (ନି.ପ୍ର): ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ଚଳିତବର୍ଷ ୫୦ତମ ବାର୍ଷିକ ଉତ୍ସବ ଅର୍ଥାତ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଥିବାବେଳେ ଏହି କ୍ଷୁଦ୍ର ସହରଟି ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁ ମାଷ୍ଟର ପ୍ଲାନରୁ ବଂଚିତ ହୋଇଛି । ପର୍ଯ୍ୟାପ୍ତ ସରକାରୀ ଜାଗା ଜବରଦଖଲକାରୀଙ୍କ କବଳକୁ ଚାଲିଯାଉଛି । ଦିନକୁ ଦିନ ସରକାରୀ ଜାଗା ପରିସୀମା ସଙ୍କୁଚିତ ହୋଇଯାଉଥିବାରୁ ନୂତନ ପ୍ରକଳ୍ପ ପାଇଁ ସ୍ଥାନ ଅଭାବ ମୁଖ୍ୟ ସମସ୍ୟା ପାଲଟିଛି । ସହରର ମୁଖ୍ୟରାସ୍ତାରେ ଜବରଦଖଲ ବୃଦ୍ଧି ପାଉଥିବା ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀ ଏହାକୁ ନଜରଅନ୍ଦାଜ କରିଚାଲିଛନ୍ତି । ଭୁବନ ତହସିଲ କାର୍ଯ୍ୟାଳୟ ଠାରୁ ମାତ୍ର ୫୦ ମିଟର ଦୂରରେ ଭୁବନ-କାମାକ୍ଷାନଗର ମୁଖ୍ୟ ରାସ୍ତାରେ ଡ୍ରେନ ଉପରେ ସ୍ଥାୟୀଗୃହ ଓ ଦୋକାନ ଘର ନିର୍ମାଣ ଚାଲିଥିବାବେଳେ ଏଭଳି ବେଆଇନ ଜବରଦଖଲକୁ ତହସିଲଦାର ପ୍ରୋତ୍ସାହନ ଦେଉଛନ୍ତି ବୋଲି ଚର୍ଚ୍ଚାହେଉଛି । ଏହି ବେଆଇନ ଜବରଦଖଲ ନିର୍ମାଣ କାର୍ଯ୍ୟ ଆରମ୍ଭରୁ ରୀତିମତ ତହସିଲଦାରଙ୍କୁ ସୂଚନା ଦିଆଯିବା ସହକାର୍ଯ୍ୟର ଅଗ୍ରଗତି ଫଟୋ ମଧ୍ୟ ଦିଆଯାଇଥିଲା । ଏସବୁବାଦ ତହସିଲଦାର କୌଣସି ପଦକ୍ଷେପ ନେଇନାହାଁନ୍ତି । ଏଠାରେ ନୂଆକରି ଯୋଗଦେଇଥିବା ତହସିଲଦାର ଡଃ ରୋଜାଲିନ ବେହେରା ସର୍ବଦା ଗଣମାଧମ ପ୍ରତିନିଧିଙ୍କୁ ଉପେକ୍ଷା କରିବା, ଫୋନ ରିସିଭ ନକରିବା, କୌଣସି ସୂଚନା ନେଦେବାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ ।

ଦିବ୍ୟାଙ୍ଗମାନଙ୍କୁ ନେଇ ସ୍ୱାସ୍ଥ୍ୟ ଦିବସରେ ଅମୃତ ମହୋତ୍ସବ

ବଲାଙ୍ଗୀର,୦୯/୦୪ (ନି.ପ୍ର): ବଲାଙ୍ଗୀର ଭୀମଭୋଇ ମେଡିକାଲ୍ କଲେଜ ଓ ହସପିଟାଲ ପ୍ରେକ୍ଷାଳୟ ଠାରେ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ହେଲଥ୍ ଆଥଲେଟସ କାର୍ଯ୍ୟକ୍ରମ ଉଦଘାଟିତ ହେଇଯାଇଛି ।

ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିବିଏମସି ଡିନ ଡାକ୍ତର ସବିତା ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଭୀମଭୋଇ ମେଡିକାଲ ର ସୁପରିଟେନଡେଣ୍ଡ ମହେନ୍ଦ୍ର ନାୟକ ,ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ନବ କୃଷ୍ଣ ସାହୁ,ଏସଭି ନିରତାର ର ନିର୍ଦ୍ଦେଶକ ଡ଼ା. ସୂର୍ଯ୍ୟମଣି ପ୍ରସାଦ,ବଲାଙ୍ଗିର ସାଂସଦଙ୍କ ପ୍ରତିନିଧି ଦିନେଶ ଶର୍ମା ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗ ମାନଙ୍କୁ ମୁଖ୍ୟ ସ୍ରୋତ ରେ ସାମିଲ୍ କରିବା ପାଇଁ ସ୍ୱତନ୍ତ୍ର ଅଲିମ୍ପିକ ଭାରତ ର ପ୍ରୟାସ ଏକ ପ୍ରସଂଶନୀୟ କାର୍ଯ୍ୟକ୍ରମ ବୋଲି ଅଭିହିତ କରିଥିଲେ । ସ୍ୱତନ୍ତ୍ର ଅଲିମ୍ପିକ ଭାରତ ର ଜିଲ୍ଲା ସଂଯୋଜକ ଉମାକାନ୍ତ ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ଦିବ୍ୟଙ୍ଗ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ବୌଦ୍ଧ ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟିତ : ୩୫ଟି ପ୍ରକଳ୍ପ ପ୍ରଦର୍ଶିତ

ବୌଦ୍ଧ,୦୯/୦୪ (ନି.ପ୍ର): ବୌଦ୍ଧ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗଦେଇ ଆନୁଷ୍ଠାନିକ ଭାବରେ ଏହି ପ୍ରଦର୍ଶନୀକୁ ଉଦଘାଟନ କରିବା ସହିତ ନୂତନ ନୂତନ ବୈଜ୍ଞାନିକ ତଥ୍ୟ ଅନ୍ୱେଷଣରେ ମନୋନିବେଶ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲା ଶିକ୍ଷା ଅଧିକାରୀ ଡଃ. ଉଦୟ ନାଥ ମାଝୀ ଆୟୋଜିତ ସଭାରେ ଅଧକ୍ଷତା କରିବା ସହିତ ବିଜ୍ଞାନ ମାଧମରେ ସମାଜର ବିକାଶ ହୋଇଥାଏ ବୋଲି ବକ୍ତବ୍ୟ ରଖିଥିଲେ । ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଘିବେଲା ଓ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବାରାଜ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସତ୍ୟର ଅନୁସନ୍ଧାନ ହିଁ ବିଜ୍ଞାନ, ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମରେ ଭାଗନେଲେ ଚିନ୍ତା ଶକ୍ତିର ବିକାଶ ହୋଇଥାଏ,ପ୍ରକଳ୍ପ ପଛରେ ରହିଥିବା ନିୟମକୁ ଠିକ୍ ଭାବରେ ବୁଝିବା ଆବଶ୍ୟକ, ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ରହିଛି ବୋଲି ବକ୍ତବ୍ୟ ରଖିଥିଲେ । ଜିଲା ବିଜ୍ଞାନ ନିରୀକ୍ଷକ ଦେବେନ୍ଦ୍ର କୁମାର ଦେହୁରୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ପ୍ରଦର୍ଶନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ପଦ୍ମଜା ପତି ଧନ୍ୟବାଦ ପ୍ରଦାନ କରିଥିଲେ । ଜିଲାର ତିନିଗୋଟି ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରୁ ମନୋନୀତ ହୋଇଥିବା ୩୫ ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବାବେଳେ ୭୦ଜଣ କୁନି ବୈଜ୍ଞାନିକ ଓ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ବିଚାରକ ଭାବରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଓ ବୌଦ୍ଧ ଆଦର୍ଶ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ମୁଖ୍ୟ ପ୍ରମୁଦତ୍ତ ହୋତା ଯୋଗଦାନ କରି ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ । ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସହଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା, ଅଖିଳ କୁମାର ପ୍ରଧାନ, ବରିଷ୍ଠ ବିଜ୍ଞାନ ଶିକ୍ଷକ ଓମପ୍ରକାଶ ପ୍ରଧାନ, ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଦାନନ୍ଦ ଜାଲ, ସତ୍ୟ ନାରାୟଣ ଦେହୁରୀ, ସିଆରସିସି ରାଜକୁମାର ପ୍ରଧାନ, ସନ୍ତୋଷ କୁମାର କର୍ଣ୍ଣ, ସଞ୍ଜୟ କୁମାର ଦେହୁରୀ, ସନ୍ତୋଷ କୁମାର ଶତପଥୀ, ପୂର୍ଣ୍ଣଚନ୍ଦ୍ର କରଡିଆ ଓ ନିରଞ୍ଜନ ମେହେର ପ୍ରମୁଖ ବିଜ୍ଞାନ ପ୍ରଦର୍ଶନୀ ପରିଚାଳନାରେ ସହଯୋଗ କରିଥିଲେ ।

ଘଟଗାଁ ରାଜସ୍ୱ ବିଭାଗ ଓ ଇଟା ମାଫିଆଙ୍କ ମଧୁଚନ୍ଦ୍ରିକା : ରାଜସ୍ୱ ହାନି ଓ ପରିବେଶ ପ୍ରଦୂଷଣ

ଘଟଗାଁ,୦୯/୦୪ (ନି.ପ୍ର): ଓଡିଶା ସରକାରଙ୍କ ଘୋଷିତ କାର୍ଯ୍ୟକାରୀ ୫ଟି ଯୋଜନା ନିଶ୍ଚିତ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ପରି ପଦକ୍ଷେପ । ଯାହା ସାଧାରଣରେ ଆସ୍ଥା ଓ ବିଶ୍ୱାସ ବୃଦ୍ଧି କରିଚାଲିଛି । ମାତ୍ର କିଛି ଆତ୍ମସାତ କରୁଥିବା ସରକାରୀ କର୍ମଚାରୀ ଆରଆଇ ଏବଂ ଇଟା ମାଫିଆଙ୍କ ମଧୁଚନ୍ଦ୍ରିକାରେ ବହୁଚର୍ଚ୍ଚିତ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ତହସିଲର ଅନ୍ତର୍ଭୁକ୍ତ ତରା ଆରଆଇ ଅଞ୍ଚଳରେ ଗଢିଉଠିଥିବା ମାଟି ଇଟା ତିଆରି କରିଡ଼ର କେତେ ପ୍ରଦୂଷଣ କବଳିତ ରାଜସ୍ୱ ଲୁଟ ହେଉଛି । ନ ଦେଖିଲେ କେହି ଅନୁଭବ କରିପାରିବେ ନାହିଁ । ଏହି ଇଟା କରିଡ଼ର ଯୋଗୁଁ ଗ୍ରାମବାସୀମାନେ ଧୂଳିଧୁଆଁର ଜଳ ପ୍ରଦୂଷଣ ମଧରେ ଆଶା ଆଶଙ୍କା ଓ ନିରାଶରେ ଜୀବନ ବିତାଉଛନ୍ତି ।ଅନୁସନ୍ଧାନରୁ ଜଣାଯାଏ ଯେ ୨୦୧୮-୧୯ ମସିହାରୁ ସରକାରୀ ଆଇନବଳରେ ମାଟିଇଟା ତିଆରି ଓ ପୋଡ଼ିବାକୁ ସଂପୂର୍ଣ୍ଣ ନିଷେଧ କରାଯାଇଥିଲେ ମଧ୍ୟ ତାହା ଉଲଘଂନ କରାଯାଇଛି । ଇଟା ମାଫିଆଙ୍କ ମଧୁଚନ୍ଦ୍ରିକାରେ କେତେକ ଦୁର୍ନୀତି ଗ୍ରସ୍ତ ସରକାରୀ କର୍ମଚାରୀ ମୋଟା ଅଙ୍କରେ ନିଜ ପକେଟ୍ ପୂରାଇ ନାମକୁ ମାତ୍ର ରାଜସ୍ୱ ଆଳରେ ଗ୍ରହଣ କରନ୍ତି । ପ୍ରକାଶ ଯେ ସରକାରଙ୍କ ରାଜସ୍ୱ ଜନହିତକର କଲ୍ୟାଣକାରୀ ଯୋଜନା ଏଠାରେ ସାଧାରଣ ଜନତାକୁ ଅକାଳବ୍ୟାଧି, ଅପମୃତ୍ୟୁରେ ପରିଣତ ହେଉଛି । ଏପରି ଘଟେ କେବଳ ବେଆଇନ ଇଟା ତିଆରି ଓ ଇଟାମାଫିଆଙ୍କ ପାଇଁ । ଘଟଗାଁ ତହସିଲ ଅନ୍ତର୍ଗତ ରାଜସ୍ୱ ବିଭାଗ ତରା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଅଞ୍ଚଳ ଓ ଖୋଦ ବାଣକାଣ୍ଡ ନାକଝରି ଆଦି ଗ୍ରାମମାନଙ୍କରେ ବେଆଇନ ଇଟା ବେପାରୀଙ୍କ ଇଟା ତିଆରି ଓ ଭାଟି ଖୁଲମଖୁଲା ଚାଲିଛି । ଏଥିପ୍ରତି ତହସିଲ କୌଣସି ପଦକ୍ଷେପ ନେଉନଥିବା ବେଳେ ଉକ୍ତ ଅଞ୍ଚଳରେ ନିଜସ୍ୱ ଘର କରିବାକୁ ମାଟି ବାଲି ପଥର ନେଉଥିବା ଟ୍ରାକ୍ଟର ଜବତ କରି ହଜାର ହଜାର ଟଙ୍କା ଫାଇନ୍ କରାଯାଉଥିବା ଅଭିଯୋଗ ହୋଇଛି । ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ଆର୍ଥିକାବସ୍ଥା ଓ ଭୟାଲୁ ଯୋଗୁ ଇଟା ମାଫିଆମାନେ ଆର୍ଥିକ ଲୋଭ ଓ ଭୟ ଦେଖାଇ କାର୍ଯ୍ୟ କରୁଥିବା ଅଭିଯୋଗ ରହିଛି । ବିଡ଼ମ୍ବନାର ବିଷୟ ଯେ ଇଟା ମାଫିଆମାନେ ବାଲି ମାଟି ସଂଗ୍ରହ କରୁଥିବା ସ୍ଥାନମାନଙ୍କରେ ଗଭୀର ଧୋଡାକୁ ପୋତୁ ନଥିବାରୁ ଏହା ପଶୁ ସଂପଦ ଓ ବନ୍ୟ ଜୀବଜନ୍ତୁ ମୃତ୍ୟୁମୁଖରେ ପଡିବାକୁ ଏଡାଇ ଦିଆଯାଇନପାରେ ।

ନୀଳଗିରି ଘଟଣାକୁ ନେଇ ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ପ୍ରତିବାଦ

ଧର୍ମଶାଳା,୦୯/୦୪ (ନି.ପ୍ର): ବାଲେଶ୍ୱର ଜିଲା ନୀଳଗିରିରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଅପରାଧୀ ଭଳି ପୁଲିସର ବ୍ୟବହାର ଓ ଗୋଡରେ ବେଡି ପକାଇବା ଘଟଣାକୁ ନେଇ ରାଜ୍ୟରେ ସାମ୍ବାଦିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଅବସରରେ ଯାଜପୁର ଜିଲା ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ଆଜି ଏହି ଘଟଣାକୁ ନେଇ ତ୍ରୀବ୍ର ନିନ୍ଦା କରାଯିବା ସହିତ ନୀଳଗିରି ଥାନା ଅଧିକାରୀଙ୍କୁ ଗିରଫ ଦାବିରେ ରାଜ୍ୟ ମାନବିକ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଧର୍ମଶାଳା ତହିସିଲାଦାରଙ୍କ ନିକଟରେ ପ୍ରଦାନ କରିଛନ୍ତି । ମିଡିଆ କ୍ଲବର ସଭାପତି ବିମଳ ପତିଙ୍କ ନେତୃତ୍ୱରେ କ୍ଲବର ସମସ୍ତ କର୍ମକର୍ତା ଓ ସଭ୍ୟମାନେ ଧର୍ମଶାଳା ବାଣୀପୀଠରୁ କଳା ବ୍ୟାଚ ପରିଧାନ କରି ବିଭିନ୍ନ ନାରାବାଜି ଦେଇ ତହସିଲ କାର୍ଯ୍ୟାଳୟରେ ପଂହଚି ଏହି ଦାବି ପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ ।

ମୁଳାସର ପୂଜା କମିଟି ନାମରେ ପଟା ରେକର୍ଡ କରିବା ଦାବି

ଜୟପୁର,୦୯/୦୪ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ମୁଳାସର ଗ୍ରାମର ଗ୍ରାମବାସୀ ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଉପ ଜିଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଛି ଯେ ୨୦୨୨ ମସିହା ରେ ବାଲିଯାତ୍ରା ଆରମ୍ଭ ହୋଇ ଚୈତ ମାସରେ ଉଦଯାପିତ ହେବାକୁ ଯାଉଛି । ଉକ୍ତ ବାଲି ଯାତ୍ରା ଉପଲକ୍ଷେ ବହୁତ ଖଚ୍ଚ ହେଉଛି । ବାଲି ଯାତ୍ରା ପାଇ ସରକାରଙ୍କ ତରଫରୁ ଦେବତା ଭୁମି ନାମରେ ଜମି ରହିଛି । ଏହ ଜମିର ପଟା ୩ଜଣଙ୍କ ନାମରେ ରହିଛି । ଏହି ୩ଜଣ ମୃତ୍ୟୁ ବରଣ କରିଛନ୍ତି । ପୁବରୁ ଗ୍ରାମର ରଇତ ହିସାବରେ ଖାତାଦାର ମାନେ ଚୈତ ମାସ ପୁବରୁ ବାର୍ଷିକ ୫ ପଉଟି ଧାନ ଦେବା ସକାଶେ ସ୍ଥିର ହୋଇଥିଲା । ଏହି ହିସାବରେ ଉକ୍ତ ଖାତାଦାର ମାନେ ଧାନ ଦେଇ ଆସୁଥିଲେ । ଯାହାକି ପ୍ରତ୍ୟେକ ବର୍ଷ ବାଲିଯାତ୍ରାରେ ଖଚ୍ଚ ହେଉଥିଲା । ବତମାନ ଖାତାଦାର ମାନେ ମୃତ୍ୟୁ ବରଣ କରିଥିବା ବେଳେ ଉତରାଧିକାରି ମାନେ ଜୀବତ ଅଛନ୍ତି । ବତମାନ ଏହି ଅଂଚଳରେ ପାଣିର ସୁବିଧା ହେତୁ ଜମି ରେ ୨ ପାଚି ହେଉଛି । ବର୍ଦ୍ଧିତ ହାରରେ ଧାନ ମାଗିବାକୁ ଗଲେ ସେମାନେ ରାଜି ହେଉନଥିବା ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି । ଧାନ ମାଗିଲେ ଧମକ ଚମକ ଦେବା ସହ ଆପ୍ରିତି କର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହଛି । ତେଣୁ ପ୍ରଶାସନ ହସ୍ତ କ୍ଷେପ କରି ତଦନ୍ତ କରି ସେହି ଜମିକୁ ମୁଳାସର ପୁଜା କମିଟି ନାମରେ ପଟା ରେକର୍ଡ କରିବା ସକାଶେ ପଦକ୍ଷେପ ନେବାକୁ ଭୀମା ଦେବତା ପୁଜା କମିଟିର ସଦସ୍ୟ ବି ହରିରାଓ, ରାମ ଚନ୍ଦ୍ର ଭୁମିଆ, ସ୍ୟାମ ନାୟକ, ଅର୍ଜୁନ ଭୁମିଆ ପ୍ରମୁଖ ଦାବୀ କରିଛନ୍ତି । ଏହାର ନକଲ ଜୟପୁର ତହସିଲଦାର ପ୍ରଧାନ ଟୁଲ୍ଲିଆମ୍ମାଙ୍କୁ ପ୍ରଦାନ କରାଯାଇଛି ।

ଶିକ୍ଷା ସଚେତନତା ରଥ ଉଦ୍‌ଘାଟିତ

କନ୍ଧମାଳ ,୦୯/୦୪ (ନି.ପ୍ର): ଖଜୁରୀପଡା ସଦରମହକୁମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଛାତ୍ରଛାତ୍ରୀ ଅଭିଭାବକ ମାନଙ୍କ ସଚେତନତା ପାଇଁ ଶିକ୍ଷା ସଚେତନତା ରଥ ଉଦଘାଟନ ହୋଇଯାଇଛି ।ମୁଖ୍ୟତଃ କରୋନା ସଂକ୍ରମଣ କାରଣରୁ ରାଜ୍ୟର ସରକାର ଏବଂ କେନ୍ଦ୍ର ସରକାର ଙ୍କ ନିଷ୍ପତ୍ତି ପ୍ରକାରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କୁ ଅନଲାଇନ୍ ଶିକ୍ଷା ପ୍ରଦାନ କରାଯାଉଥିଲା । କିନ୍ତୁ ବିଭିନ୍ନ ଜିଲ୍ଲା ତଥା ଅଂଚଳରେ ତାହା ସମ୍ଭବପର ମଧ୍ୟ ନଥିଲା । ତେଣୁ ଲକ୍ଷଲକ୍ଷ ଛାତ୍ରଛାତ୍ରୀ ଉତ୍ତମ ଶିକ୍ଷାଦାନରୁ ବଂଚିତ ହେବାସହ ପାଠପଢାରେ ସମସ୍ୟା ଦେଖାଦେଇଥିଲା । ବର୍ତ୍ତମାନ ସରକାର ପୂନର୍ବାର ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ସହ କିଭଳି ସବୁବେଳେ ବିଦ୍ୟାଳୟ ଆସି ଶିକ୍ଷା ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିବେ ଏବଂ ଏଥିପାଇଁ ଅଭିଭାବକ ମାନଙ୍କ ଭୂମିକାକୁ ମଧ୍ୟ ଗୁରୁତ୍ୱ ଦେବା ପାଇଁ ଏହି ଅଭିନବ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଆଜିର ଏହି ସଚେତନତା ରଥ ଉଦଘାଟନ ଅବସରରେ ମୁଖ୍ୟ ଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିନ୍ଦ୍ରନାଥ କହଁର ଉଦଘାଟନ କରିଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ କୁମାର ଦିଗାଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ କ୍ସୋସ୍ନାରାଣୀ ମଲିକ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଶିବାରାଣୀ ମଲିକ ଶିକ୍ଷକ ଅଲେଖ କୁମାର ଦାସ ସିଆରସିସି ସୁନିଲ କୁମାର ବେହେରା ରଜତ କୁମାର ପାଢ଼ୀଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ସଚେତନତା ରଥକୁ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ କୁମାର ଦିଗାଲ ପତାକା ହଲାଇ ଉଦଘାଟନ କରିଥିଲେ । ସେହିଭଳି ଆର ନୂଆଁଗାଁ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ସୁର ପ୍ରସାଦ ନାୟକ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ମାନଙ୍କ ଉପସ୍ଥିତ ରେ ଶିକ୍ଷା ସଚେତନତା ରଥ ଉଦଘାଟନ କରିଥିଲେ ।

ଜୟପୁର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ

ଜୟପୁର,୦୯/୦୪ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର ପରିସରରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜୟପୁର ତହସିଲଦାର ଶ୍ରୀମତୀ ପ୍ରଧାନ ଟୁଲି ଆମ୍ମା ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଅର୍ପିତା ପ୍ରଧାନ ଯୋଗଦାନ କରି ଏହି ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ ।ଏହି ବିଜ୍ଞାନ ମେଳାରେ ମୋଟରେ ୧୪୭ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବେ ଅତୁଲ୍ୟ କୁମାର ପଟ୍ଟନାୟକ, ବିନୋଦ କୁମାର ପଟ୍ଟନାୟକ, କିଶୋର ଚନ୍ଦ୍ର ପଣ୍ଡା,ସରୋଜ କୁମାର ପାଢୀ,ଆଶିଷ କୁମାର ପାଢୀ ଯୋଗଦାନ କରି ପ୍ରକଳ୍ପ ଗୁଡ଼ିକ ଚୟନ କରିଥିଲେ ।

ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିବା ପ୍ରକଳ୍ପ ଗୁଡିକ ହେଲା:ଉଜମା ଖାଟୁନ-ସୁନାରୀ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଦୀପାଞ୍ଜଳି ଗୌଡ଼-କୁମ୍ଭାର ସାହି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୀକ୍ଷା ମଣ୍ଡଳ-ଫାଂପୁଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ପ୍ରତ୍ୟୁଷ ମହାପାତ୍ର-ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଅରବିନ୍ଦ ନଗର,ଲଳିତ କୁମାର ନାୟକ-ପୌର ଉଚ୍ଚ ବିଦ୍ୟାଳୟ,ଚନ୍ଦନବାଡ,ଜୟପୁର । ଅପରାହ୍ଣରେ ପ୍ରଧାନ ଶିକ୍ଷକ ସିମାଂଚଳ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଅର୍ପିତା ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୃତ୍ୟୁଞ୍ଜୟ ପଣ୍ଡା ଓ ସୁଦର୍ଶନ ନାୟକ ଯୋଗଦାନକରି କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ଓଁମପ୍ରକାଶ ମିଶ୍ର, ଦିଲୀପ କୁମାର ପଣ୍ଡା,ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଦେବେନ୍ଦ୍ର ପାଢ଼ୀ, କଲ୍ୟାଣୀ ନାୟକ,ସୋମନାଥ ସାକିଆ,ବିଶ୍ୱ ରଞ୍ଜନ ଗୌଡ଼,ପ୍ରଭାତ କୁମାର ରଥ, ନରେଶ କୁମାର ଷଡ଼ଙ୍ଗୀଙ୍କ ସମେତ ବ୍ଲକର ସମସ୍ତ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ,ସମସ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ,ସମସ୍ତ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ପରିଚାଳନା କରିଥିଲେ । ଏହି ଅବସରରେ ବାଲୁକା ଶିଳ୍ପୀ ପ୍ରଦ୍ୟୁମ୍ନ ବାରିକ ଓ ପ୍ରଭାକର ମହାରଣାଙ୍କ ଦ୍ୱାରା ବାଲୁକା କଳା ପ୍ରଦର୍ଶନ କରାଯାଇଥିଲା ।ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଦେଶୀ ମଦ ଚାଲାଣ : ୨ ଗିରଫ

ଜୟପୁର ,୦୯/୦୪ (ନି.ପ୍ର): ଜୟପୁର ଅବକାରି ବିଭାଗ ପେଟ୍ରୋଲିଂ କରୁଥିବା ବେଳେ ମଦ ଚାଲାଣ ଅଭିଯୋଗରେ ୨ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ପଲକାପୁଟ ନିଲମ ଭେରାଇଆ (୪୩) ଓ ପଲକାପୁଟ ନୁଆଗୁଡାର ତୁଳା ରାମ ହରିଜନ (୪୦) କୁ ଗିରଫ କରିଛି । ଜୟପୁର ଅବକାରି ବିଭାଗ ପେଟ୍ରୋଲିଂ କରୁଥିବା ବେଳେ ଦେଶୀ ମଦ ଚାଲାଣ କରୁଥିବା ମଦ ମାଫିଆ ଙ୍କ ଉପରେ ବାଲିଆ ବ୍ରିଜ ନିକଟରେ ଚଢାଉ କରିଛି । ଅବକାରି ବିଭାଗ ସୁଚନା ଅନୁଯାଇ ନିଲମ ଭେରାଇଆ ବାଇକରେ ୩୦ଲିଟର ଖଜୁରି ତାଡି ଧରି ଆସୁଥିବା ବେଳେ ଅବକାରି ବିଭାଗ ଚଢାଉ କରି ଖଜୁରି ତାଡି ଓ ବାଇକ ଜବତ କରିଛି । ସେହିପରି ପଲକାପୁଟ ନୁଆଗୁଡାର ତୁଳା ରାମ ହରିଜନ (୪୦) ବାଇକ ରେ ୧୦ ଲିଟର ମହୁଲି ମଦ ଧରି ଆସୁଥିବା ବେଳେ ଅବକାରି ବିଭାଗ ଚଢାଉ କରି ବାଇକ ଓ ମଦ କୁ ଜବତ କରିଛି । ୨ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରି ବିଭାଗ ତରଫରୁ ସୁଚନା ଦିଆଯାଇଛି ।

ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ତରଫରୁ ବୈଠକ

ଜୟପୁର ,୦୯/୦୪ (ନି.ପ୍ର): ଜୟପୁର ଐତିହାସିକ ଜଗନ୍ନାଥ ସଗରର ବିକାଶ ନେଇ ଏକ ଗୁରୁତ୍ୱ ପୁଣ୍ଡ ବୈଠକ ଅନୁଷ୍ଠିତ ହୋଇଛି । ଜୟନଗର ପାର୍କ ଠାରେ ବୈଠକ ଅନୁଷ୍ଠିତ ହୋଇଛି । ମୋ ଜଗନ୍ନାଶ ସାଗର ଟ୍ରଷ୍ଟ ପଞ୍ଜିକୃତ ହୋଇଥିବା ସୁଚନା ଦିଆଯାଇଥିଲା । ଜଗନ୍ନାଥ ସାଗର ସମସ୍ତ ଜମି ତଥା ଫିସେରି ଅଧିନରେ ଥିବା ସମସ୍ତ ଜମିକୁ ସାଗରରେ ମିଶାଇବା, ସାଗର ଭିତରେ ପଶୁଥିବା ନାଳ ନର୍ଦମାର ପାଣିକୁ ବନ୍ଦ କରିବା, ସାଗରର ସମ୍ପୁର୍ଣ୍ଣ ସଫେଇ କାଯ୍ୟକ୍ରମ ପାଇ ଡି. ପି.ଆର ପ୍ରସ୍ତୁତ ହୋଇଛି କି ନାହିଁ ସେ ନେଇ ଆଲୋଚନା କରାଯାଇଥିଲା । ଜଗନ୍ନାଥ ସାଗରର ଡିମାରକେସନ, ସମ୍ପୁର୍ଣ୍ଣ ଜଗନ୍ନାଥ ସାଗରକୁ ଗୋଟିଏ ବିଭାଗ ଅଧିନରେ ରଖିବା ଆଦି ଆଲୋଚନା କରାଯାଇଥିଲା ।

ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ନବଜାତ ଶିଶୁମାନଙ୍କ ଚକ୍ଷୁ ପରୀକ୍ଷା

କେନ୍ଦୁଝର,୦୯/୦୪ (ନି.ପ୍ର): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅର୍ନ୍ତଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍. ବି.ଏସ୍. କେ) ଏବଂ ଭୁବନେଶ୍ୱରର ଥିବା ଏଲ୍.ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏସ୍.ଏନ୍. ସି. ୟୁ.ରେ ୮ ତାରିଖ ଶୁକ୍ରବାର ଦିନ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍ ସମତେ ମୟୁରଭଞ୍ଜ ଏବଂ ଯାଜପୁର ଜିଲ୍ଲାରୁ ଆସିଥିବା ୨୯ ଜଣ ନବଜାତ ଶିଶୁମାନଙ୍କୁ ବିନା ମୂଲ୍ୟରେ ଏଲ୍. ଭି. ପ୍ରସାଦ୍ ଚକ୍ଷୁ ଚିକିତ୍ସାୟରୁ ଆସିଥିବା ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା ସମ୍ପାଦିତ କରାଯାଇଛି । ଉକ୍ତ ଚକ୍ଷୁ ପରୀକ୍ଷା ଦ୍ୱାରା ଶିଶୁମାନଙ୍କ ଠାରେ ମିଳିଥିବା ଚକ୍ଷୁଜନିତ ସମସ୍ୟାର ଉତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏଲ୍. ଭି. ପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପଠାଯାଇ ସେମାନଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦିଆଯିବ ଏବଂ ଏହିପରି ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ ଅନୁଷ୍ଠିତ ହେବ ବୋଲି ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପୃଷ୍ଟି କହିଛନ୍ତି । ଏହି କାର୍ଯ୍ୟକ୍ରମକୁ ଆର୍. ବି. ଏସ୍. କେ. ମ୍ୟାନେଜର ବିଜନ କୁମାର ସାହୁ ପରିଚାଳନା କରିବା ସହିତ ଡି. ଆଇ. ଇ. ସି. ଏବଂ ଏସ୍. ଏନ୍. ସି. ୟୁ. ର କର୍ମଚାରୀ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ ।

ସହରରେ ଗୁଳି ଫୁଟିବା ମାମଲାରେ ଆଉ ୨ ଗିରଫ

ଜୟପୁର ,୦୯/୦୪ (ନି.ପ୍ର): ଜୟପୁର ସହରରେ ଗୁଳିଫୁଟିବା ଘଟଣାରେ ପୁଣି ୨ଜଣଙ୍କୁ ଗିରଫ କରିଛି ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଗୌତମ ଟାକରି ଓ ଦିପକ ଖରା । ୨ ଜଣକୁ କୋରାପୁଟ ରୁ ଗିରଫ କରାଯାଇଛି । ଏମାନଙ୍କ ଠାରୁ ଠେଙ୍ଗା ଜବତ କରାଯାଇଛି ।

ଗତ ୧୯ ତାରିଖରେ ସହରର ଗୋବନ୍ଧୁ ନଗରର କାର୍ତିକ ନାଗକୁ ଅପହରଣ କରି ହତ୍ୟା ଉଦ୍ୟମ କରିଥିଲେ । ପେଷାଦାର ଅପରାଧିମାନେ ଗୁଳି ମାଡକରି ଗୁରୁତର ଆହତ କରିଥିଲେ । ଏହାକୁ ନେଇ ଜୟପୁରରେ ରାଜନୀତି ସରଗରମ ହୋଇଥିଲା । ଘଟଣା ପଛରେ ବିଜେଡିର ହାତ ଥିବା ଦର୍ଶାଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଟାଉନ ଥାନା ଘେରାଉ କରିବା ସହ ଜାତୀୟ ରାଜପଥ ୨୬ କୁ ଅପରୋଧ କରିଥିଲେ । ଏସପି ବରୁଣ ଗୁଣ୍ଡପାଲ୍ଲି ପହଂଚି ଏକ ସମ୍ବାଦିକ ସମ୍ମିଳନି କରି ଏହି ମାମଲାରେ ୪ ଜଣକୁ ଗିରଫ କରାଯାଇ ଥିବା ଗତ ୨୦ ତାରିଖରେ ସୂଚନା ଦେଇଥିଲେ । ଏହି ଘଟଣାରେ ଅନ୍ୟମାନେ ଫେରାର ଥିଲେ । କାର୍ତିକ ତାଙ୍କ ୩ ସାଙ୍ଗ ୨ ଟି ବାଇକ ଯାଉଥିବା ସମୟରେ ଅଭିଯୁକ୍ତ ଉମୁରି ଅଂଚଳର ସଞ୍ଜୟ ସୁନା, ପ୍ରିନ୍ସ ଓ ଗୌତମ ଟାକରି ପହଂଚି ଏକ ରାଉଣ୍ଡ ଗୁଳି ଚାଳନା କରିଥିଲେ । ସୌଭାଗ୍ୟ ବସତଃ ଗୁଳିଟି ଲକ୍ଷ୍ୟଚ୍ୟୁତ ହୋଇଥିଲା । ଅଭିଯୁକ୍ତ ସ୍କର୍ପିଓ ଗାଡି ଅଟକାଇ କାର୍ତିକକୁ ଅପହରଣ କରିଥିଲେ ଏବଂ ମାଡ ମାରି କୁମୁଲିପୁଟ ଗ୍ରାମ ନିକଟରେ ଫିଙ୍ଗି ଦେଇଥିଲେ । ଏହି ମାମଲାରେ ୧୦ରୁ ଅଧିକ ବ୍ୟକ୍ତି ଜଡିତ ଥିବା ବେଳେ ୪ ଜଣଙ୍କୁ ଗିରଫ କରାଯାଇଥିଲା । ଲିଙ୍ଗ ରାଜ ନଗର ଚନ୍ଦ୍ର ସାଇ ସଗରିଆ (୪୨), କୁମୁଲିପୁଟର ପ୍ରଶାନ୍ତ ଖରା (୨୯) ଅଜୟ ହରିଜନ (୨୫) କୋରାପୁଟ ଏଲଆଇସି କୋଲନିରେ ରାକେଶ ଦାସ (୩୦) । ଏହି ମାମଲାରେ ସ୍କର୍ପିଓ , ନମ୍ବର ବିହିନି ୨ଟି ମୋଟର ସାଇକେଲ କୁ ଜବତ କରିଥିଲା । ଆଜି ଆଉ ୨ଜଣକୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପ୍ରିନ୍ସ କୋର୍ଟ ରେ ଆତ୍ମସର୍ପଣ କରିଥିଲେ । ଅଭିଯୁକ୍ତ ନାମରେ ବିଭିନ୍ନ ସଙ୍ଗିନ ମାମଲା ମଧ ରହିଛି । ୨ ଅଭିଯୁକ୍ତ କୁ ଗିରଫ କରାଯାଇଥିବା ବିଷୟ ଆଜି ଜୟପୁର ଏସଡିପିଓ ଅରୁପ ଅଭିଷେକ ବେହେରା ସୁଚନା ଦେଇଛନ୍ତି । ମୁଖ୍ୟ ଅଭିଯୁକ୍ତ ପ୍ରିନ୍ସ କୁ ରିମାଣ୍ଡରେ ଆଣାଯିବ ବୋଲି ଏସଡିପିଓ ବେହେରା ସୂଚନା ଦେଇଛନ୍ତି ।

ଧାରାବାହିକ : ଜୀବନାନୁଭୂତି

ଭାଗ-୬୯

ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏହି ସମୟରେ ପଟ୍ଟନାୟକ ପଡ଼ାରେ ଗୋଟିଏ ଡିହ ମିଳିଲା ଓ ତାହା ବର୍ତ୍ତମାନ ଆମ୍ଭେମାନେ ରହୁଥିବା ଗୃହଟି ନିର୍ମାଣ କଲି । ୧୯୩୦ ମସିହା ପୂଜା ମଧ୍ୟରେ ଶୁଣିଲି ସମ୍ବଲପୁର ସହରରୁ ପାଞ୍ଚ ମାଇଲ ଦୂରବର୍ତ୍ତୀ ଲରପଙ୍କ ଗ୍ରାମର ଗୌନ୍ତିୟା ସେହି ଗ୍ରାମଟି ବିକ୍ରୟ କରି ଦେଉଛନ୍ତି । ତାଙ୍କର ଓ ତାଙ୍କ ଅଂଶୀଦାରମାନଙ୍କ ସହିତ କଥାବାର୍ତ୍ତା କରି ଧର୍ମପିତାଙ୍କ ସହିତ ପରାମର୍ଶ କଲି । ସେତେବେଳେ ସେ ବରଗଡ଼ରେ ଓକିଲ । ନିଜେ ଆସି ଗ୍ରାମଟି ଦେଖି ତହିଁର ମୂଲ୍ୟ ସ୍ଥିରକରି ପକାଇଲେ । କିନ୍ତୁ ମୁଁ ତ କିଣି ପାରିବି ନାହିଁ । ମୁଁ କିଣିବାକୁ ହେଲେ ସରକାରଙ୍କ ଅନୁମତି ନେବାକୁ ହେବ ଓ ଏହି ଅନୁମତି ଜିଲ୍ଲା ହାକିମଙ୍କ ସୁପାରିଶରେ ହେବ । ସେତେବେଳେ ସମ୍ବଲପୁର ଜିଲ୍ଲା ହାକିମ ଶ୍ରୀ ନୀଳମଣି ସେନାପତି, ଆଇ.ସି.ଏସ୍. । କେତେକ ଜ୍ଞାତ କେତେକ ଅଜ୍ଞାତ ଓ କେତେକ ପ୍ରଚ୍ଛନ୍ନ କାରଣରୁ ମୋ ପ୍ରତି ତାଙ୍କ ସଦ୍‌ଭାବ ନଥିଲା । ସୁତରାଂ ତାଙ୍କ ସୁପାରିଶ ଗ୍ରହଣ କରିବାକୁ ଚେଷ୍ଟା ସୁଦ୍ଧା କରିନଥିଲି । ଧର୍ମପିତା ନିଜେ କିଣି ପରେ ସୁବିଧା ଦେଖି ମୋତେ ହସ୍ତାନ୍ତର କରିଦେବେ- ଏହା ସ୍ଥିର ହେଲା ଓ ସେ ନିଜେ ଗ୍ରାମଟି କିଣିପକାଇଲେ । କିନ୍ତୁ ସେ ବରଗଡ଼ରେ ରହୁଥିବାରୁ ଜମିର ଚାଷକାର୍ଯ୍ୟ ମୋ ଉପରେ ନ୍ୟସ୍ତକଲେ । ଏହାର ଅଳ୍ପଦିନ ପରେ ଶୁଣିବାକୁ ପାଇଲି ଏହି ଗ୍ରାମ କ୍ରୟ ସମ୍ବନ୍ଧରେ ସେନାପତି ମହାଶୟ ଜଣେ ସବ୍‌ଡେପୁଟି କଲେକ୍ଟରଙ୍କୁ ଗୁପ୍ତ ତଦନ୍ତଭାର ପ୍ରଦାନ କଲେ । ତାଙ୍କ ନିକଟରେ ଚୁଗୁଲି ହୋଇଥିଲା ଯେ, ପ୍ରକୃତରେ ଗ୍ରାମର କ୍ରେତା ମୁଁ ଓ ଶ୍ରୀ ବାଲୁଙ୍କେଶ୍ୱର ମିଶ୍ର ବେନାମୀଦାର ମାତ୍ର । ସ୍ଥାବର ସମ୍ପତ୍ତି ଅର୍ଜନ ସମ୍ବନ୍ଧରେ ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ (Government servants conduct rules) ଅତ୍ୟନ୍ତ କଠୋର । ସରକାର ଏହି ନିୟମ ପ୍ରଚଳନ ଦ୍ୱାରା ଶାସନଶୃଙ୍ଖଳା ପ୍ରତି ଯେତେ ମନଯୋଗ ଦେଇଅଛନ୍ତି ତାଙ୍କ ଅଧୀନସ୍ଥ ଶାସନ ସମ୍ପୃକ୍ତ କର୍ମଚାରୀଙ୍କ ପରିବାର ପ୍ରତି ସେହି ଅନୁପାତରେ ବିଚାର କରିନାହାଁନ୍ତି । ପ୍ରଚଳିତ ନିୟମାନୁଯାୟୀ ସରକାରୀ କର୍ମଚାରୀ ଚାକିରିରେ ଥିବାଯାଏ ପରିବାରର ଭରଣପୋଷଣରେ କଷ୍ଟ ଭୋଗ କରେନାହିଁ; ଜୀବନଟି ବେଶ୍ ସ୍ୱଚ୍ଛନ୍ଦରେ କଟିଯାଏ । କିନ୍ତୁ ସେ ଯଦି କିଛି ସଞ୍ଚୟ କରିନଥାଏ ଓ ଅକାଳରେ ତାହାର ମୃତ୍ୟୁ ହୁଏ; ତାହାହେଲେ ତାହାର ଆଶ୍ରିତ ବ୍ୟକ୍ତିଙ୍କୁ ଅସୀମ ଦୁଃଖ ଭୋଗକରିବାକୁ ହୁଏ, ଏପରି ଦୃଷ୍ଟାନ୍ତ ବିରଳ ନୁହେଁ । ସରକାରୀ କର୍ମଚାରୀଙ୍କ କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁ ହେଲେ ତାଙ୍କ ପରିବାରର ରକ୍ଷଣାବେକ୍ଷଣ ସକାଶେ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ବ୍ୟବସ୍ଥାର ନିୟମ ନଥିଲା । ଅଳ୍ପଦିନ ହେଲା ଭାରତ ସ୍ୱାଧୀନତା ପ୍ରାପ୍ତି ଉତ୍ତାରେ ଏହି ନିୟମର ସାମାନ୍ୟ ପରିବର୍ତ୍ତନ ହେଇଛି ଓ ଏହି ପରିବର୍ତ୍ତିତ ନିୟମାନୁସାରେ କର୍ମଚାରୀଙ୍କ ମୃତ୍ୟୁ ଦିନଠାରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାଙ୍କ ପ୍ରାପ୍ୟ ପେନ୍‌ସନ୍ ପରିମାଣ ମଧ୍ୟରେ ପରିବାରକୁ ସାହାଯ୍ୟ ଦିଆହୋଇଅଛି । ଏହା ମଧ ସାମାନ୍ୟ ବୋଲିବାକୁ ହେବ । ଏହାଦ୍ୱାରା ପରିବାରର ଦୁଃଖମୋଚନ ସମ୍ଭବପର ହେଉନାହିଁ । ସ୍ଥାବର ସମ୍ପତ୍ତି ଅର୍ଜନ ସମ୍ବନ୍ଧରେ ଏତେ କଟକଣା ନଥିଲେ ବହୁ ପରିମାଣରେ ଏହି ଦୂରାବସ୍ଥା ଦୂରୀକୃତ ହେଉଥାନ୍ତା । ଯାହାହେଉ, ମୁଁ ସରକାରୀ ନିୟମ ଲଂଘନ କରିନଥିଲେ ସୁଦ୍ଧା ସେନାପତି ମହାଶୟ ମୋ ବିରୁଦ୍ଧରେ ତଦନ୍ତ ଆରମ୍ଭ କରିଦେଲେ । କିନ୍ତୁ ମୋତେ ସେ କିମ୍ବା ତଦନ୍ତକାରୀ ସବ୍‌ଡେପୁଟି କଲେକ୍ଟର ଏ ସମ୍ବନ୍ଧରେ କେବେ କିଛି ପଚାରିନଥିଲେ । କେତେକ ଦିନପରେ ବିଶ୍ୱାସଯୋଗ୍ୟ ସମ୍ବାଦ ପାଇଲି ଯେ, ସେନାପତି ମହାଶୟ ମୁଁ ଗ୍ରାମ କ୍ରୟ କରିବା ସତ୍ୟ ବୋଲି କମିଶନରଙ୍କୁ ମୋ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସକାଶେ ଲେଖିଥିଲେ, କିନ୍ତୁ କମିଶନର ତାଙ୍କ ମତ ଗ୍ରହଣ କଲେ ନାହିଁ- ନକରିବା ମଧ ଯୁକ୍ତିଯୁକ୍ତ ଥିଲା । ବେନାମୀ କାରବାର ଦେଓ୍ୱାନି ଅଦାଲତଦ୍ୱାରା ସାଧାରଣତଃ ମୀମାଂସିତ ହୁଏ । ଗୁପ୍ତ ଅନୁସନ୍ଧାନରେ ଏଡ଼େ ଗୁରୁତର ବିଷୟରେ ମୀମାଂସା ନୀତି ଓ ଆଇନ୍ ବିରୁଦ୍ଧ । ଯଦି ପ୍ରକୃତରେ ଏହା ବାଲୁଙ୍କେଶ୍ୱର ମିଶ୍ର କ୍ରୟ କରିଥାନ୍ତି ଓ ସରକାର ସେନାପତି ମହାଶୟଙ୍କ ମତ ଗ୍ରହଣ କରି ମୋ ପ୍ରତି ଦଣ୍ଡବିଧାନ କରନ୍ତେ ତାହାହେଲେ ସମ୍ପତ୍ତିର ଅଧିକାରୀ ମୁଁ ବୋଲି ସରକାର ଏହି ମୀମାଂସାଦ୍ୱାରା ଦାୟିତ୍ୱ ଗ୍ରହଣ କରିଥାନ୍ତେ । ଗ୍ରାମ କ୍ରୟ କଲାପରେ ବାଲୁଙ୍କେଶ୍ୱର ମିଶ୍ରଙ୍କ ନାମରେ ଦାଖଲଖାରଜ ମଞ୍ଜୁର ହୋଇଯାଇଥିଲା । ତାହା ହୋଇନଥିଲେ ସରକାରୀ ରାଜସ୍ୱ ଆଦାୟ ହୋଇପାରି ନଥାନ୍ତା । ଯାହାହେଉ ଗୁପ୍ତ ଅନୁସନ୍ଧାନର ଫଳ କିଛି ହେଲାନାହିଁ । ଏହାର କେତେକ ଦିନପରେ ସେନାପତି ମହାଶୟ ମୋତେ ପଚାରିଲେ, "ଆଚ୍ଛା, ସମସ୍ତେ କହୁଛନ୍ତି ଯେ ଲରପଙ୍କ ଗ୍ରାମ ଆପଣ କିଣିଛନ୍ତି, ଅଥଚ ବାଲୁଙ୍କେଶ୍ୱର ମିଶ୍ରଙ୍କ ନାମରେ କବଲା ହୋଇଛି । ବାଲୁଙ୍କେଶ୍ୱର ବାବୁ ଓ ଆପଣଙ୍କ ମଧ୍ୟରେ ଏହି ଗ୍ରାମ ସମ୍ବନ୍ଧରେ କିଛି ଗୁପ୍ତ-ଚୁକ୍ତି ଅଛି କି?" ମୁଁ କହିଲି, "ଏ ପ୍ରଶ୍ନ ପଚାରିବା ଅକାରଣ । ଧରନ୍ତୁ, ଯଦି ଦୁଇବ୍ୟକ୍ତି ମଧ୍ୟରେ ସେପରି କିଛି ଗୁପ୍ତ ଚୁକ୍ତି ଥାଏ ତାହାହେଲେ ତାହାସେହି ଦୁଇଜଣଙ୍କ ମଧ୍ୟରେ ରହିବା କଥା । ତୃତୀୟ ବ୍ୟକ୍ତି ଏହା ଜାଣିବା ବିଧେୟ ନୁହେଁ । ଆପଣ ତୃତୀୟ ବ୍ୟକ୍ତି । କ୍ଷମା କରିବେ, ଏହି ପ୍ରଶ୍ନ ଏଠାରେ ଉଠୁନାହିଁ ।" ସେନାପତି ମହାଶୟ ଗମ୍ଭୀର ହୋଇ ରହିଲେ । ମୋ ଉକ୍ତିର ପ୍ରତିବାଦ ସୁଦ୍ଧା କଲେନାହିଁ ।

ଯେଉଁ ପୋଲିସ୍ ଇନ୍‌ସପେକ୍ଟରଙ୍କ ସମ୍ବନ୍ଧରେ ପୂର୍ବେ ଲେଖା ହୋଇଅଛି ସେ ସମ୍ବଲପୁରରେ ରହୁଥିଲେ ଓ ମଫସଲରେ ତାଙ୍କ ଜମି ଥିଲା । ୧୯୨୯ ମସିହା ଶିବରାତ୍ରି ଦନ ସଦରଥାନା ସମ୍ମୁଖରେ ଅନେକ ଲୋକ ରୁଣ୍ଡ ହୋଇଥିବା ଦେଖିଲି ଓ ଥାନାକୁ ଯାଇ ଦେଖିଲି, ଇନ୍‌ସପେକ୍ଟରଙ୍କ କଟାମୁଣ୍ଡ ଗୋଟିଏ ମେଜ ଉପରେ ରଖାହୋଇଅଛି । ଫଟୋଗ୍ରାଫର୍ ଶ୍ରୀ ନଟବର ପୂଜାରୀ ତାହାର ଫଟୋ ଉଠାଉଛନ୍ତି ଓ ଜଣେ ଲୋକ ରକ୍ତରଞ୍ଜିତ ଦେହରେ ସେଠାରେ ବସିଅଛି । ପଚାରି ବୁଝିଲି, ସେ ତାହାଙ୍କ ମୁଣ୍ଡ କାଟିଦେଇ ସେହି ମୁଣ୍ଡ ଧରି ଜିଲ୍ଲା ହାକିମଙ୍କ ସମ୍ମୁଖରେ ଉପସ୍ଥିତ ହୋଇଥିଲା । ପରେ ବିଚାରରେ ସେହିଲୋକର ଆଜୀବନ କାରାଦଣ୍ଡ ହୋଇଥିଲା ।

ସମ୍ବଲପୁର ବ୍ରାହ୍ମଣମାନେ ପ୍ରଧାନତଃ ଦୁଇଶ୍ରେଣୀରେ ବିଭକ୍ତ, ଆରଣ୍ୟକ ଓ ଉତ୍କଳୀ । ସାଧାରଣତଃ ସେମାନଙ୍କୁ ଯଥାକ୍ରମେ ଝାଡୁଆ ଓ ଓଡ଼ିଆ ବୋଲି କହନ୍ତି । ସମ୍ବଲପୁରର ଝାଡୁଆପଡ଼ାରେ ଝାଡୁଆ ବ୍ରାହ୍ମଣ ଓ ନନ୍ଦପଡ଼ାରେ ଓଡ଼ିଆ ବ୍ରାହ୍ମଣମାନେ ବାସକରନ୍ତି । ଉଭୟ ସମାଜର ଗୋଟିଏ ଗୋଟିଏ ସଭା ଅଛି । ତହିଁରେ ସାମାଜିକ ବିଷୟରେ ମୀମାଂସା ହୁଏ । ଉଭୟ ସଭାରେ ସାମାଜିକ ଦୋଷ ସକାଶେ ମଧ୍ୟସ୍ଥ ବ୍ରହ୍ମପୁରା ଗୁଡ଼ି (ମନ୍ଦିର)ରେ ଓ ଓଡ଼ିଆ ବ୍ରାହ୍ମଣଙ୍କ ସଭା ନନ୍ଦପଡ଼ା ମଧ୍ୟସ୍ଥ ବାଲୁଙ୍କେଶ୍ୱରଙ୍କ ଗୁଡ଼ିରେ ହୁଏ । ଦିନେ ବ୍ରହ୍ମପୁରା-ଗୁଡ଼ିର ପୂଜାରୀ ମୋଠାକୁ ଆସି କହିଲା ଯେ, ମୋ ସମ୍ବନ୍ଧରେ ସଭା ବସିଛି ଓ ସଭାପତି ମୋତେ ଡକାଇଛନ୍ତି । ମୋ ସମ୍ବନ୍ଧରେ ସଭା ବସିଥିବା କାରଣ ମୁଁ ବୁଝି ପାରିଲି ନାହିଁ । ମନ୍ଦିରକୁ ଯାଇ ଦେଖିଲି, ଅନେକ ଲୋକ ବସିଛନ୍ତି । ସଭାପତି ଶ୍ରୀରାମକୃଷ୍ଣ ବେହେରା ମୋତେ ଦେଖି କହିଲେ, 'ବାବୁ ! ଆପଣଙ୍କୁ କାହିଁକି ବାରଣ କରାନଯିବ ?' ମୁଁ କହିଲି, 'ଅଦ୍ଭୁଆ ପ୍ରଶ୍ନ, ମୋତେ ବାରଣ କରାଯିବ କାହିଁକି ? ମୋର ଅପରାଧ କ'ଣ, କୁହନ୍ତୁ ।' ତତ୍ପରେ ସେ କହିଲେ, 'ଆପଣଙ୍କ ପିତୃପକ୍ଷ ଭୋଜିକୁ ହଳଧରା ବ୍ରାହ୍ମଣଙ୍କୁ ଆପଣ ଡାକିଥିଲେ ।' ମୁଁ କହିଲି, 'ଆମ୍ଭ ଏଠାରେ ହଳୁଆ ବ୍ରାହ୍ମଣ ତ କେହି ନାହାଁନ୍ତି ।' ପୁଣି ସେ କହିଲେ, 'ନାହିଁ ହୋ ! ହଳୁଆ ନୁହଁନ୍ତି; ହଳଧରା ।' ମୁଁ ବୁଝିପାରିଲି ନାହିଁ । ପରେ ପୁଣି ପ୍ରଶ୍ନ କରି ଜାଣିଲି- ସମ୍ବଲପୁର ସହରବାସୀ ଜଣେ କେତେ ଝାଡୁଆ ବ୍ରାହ୍ମଣ, ସମାଜରେ ହଳଧରା ଚଳାଇବା ଉଦ୍ଦେଶ୍ୟରେ ନିଜେ ହଳ ଧରି ବାଲିବନ୍ଧା ଜମି ଚାଷ କରିଥିଲେ ଓ ସେମାନଙ୍କୁ ସମାଜ ବାରଣକରି ରଖିଛନ୍ତି । ଏମାନଙ୍କ ମଧ୍ୟରେ ସମ୍ବଲପୁର ସହରବାସୀ ବିଶିଷ୍ଟ ଓକିଲ, ଡାକ୍ତର, ବ୍ୟବସାୟୀ ଓ ଆହୁରି ଗଣ୍ୟମାନ୍ୟ ବ୍ୟକ୍ତି ଅଛନ୍ତି ।(କ୍ରମଶଃ)

ପର୍ଦ୍ଦା ପଛର କଥା

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

ଭାଗ- ୪୩

।। ୨୦୧୧ର ରେକର୍ଡ ।।

କିଛି ଲୋକ ବିଭିନ୍ନ କ୍ଷେତ୍ରରେ ରେକର୍ଡ ହାସଲ ନିମନ୍ତେ ସଂଘର୍ଷ ଜାରି ରଖନ୍ତି । ସଫଳକାମୀ ମଧ ହୁଅନ୍ତି । ହେଲେ ସାହିତ୍ୟ, କଳା ଓ ସଂଗୀତ କ୍ଷେତ୍ରରେ ଏକଥା ଭିନ୍ନ । ରେକର୍ଡ ପ୍ରତିଭାକୁ ଅନୁସରଣକରେ । ଏ ହିସାବରେ ଦେଖିଲେ ୨୦୧୧ ମସିହା ମୋ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । କାରଣ ଏହିବର୍ଷ ମୋର ରେକର୍ଡ ସଂଖ୍ୟକ ଚଳଚ୍ଚିତ୍ର (ମୋଟ ସାତଗୋଟି) ମୁକ୍ତିଲାଭ କରିଥିଲା । ଅବଶ୍ୟ ଏହା ପୂର୍ବରୁ ୨୦୦୮ ଓ ୨୦୦୯ ମସିହାରେ ଚାରିଗୋଟି ଲେଖାଏଁ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା ।

୨୦୧୧ ମସିହାରେ ଅଶୋକପତିଙ୍କ ଲୋଫର, ଅନାମ ସାହୁଙ୍କ ମନମୋର ପ୍ରଜାପତି, ପ୍ରିୟଦର୍ଶନ ପ୍ରଯୋଜିତ ଚୌଧୁରୀ ବିକାଶ ଦାସଙ୍କ ଦ୍ୱାରା ନିର୍ଦ୍ଦେଶିତ 'ମତେ ବୋହୂ କରି ନେଇଯା', ରବିନ୍ଦ୍ର ପାତ୍ରଙ୍କ ପ୍ରଯୋଜିତ ଫ୍ୟାମିଲି ନଂ ଓ୍ୱାନ୍, ଅନାମ ସାହୁ ଓ ଭବାନୀ ରଥଙ୍କ ମିଳିତ ପ୍ରଯୋଜନାରେ ରାଜୀବ ମହାନ୍ତି ନିର୍ଦ୍ଦେଶିତ ଚୋରି ଚୋରି ମନଚୋରୀ, ଲୁଟୁ ମହାନ୍ତିଙ୍କ ପ୍ରଯୋଜିତ ସୁଧାଂଶୁ ସାହୁ ନିର୍ଦ୍ଦେଶିତ ମୁଁ ପ୍ରେମୀ ମୁଁ ପାଗଳ ଏବଂ ସ୍ୱର୍ଗତ ସରୋଜ ଶତପଥୀଙ୍କ ନିର୍ଦ୍ଦେଶନାରେ ମୁକ୍ତିଲାଭ ଗୁଡ଼ିକ ବେଶ୍ ଚର୍ଚ୍ଚିତ ଥିଲା । ଅନେକ କୁହନ୍ତି କୌଣସି ଲେଖକର ଗୋଟିଏ ବର୍ଷରେ ସାତଗୋଟି ଚଳଚ୍ଚିତ୍ର ରିଲିଜ୍ ହେବା ଏକ ରେକର୍ଡ । ଏ କଥାର ସତ୍ୟତା ମୁଁ ପରଖି ନାହିଁ କିମ୍ବା ଆଗ୍ରହ ମୋର ନାହିଁ ।

୨୦୧୧ର ପ୍ରଥମ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର ଥିଲା 'ଲୋଫର୍' । ଏହି ଚଳଚ୍ଚିତ୍ରଟିର ପ୍ରସ୍ତୁତି ୨୦୧୦ର ମଧ୍ୟଭାଗରୁ ଆରମ୍ଭ ୨୦୧୧ ଜାନୁଆରୀ ୧୪ ତାରିଖରେ ମୁକ୍ତିଲାଭ ହୋଇଥିଲା ।

ସୁନୀଲ ପଣ୍ଡା ଥିଲେ ଏହି ଚଳଚ୍ଚିତ୍ରଟିର ପ୍ରଯୋଜକ ତଥା ନିର୍ଦ୍ଦେଶକ ଥିଲେ ଅଶୋକ ପତି । ପ୍ରାରମ୍ଭିକ ସ୍ତରରେ ଖଣ୍ଡଗିରିର ଜଣେ ବଂଧୁ ମତେ ଫୋନ କଲେ ହଠାତ୍ ତାଙ୍କ ଖଣ୍ଡଗିରି ସ୍ଥିତ କ୍ଲବ୍‌ଘରେ ପହଞ୍ଚିବା ପାଇଁ । ମୁଁ ପହଞ୍ଚିଲି ବଂଧୁ ଜଣଙ୍କ ମତେ ନେଇ ସୁନୀଲ ପଣ୍ଡାଙ୍କ ରିୟଲଇଷ୍ଟେଟ୍ ତଥା ବିଲ୍‌ଡିଂ ସଂସ୍ଥାକୁ ନେଇଗଲେ ଓ ସୁନୀଲ ବାବୁ ଓ ତାଙ୍କ ବଂଧୁମାନଙ୍କ ସହ ମିଶାଇଲେ ।

କଥା ହେଲା ଗୋଟିଏ ଚଳଚ୍ଚିତ୍ର ନିର୍ମାଣ କାର୍ଯ୍ୟକ୍ରମ ସୁନୀଲ ବାବୁ ଗୋଟିଏ ନାମୀଦାମୀ ଚଳଚ୍ଚିତ୍ର ପ୍ରସ୍ତୁତ କରିବାର ଇଚ୍ଛା ପ୍ରକାଶ କରିଥାନ୍ତି । ନିର୍ଦ୍ଦେଶକ ଚୟନ ନିମନ୍ତେ ଆଲୋଚନା ଚାଲିଲା । ଦୁଇଜଣ ନିର୍ଦ୍ଦେଶକଙ୍କ ସଂପର୍କରେ ଆଲୋଚନା କରାଯାଇ ଯୋଗାଯୋଗ କରିବା ପାଇଁ ମତେ ଅନୁରୋଧ କରାଗଲା । ସେହି ନିର୍ଦ୍ଦେଶକ ଦୁଇଜଣଙ୍କ ସହ ପୂର୍ବରୁ ମୁଁ କୌଣସି ପ୍ରୋଜେକ୍ଟରେ କାମ କରିନଥାଏ । ତେଣୁ ମତେ ସହଜ ଲାଗୁ ନଥାଏ ।

ଅଶୋକ ପତି ମତେ ହଠାତ୍ ଫୋନ୍ କଲେ । କୌଣସି ସୂତ୍ରରୁ ସୁନୀଲ୍ ପଣ୍ଡା ଫିଲ୍ମ କରୁଥିବା ଖବର ତାଙ୍କୁ ମାଲୁମ୍ ଥାଏ । ମୋର ବି ଅଶୋକ ବାବୁଙ୍କ ସହ କେମେଷ୍ଟ୍ରି ଭଲ । ପ୍ରଶାନ୍ତ ବାବୁ ସଂଗୀତ ନିର୍ଦ୍ଦେଶନା କଥା ମଧ ଆମେ ଠିକ୍ କରିଥାଉ । ମୁଁ ଅଶୋକପତିଙ୍କ କଥା ପ୍ରଯୋଜକଙ୍କୁ କହିଲି । ଅଶୋକ ପତିଙ୍କ କଥା ଫାଇନାଲ୍ ହୋଇ ତାଙ୍କ ସହ ଯୋଗାଯୋଗ ହେଲା । କାହାଣୀ ନିର୍ବାଚନ ହେଲା । ସ୍କ୍ରିପ୍ଟ ଆରମ୍ଭ କରି ଅଶୋକ ବାବୁ ଅନ୍ୟ ଗୋଟିଏ ଫିଲ୍ମ କାମରେ ମାଡ୍ରାସ ଚାଲିଗଲେ । ସ୍କ୍ରିପ୍ଟିଂ ଅଧା ହୋଇଛି ଅଶୋକ ବାବୁଙ୍କ ଫୋନ୍ ଆସିଲା ଆଉ ଗୋଟିଏ କାହାଣୀ ସଂପର୍କରେ । ତେଲୁଗୁର ରିମେକ୍ । ଫିଲ୍ମଟିକୁ ଦେଖିଲି ଭଲ ଲାଗିଲା । ଅଶୋକ ବାବୁ ମାଡ୍ରାସ୍‌ରୁ ଫେରିବା ଭିତରେ କାହାଣୀଟିର ସ୍କ୍ରିପ୍ଟିଂ ସାରିଲି । କାହାଣୀଟି ମଧ ପ୍ରଯୋଜନା ସଂସ୍ଥାରୁ ମନୋନୀତ ହୋଇଥିଲା ।

କୌଣସି କାରଣରୁ ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ବାବୁଙ୍କ ବଦଳରେ ଗୁଡ୍‌ଲି ରଥଙ୍କୁ ନିଆଗଲା । ମତେ କିନ୍ତୁ ଭଲ ଲାଗି ନଥିଲା । ଚଳଚ୍ଚିତ୍ରରେ ଏସବୁ ଚାଲେ । ଗୁଡ୍‌ଲି ଚମତ୍କାର ଟ୍ୟୁନ୍ କରିଥିଲେ । ବାବୁସାନ୍‌ଙ୍କ ସାଥିରେ ଅର୍ଚ୍ଚିତା । କେମିତି ପ୍ରଥମରୁ ଅଖାଡୁଆ ଲାଗୁଥିଲେ ମଧ ଦୁହେଁ ଚମତ୍କାର ଅଭିନୟ କରିଥିଲେ । ପ୍ରେମ କାହାଣୀରେ ଅନେକ ଟୁଇଷ୍ଟ ଥିଲା । ମିହିର ଦାସ ଅନ୍ୟଏକ ବଳିଷ୍ଠ ଭୂମିକାରେ ଅଭିନୟ କରୁଥିଲେ । ସବୁଠୁ ଆକର୍ଷଣୀୟ ଥିଲା ବୁଦ୍ଧାଦିତ୍ୟଙ୍କର ହାଲ୍‌କା ଫୁଲ୍‌କା ପୋଲିସ ଅଫିସର ଭୂମିକା । ଖାସ୍ ବୁଦ୍ଧାଦିତ୍ୟଙ୍କ ପାଇଁ ଏକ ହାଲ୍‌କା ସମ୍ବଲପୁରୀ ଗୀତର ସଂଯୋଜିତ ହୋଇଥିଲା । ପରେ ଗୀତଟି ବେଶ୍ ଲୋକପ୍ରିୟ ହୋଇଥିଲା । ବୁଦ୍ଧାଦିତ୍ୟଙ୍କ ଚରିତ୍ରକୁ ଏହି ଗୀତର ସିକ୍ୟୁଏନ୍ସ ଖାପ୍ ଖାଉ ନଥିବାରୁ ସ୍କ୍ରିନ୍ ପ୍ଲେରେ ପରିବର୍ତ୍ତନ କରାଯାଇଥିଲା ।

ସମରେଶ୍ କିନ୍ତୁ ଖଳ ନାୟକ ଭାବରେ ବେଶ୍ ପ୍ରଭାବଶାଳୀ ଅଭିନୟ କରିଥିଲେ । ଜଣେ ପ୍ରତିକ୍ରିୟାଶୀଳ ପୋଲିସ୍ ଭାବରେ ଭୂମିକାରେ ଅଭିନୟ କରିଥିଲେ । ଜଣେ ସଫଳ ଖଳ ନାୟକର ଭୂମିକା ନିଭାଇଥିଲେ । ସଂଞ୍ଜୁ ସଂଜନା ପରେ ବାବୁସାନ୍‌ଙ୍କର ଚରିତ୍ର ବେଶ୍ ଲୋକପ୍ରିୟ ହୋଇ ପାରିଥିଲା । ମୂଳ ଦକ୍ଷିଣୀ ଚଳଚ୍ଚିତ୍ରର ଘଟଣା ଦୁର୍ଘଟଣାକୁ ପ୍ରାୟତଃ ଆମେ ଅକ୍ଷୁର୍ଣ୍ଣ ରଖିଥିଲୁ । ଗୀତ ଗୁଡ଼ିକ ଟ୍ରେଣ୍ଡି ଥିଲା । ମୋହିତ ଚକ୍ରବର୍ତ୍ତୀ ଖୁବ୍ ଭଲ ଗୀତ ରଚନା କରିଥିଲେ ।

ଚଳଚ୍ଚିତ୍ରଟିର ମୁଖ୍ୟ ଆକର୍ଷଣ ଥିଲେ ନାୟିକା ଅର୍ଚ୍ଚିତା । ଅର୍ଚ୍ଚିତାଙ୍କ ନିଖୁଣ ଅଭିନୟ ଚଳଚ୍ଚିତ୍ରଟିକୁ ଗତିଶୀଳ ଓ ଆକର୍ଷଣୀୟ କରିଥିଲା । ଚଳଚ୍ଚିତ୍ରଟିର ଶେଷ ପର୍ଯ୍ୟନ୍ତ ଉତ୍କଣ୍ଠା ଭରି ରହିଥିଲା । ସଂଳାପରେ ମୁଁ ଯଥାସମ୍ଭବ କାଜୁଆଲ୍ ଶବ୍ଦ ଓ ବାକ୍ୟ ପ୍ରୟୋଗ କରିଥିଲି । ଅବଶ୍ୟ କିଛି ସମାଲୋଚକ ଦ୍ୱିଅର୍ଥ ବୋଧକ ଶବ୍ଦ ପାଇଁ ସମାଲୋଚନା କରିଥିଲେ । ମାତ୍ର ମୁଁ ଜାଣିବାରେ ସେଭଳି କିଛି ଶବ୍ଦର ପ୍ରୟୋଗ ମୁଁ କରିନଥିଲି । ଏହି ଚଳଚ୍ଚିତ୍ରରେ ଗୀତ ଲେଖିବା ପାଇଁ ଗୁଡ୍‌ଲି ମତେ ଆମନ୍ତ୍ରଣ କରିଥିଲେ । ମାତ୍ର ସ୍କ୍ରିପ୍ଟିଂର ବୋଝରେ ଇଚ୍ଛା ଥାଇବି ମୁଁ ଏହି ଚଳଚ୍ଚିତ୍ରଟିରେ ଗୀତ ଲେଖି ପାରିନଥିଲି ।

ଚଳଚ୍ଚିତ୍ରଟି ନୂଆ ବର୍ଷରେ ରିଲିଜ୍ ହୋଇ ବେଶ୍ ଦର୍ଶକୀୟ ସ୍ୱୀକୃତି ହାସଲ କଲା । ଚଳଚ୍ଚିତ୍ରଟିକୁ ନେଇ ବହୁତ ଚର୍ଚ୍ଚା ଚାଲିଲା । ପ୍ରଯୋଜକ ପରବର୍ତ୍ତୀ ଚଳଚ୍ଚିତ୍ରକୁ ନେଇ ପ୍ରସ୍ତୁତି ଚଳାଇଲେ ମାତ୍ର ଆଶ୍ଚର୍ଯ୍ୟଜନକ ଭାବରେ ମୁଁ ସେଥିରେ ନଥିଲି । ଦୁଃଖ ଲାଗିଥିଲା, ପୂର୍ବରୁ କହିଛି ଚଳଚ୍ଚିତ୍ର ଆଉ ରାଜନୀତିରେ ଏସବୁ ସମ୍ଭବ । ତଥାପି ମୋର ଦୁଃଖ ନଥିଲା । ଆଗେଇବା ମୋ ଲକ୍ଷ୍ୟ । କିଏ ବିରୋଧ କଲା, ବିଶ୍ୱାସଘାତକତା କଲା ସେସବୁ ଚିନ୍ତା କରିବାକୁ ମୋ ପାଖରେ ସମୟ କାହିଁ ! (କ୍ରମଶଃ)

।। ପ୍ରେମ ଜାତକ ।।

କେଦାର ମିଶ୍ର

ତମର ବୟସ କେତେ ?

ବସନ୍ତର ବା କି ବୟସ !!
ସେ ତ ପ୍ରତି ଆମ୍ବ ଗଛରେ ଝୁଲେଇ ଆସେ ତାର ଯୌବନ ।
ସବୁ ପତ୍ରରେ ଗୋଟେ ନୂଆ ସମୟ ।
ବସନ୍ତର ବା କି ବୟସ !!

ଏବେ ମୁଁ ପଚାଶ ବର୍ଷରେ, ନିଜକୁ କହେ ଦର୍ପଣ ଆଗରେ ।

ପଚାଶ ଓଲଟି ପାଞ୍ଚ ବି ହୋଇପାରେ ।
ହୋଇପାରେ ଏଇଠୁ ପାଞ୍ଚ ଶହ ବର୍ଷ ପୂର୍ବରୁ ବା ପରେ
ଆମର ବୟସ ଏମିତି ଥିଲା । କି ରହିଥିବ ।

ଆମର ବୟସ ସମୁଦ୍ର ପରି ।
ଜହ୍ନରାତିରେ ଆମର ବୟସ ବଢେ ଓ ଛିଡି ଯାଏ ସକାଳ ପାହିଲେ ।

ବୋଧେ ଆମ ପ୍ରେମର ବି ବୟସ ସେମିତି ।
ତମ ଦୁଆର ମୁହଁରେ ପ୍ରେମ ଆମର ପେନ୍ଥାଏ ସୂର୍ଯ୍ୟମୁଖୀ ।
ତମର ପଞ୍ଜୁରିରେ ଜାକିଜୁକି ଆମେ ଦୁଇଟି ପକ୍ଷୀ ।
ଝିଅର ଆଲମାରୀରେ ଆମେ ଲଗାଲଗି
ଦୁଇଟି ରୋମାଣ୍ଟିକ ଉପନ୍ୟାସ ।

ପ୍ରେମକାହାଣୀର ବା କି ବୟସ !!

ଦିନେ ଦିନେ ହଠାତ ମୁଁ ଓହ୍ଲାଇ ପଡେ ଗୋଟେ ଆରଣ୍ୟକ ଗାଁରେ
ଜହ୍ନରାତିରେ ।
ସେ ଗାଁରେ କେବଳ ତମର ଏକୁଟିଆ ଘର ।
ଏକୁଟିଆ ତମର ଅପେକ୍ଷା ।

ଏକୁଟିଆ ତମେ ଥାଅ କେବଳ ମୁଁ ଇ ଆସିବି ବୋଲି
ଏମିତି ଗୋଟେ ଜହ୍ନରାତିରେ ।

ଏକଲାପଣର ବା କି ବୟସ !!

ଆମେ ଏକୁଟିଆ ଓ ଅଚିହ୍ନା ନିଜ ନିଜ ଭିତରେ
ଆମେ ଗୋଟେ ନିଛାଟିଆ ପୃଥିବୀର
ଦୁଇଟି ମାତ୍ର ମଣିଷ
ଆମ ରକ୍ତରେ ଏବେ ପ୍ରବଳ ତୁଷାର
ଆମ ସ୍ନାୟୁରେ ଏବେ ବହୁତ କମ୍ ବିଜୁଳି
ଆମ ଭିତରେ ଗୋଟେ ଲମ୍ବା ଅନ୍ଧାରର ସୁଡଙ୍ଗ ।
ଅନ୍ଧାରର ବା କି ବୟସ !!

ଏଥର ମୁଁ ତମ ଆଡକୁ ବଢାଇ ଦିଏ ମୋ ଅନ୍ଧାରର ହାତ
ତମ ଓଠରେ ଏକା ସାଙ୍ଗରେ ଚହଲିଯାଏ
ଗୋଟେ ଗୋଲାପ ବଗିଚା
ଆମର ଦେହ ବୟସ ଟପି
ଏବେ ବସନ୍ତ
ଏବେ ସମୁଦ୍ର
ଏବେ ଅନ୍ଧାର
ଆମର ଦେହ ଅସରନ୍ତି ଇଚ୍ଛାର
ଏକ ଅପ୍ରାପ୍ତବୟସ୍କ କାହାଣୀ ।
କାହାଣୀର ବା କି ବୟସ !!

♥ବିନୋଦିନୀ ନିବାସ, ୨୬୫/୧୭୩୬-ଏ, ଶାସ୍ତ୍ରୀ ନଗର, ୟୁନିଟ୍-୪, ଭୁବନେଶ୍ୱର-୧

ଆମ ସମୟର କବିତା

।। ପାଦ ।।

ସୁଜିତ କୁମାର ସତପଥି

ତୁ ଅଛୁ ମାନେ,
ଶିରସ୍ତ୍ରାଣ ଅଛି
ଯଦିଓ ସେ କେବେ ତୋତେ
ଚାହିଁ ବି ନଥାଏ ।

ବେଳେ ବେଳେ ତାଜୁବ ହୁଏ
ତୋ କଥା ଭାବି
କୋଉ ପଦାର୍ଥରେ ଗଢା ତୁ ଯେ
ସବୁକିଛି କରି ପ୍ରତିଥର
ସାବାସି ଥୋଇଦେଉ
ଆଉ କାହା ପାଖରେ ।

ଛାଲିପଡି ଫାଟିଯାଉ
ତଥାପି ଚାଲୁଥାଉ
ଆଦରରେ ବୋହି
ସଭିଙ୍କର ଦାୟିତ୍ୱର ଭାର
କେବେ ଅନିଚ୍ଛା ବି ନଥାଏ ତୋର
ଅନ୍ୟର ଇଚ୍ଛାରେ ।

ତୁ କେବେ ବିଦ୍ରୋହ ବି କରିନୁ
ଦେହତନ୍ତ୍ରରେ ହକ୍ ପାଇଁ
ଅଧିକାର ଅପେକ୍ଷା କର୍ତ୍ତବ୍ୟରେ ହିଁ
ବିଶ୍ୱାସ ତୋର ।

ରେ ପାଦ
ରେ ମୋର ଆଦିମ ସଂସ୍କାର
ମୋର ସମ୍ରାଟପଣର ଦୁର୍ଗ
ତୋତେ ମୋର କୋଟି ଜୁହାର
ଭାଗ୍ୟର ରେଖା
କପାଳରେ ନୁହେଁ ବରଂ
ତୋ ଛାତିରେ ମୁଁ ଦେଖେ ।

♥'ବାଗାଶ୍ରିତା', ସାଲେଭଟା, ବଲାଙ୍ଗିର -୨୧, ଓଡ଼ିଶା
ମୋ - ୯୫୫୬୭୧୧୨୭୨

।। ଆହତ ଇସ୍ତାହାର ।।

ମହେଶ୍ୱର ପଧାନ

ଆଜି ପୁଣି ଘଣ୍ଟାଏ ଗପିଲି
ତଥାପି କହିପାରିଲିନି ମା'କୁ
ତା ହାତରନ୍ଧା ବ୍ୟଞ୍ଜନର ବାସ୍ନାର ଆଭାସ
ଭରିପାରେ ଖାଲି ପେଟ,
ତା ପଣତକାନି ହିଁ ମୋର ଇପ୍ସିତ ଆକାଶ ।

ଆଜି ପୁଣି ପଦିଏରେ ଅଟକିଗଲା କଥା
ପଚାରି ପାରିଲିନି ତାଙ୍କ ଦେହପା' ଅଛି
କେମିତି ?
ଯାହାଙ୍କ ଫିଂ ପାହୁଣ୍ଡରେ ଗଢୁଥାଏ
ମୋ ଭବିଷ୍ୟତ ଓ ବର୍ତ୍ତମାନ,
ଯାହାଙ୍କ ଝାଳ ସରସର କମିଜରେ
ମପାଯାଏ ମୋର ଜୀବନ ।

କେଉଁ ମୁହଁ ଦେଖେଇ କହିବି
ମୋ ସୁନା ଭଉଣୀକୁ ?
ଏଥର ବି ମୋ ସାମର୍ଥ୍ୟ ବାହାରେ
ସବୁ କିଣୁଆ ଖୁସି,
ଯାହା ପାଇଁ ସେ
ନିଇତି ସ୍ୱପ୍ନ ବୁଣେ !

ଆଜି ପୁଣି ତଥାକଥିତ ପୁରୁଷତ୍ୱ ପାଇଁ
ଢୋକିଗଲି କିଛି ଲୁହ
ଚାପିଦେଲି ଯେତେ ଆବେଗ ଓ କୋହ
ପ୍ରିୟାର ପ୍ରଶସ୍ତ କାନ୍ଧରେ ମୁଣ୍ଡ ଥୋପି
ହାଲୁକେଇ ପାରିଲିନି ଅଧେ ବୋଝ ।

ମତେ ଲାଗେ
କାଳେ କାଳେ ଅପ୍ରକାଶ୍ୟ କଥାଯେତେ
ଲୁଚି ରହିଥାଏ କବିତାରେ
କବିତା କେବଳ କିଛି ଶବ୍ଦ ନୁହଁ
କବିତା କେବଳ କବିତା ବି ନୁହଁ
କବିତା ଗୋଟେ ପ୍ରଚ୍ଛନ୍ନ ପୀଡ଼ାର
ଲିଖିତ ଇସ୍ତାହାର ।

♥ଧୂଲୁଣ୍ଡା, ୧୯ଖଣ୍ଡ ମୌଜା,ଝାରସୁଗୁଡ଼ା
ମୋ-୯୦୭୮୯୩୧୫୨୨

।। ଫ୍ଲାସ୍ ବ୍ୟାକ୍ ।।

ମାନସ ରଞ୍ଜନ ମହାପାତ୍ର

ଅନେକ ଦିନୁ ସରିବ ସରିବ ହେଉଛି,
ବିତିଗଲାଣି ଅନନ୍ତ କାଳ
ହେଲେ ସରୁନି, ସରିପାରୁନି ନାଟକ

ଫେରିଗଲେଣି ଅନେକ ଦେଖଣାହାରୀ
ବିଦାୟନେଲେଣି
ଅନେକ ଅଭିନେତା ଅଭିନେତ୍ରୀ
ଖାଲି ହେଇଗଲାଣି ମଞ୍ଚ, ହଲ୍ ବି
ଲିଭିଗଲାଣି ଆଲୁଅ
ଖାଁ ଖାଁ ପଡ଼ିଲାଣି ଚାରିପାଖର ରାସ୍ତା
ବନ୍ଦହେଲାଣି ଦୋକାନ ବଜାର
ମଉଳି ଗଲାଣି ଚା'ଦୋକାନର ଭିଡ଼
କେତେ ଯୁଗରୁ ଚାଲିଛି ଏ ନାଟକ କେଜାଣି
କେବେ କେବେ ଲାଗୁଛି ସରିଯିବ ଆଜି
ହେଲେ ସରୁନି

ନୂଆ ନାଟକ ଦେଖିବାକୁ
କେହି ନାହିଁ ଆଉ ଏଠି
ପୁରୁଣା ମାଇକବାଲା କେବେଠୁ ଗଲାଣି ଯେ
ଗଲାଣି, ଆଉ ଫେରୁନି
ବହୁ ଦେଖଣାହାରୀ ପୁଅଝିଅମାନେ
ବୁଢ଼ା ବୁଢ଼ୀ ହେଇ
ଜେଜେ ମାଆ, ଜେଜେବାପା, ଅଜା ଆଈ
ହେଇସାରିବେଣି,
କଳା ବାଳ ପଡିଗଲାଣି ଧଳା
ଦିଶିଲାଣି ଝୋଟ ପରି

ହେଲେ ନେପଥ୍ୟ ନାଟ୍ୟକାର ବନ୍ଦ କରୁନି
ଲେଖିବା ତା ଅନନ୍ତ ନାଟକ
ନିର୍ଦ୍ଦେଶକ ବନ୍ଦ କରୁନି ନିର୍ଦ୍ଦେଶନା
ବନ୍ଦହେଉନି ଭଙ୍ଗା ଦଦରା ଥିଏଟର
ନାଟକ ଚାଲିଛି, ସରିବ ସରିବ ହେଉଛି
ବାରମ୍ବାର
ହେଲେ ସରୁନି

ଏ ନାଟକ କେବେ ସରିବ କେଜାଣି ?

♥ମଧୁବନ, ଷଷ୍ଠଗଳି, ଇନ୍ଦ୍ରଦ୍ୟୁମ୍ନ ଛକ, ଟିକରପଡା ରୋଡ, ପୁରୀ-୦୨
ମୋ: ୯୮୯୧୯୪୬୧୭୮

ପ୍ରେମରେ ପ୍ରେମରେ ଗୀତି ....(୪୧)

॥ ମାଟି ଅଗଣାକୁ ମୋ'ର ॥

ଶ୍ରାବଣୀ ଗୋ,
ଶ୍ରାବଣ ଯେବେଠୁ ତୁମ ଆଖି କୋଣେ
ତିଆରିଲା ନିଜ ଘର,
ସେବେଠାରୁ ଆଉ ଫଗୁଣ ଆସିନି
ମାଟି ଅଗଣାକୁ ମୋର ।

ଶ୍ରାବଣକୁ ଦେଖି ଫେରିଛି ଫଗୁଣ
ଫେରେଇ ନେଇଛି ମୁହଁ,
କୃଷ୍ଣଚୂଡ଼ାର ହସ ମୋ' ଓଠରୁ
ଚୋରେଇ ନେଇଛି ଲୁହ,
ମୁଁ କିବା ଜାଣିଛି ଶ୍ରାବଣକୁ ପୁଣି
ଫଗୁଣର ଏତେ ଡର ।

ଆଖିରେ ଆଖିରେ ପ୍ରଥମ ଦେଖାରେ
ଯାଚି ଦେଇଥିଲି ମନ,
ଲୁହ ବା ଶ୍ରାବଣ କାହା ସାଥେ ମୋର
ନଥିଲା ତ ଅଭିମାନ,
ହେଲେ ସେଇ ଲୁହ ପାଇଁ ମୋ' ସପନ
ଆଜି ସବୁ ଛାରଖାର ।

■ ବିପିନ ମହାନ୍ତି
♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧



ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ

ରଶ୍ମିରଞ୍ଜନ ପୃଷ୍ଟି

ଭାରତର ଜଣେ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ବୀର ସୁରେନ୍ଦ୍ର ସାଏ।ସେ ୧୮୦୯ ମସିହା ଜାନୁୟାରୀ ୨୩ ତାରିଖ ରେ ସମ୍ବଲପୁର ସହରର ଉତ୍ତରକୁ ପ୍ରାୟ ୨୧ ମାଇଲ ଦୂରରେ ଅବସ୍ଥିତ ବରଗାଁ ବା ଖିଣ୍ଡା ଗ୍ରାମରେ ଚୌହାନ ରାଜବଂଶରେ ଜନ୍ମଗ୍ରହଣ କରିଥିଲେ।ତାଙ୍କ ପିତାଙ୍କ ନାମ ଧରମ ସିଂହ ଓ ମାତାଙ୍କ ରେବତୀ ଦେବୀ।ତାଙ୍କର ଛଅ ଭାଇ ଓ ଜଣେ ଭଉଣୀ ଥିଲେ।ପିତା ଧରମ ସିଂହଙ୍କ ମୃତ୍ୟୁ ପରେ କାକା ବଳରାମ ସିଂହଙ୍କ ତତ୍ତ୍ୱାବଧାନରେ ଘୋଡ଼ା ଚଢ଼ା, ଖଣ୍ଡା ଓ ତୀରଚାଳନା ସମେତ ଅନ୍ୟାନ୍ୟ ପ୍ରଶିକ୍ଷଣ ନେଇଥିଲେ। ୧୮୫୭ ସିପାହୀ ବିଦ୍ରୋହର ୩୦ ବର୍ଷ ପୂର୍ବରୁ ରାଜଗାଦିର ଉତ୍ତରାଧିକାରିତ୍ୱ ନେଇ ବ୍ରିଟିଶ ସରକାର ବିରୋଧରେ 'ଉଲଗୁଲାନ' (ଆନ୍ଦୋଳନ) ଆରମ୍ଭ କରିଥିଲେ।

ତାଙ୍କ ମୋଟ ଜୀବନ କାଳ ୭୫ ବର୍ଷ ମଧ୍ୟରୁ ୩୬ ବର୍ଷକାଳ ସେ କାରାଗାରରେ କାଟିଥିଲେ।ଏହା ସ୍ୱାଧୀନତା ସଂଗ୍ରାମୀଙ୍କ ଜେଲରେ ରହିବା ସମୟ ତୁଳନାରେ ସର୍ବାଧିକ ଥିଲା। ସେ ୧୮୨୭-୧୮୬୪ ମସିହା ଜାନୁଆରୀ ୨୩ ତାରଖି ପର୍ଯ୍ୟନ୍ତ ବିଦ୍ରୋହର ବହ୍ନିକୁ ପ୍ରଜ୍ୱଳତି କରି ରଖିଥିଲେ । ସୁରେନ୍ଦ୍ର ସାଏ ୧୮୨୭ରୁ ୧୮୪୦ ପର୍ଯ୍ୟନ୍ତ ୧୩ ବର୍ଷ ଓ ୧୮୫୭ରୁ ୧୮୬୪ ପର୍ଯ୍ୟନ୍ତ ୭ ବର୍ଷ ଏହିପରି ଦୁଇଟି ପର୍ଯ୍ୟାୟରେ ମୋଟରେ ୨୦ ବର୍ଷ ଇଂରେଜ ସରକାରଙ୍କ ବିରୁଦ୍ଧରେ ନିରବଚ୍ଛିନ୍ନ ଭାବରେ ଲଢ଼େଇ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଇଂରେଜମାନଙ୍କ ବିରୁଦ୍ଧରେ ତାଙ୍କର ସଂଗ୍ରାମ ୧୮୨୭-୧୮୪୦ ମସିହା ପର୍ଯ୍ୟନ୍ତ ବିକ୍ଷିପ୍ତ ଏବଂ ସୀମିତ ଥିଲା । କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟରେ ଏହା ଅଧିକ ସୁସଙ୍ଗଠିତ, ସୁସଂହତ ତଥା ବୀରତ୍ୱପୂର୍ଣ୍ଣ ଥିଲା।ତାଙ୍କର ଅଦ୍ଭୁତ ସଂଗଠନ ଶକ୍ତି, ଅସୀମ ପରାକ୍ରମ, ଅସାଧାରଣ ରଣକୌଶଳ ବ୍ରିଟିଶ୍ ଶାସକ ଓ ସୈନ୍ୟବାହିନୀକୁ ଆଷ୍ଟର୍ଯ୍ୟାନ୍ୱିତ କରିଥିଲା।୧୮୩୭ରେ ବାରପାହାଡ ଗିରିଗୁମ୍ଫାରେ ବିଶ୍ରାମରତ ଥିବାବେଳେ, ଇଂରେଜ ସୈନ୍ୟ, ନାରାୟଣ ସିଂହଙ୍କ ସୈନ୍ୟ ଓ ରାମପୁର ଜମିଦାର ସୁରେନ୍ଦ୍ରଙ୍କ ଉପରେ ଆକ୍ରମଣ କଲେ। ଏହି ଯୁଦ୍ଧ ପାଇଁ ସୁରେନ୍ଦ୍ର ପ୍ରସ୍ତୁତ ନ ଥିଲେ। ବଳଭଦ୍ର ସିଂହ ନିହତ ହେଲେ ଓ ସୁରେନ୍ଦ୍ର ଆହତ ଅବସ୍ଥାରେ ପଳାୟନ କଲେ। ବୀର ସୁରେନ୍ଦ୍ରସାଏ ୧୮୪୦ରେ ରାମପୁର ରାଜବାଟି ଆକ୍ରମଣ କରି ରାଜବାଟି କୁସମ୍ପୂର୍ଣ୍ଣ ଧ୍ୱଂସ କରିଥିଲେ। ଏହାପରେ ସୁରେନ୍ଦ୍ରଙ୍କର ସାହସ ଓ ଶକ୍ତି ବୃଦ୍ଧି ପାଇଥିଲା। ରାମପୁରଗଡ଼ ବିଜୟକରି ସୁରେନ୍ଦ୍ର ସାଏ ବିପ୍ଲବୀ ସୈନ୍ୟ, ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ଧରି ସମ୍ବଲପୁର ସହର ନିକଟ ଦେଇ ଯିବା ସମୟରେ ମେଜର ଓସ୍?ଲେ ସୁଦକ୍ଷ ଇଂରେଜ ସୈନ୍ୟବାହିନୀ ସହିତ ଦେହେରୀ ପାଲି ନିକଟସ୍ଥ ବୁଢ଼ାରଜା ପାହାଡ ନିକଟରେ ସୁରେନ୍ଦ୍ରଙ୍କୁ ଆକ୍ରମଣ କଲେ। ଏହି ଯୁଦ୍ଧରେ ମେଜର ଓସ୍?ଲେ ସୁରେନ୍ଦ୍ର ସାଏ, ପିତୃବ୍ୟ ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ବନ୍ଦୀକଲେ। ଦଣ୍ଡ ସ୍ୱରୂପ ଆଜୀବନ ବନ୍ଦୀ ଭାବରେ ହଜାରିବାଗ ଜେଲରେ ରହିଲେ।୧୮୫୭ ମସିହାରେ ସିପାହି ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା। ୧୮୫୭ ଜୁଲାଇ ୩୦ ଦିନ ବିଦ୍ରୋହୀମାନେ ହଜାରିବାଗ ଜେଲଭାଙ୍ଗି ଦେଲେ। ୧୮୫୭ ମସିହା ଜୁଲାଇ ୩୧ ତାରିଖରେ ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇ ଉଦନ୍ତ ସାଏ ଜେଲ୍?ରୁ ମୁକ୍ତ ହେଲେ, କିନ୍ତୁ ପିତୃବ୍ୟଙ୍କର ମୃତ୍ୟୁ ହୋଇସାରିଥିଲା। ସୁରେନ୍ଦ୍ର ସାଏ ନିଜ ଜନ୍ମଭୂମିରେ ପହଞ୍ଚିବା ପରେ ସେମାନଙ୍କୁ ହଜାର ହଜାର ଲୋକ ସମର୍ଥନ ଜଣାଇଥିଲେ। ସୁରେନ୍ଦ୍ର ଇଂରେଜମାନଙ୍କୁ ମୁକାବିଲା କରିବା ପାଇଁ ଗରିଲା ରଣନୀତି ଆପଣାଇଥିଲେ। ଘଞ୍ଚବନାନୀ, ଗିରିଶୃଙ୍ଗକୁ ବିପ୍ଲବୀମାନେ ଆଶ୍ରୟସ୍ଥଳୀ ଭାବେ ବାଛି ନେଇଥିଲେ। ସୁରେନ୍ଦ୍ର ସାଏଙ୍କୁ ଶତଚେଷ୍ଟା ସତ୍ତ୍ୱେ ଇଂରେଜମାନେ ଧରିପାରି ନ ଥିଲେ। ସୁରେନ୍ଦ୍ର ସାଏ, ଗୋବିନ୍ଦ ସିଂହ ଓ କୁଞ୍ଜଳ ସିଂହଙ୍କୁ ଧରାଇଦେଲେ ଯଥାକ୍ରମେ ଏକ ହଜାର ଟଙ୍କା, ୫ଶହ ଟଙ୍କା ଓ ୨୫୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ମାତ୍ର କିଛି ଫଳ ହେଲାନାହିଁ। ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ, ଛଳନା ଓ ଚରମ ବିଶ୍ୱାସଘାତକତାର ଶିକାର ହେଲେ ବୀର ସୁରେନ୍ଦ୍ର ସାଏ।

ପରବର୍ତ୍ତୀ ସମୟରେ ବୀର ସୁରେନ୍ଦ୍ର ସାଏ ଙ୍କୁ ୧୮୬୫ ମସିହାରେ ଅସୁରଗଡ ଗିରିଦୁର୍ଗରେ ବନ୍ଦୀ କରାଯାଇଥିଲା।ଅସୁରଗଡ଼ ଦୁର୍ଗରେ ହିଁ ଏହି ମହାନ୍? ବୀରଙ୍କ ଜୀବନ ଦୀପ ଲିଭିଯାଇଥିଲା।ଏହି ମହାନ୍ ସଂଗ୍ରାମୀ ଓ ତାଙ୍କ ସହଯୋଗୀ ମାନେ ସମଗ୍ର ଓଡ଼ିଶା ଓ ଭାରତବର୍ଷ ରେ ଯୁଗ ଯୁଗ ଧରି ଅମର ରହିବେ।

ସଂଗ୍ରାମୀ ସୁରେନ୍ଦ୍ର ସାଏ ସ୍ମୃତିରେ ୨୦୦୯ ମସିହାରେ ୟୁନିଭ ?ସିଟି କଲେଜ୍ ଅଫ୍ ଇଞ୍ଜିନିଅରିଂ, ବୁର୍ଲାର ନାମ ବଦଳାଇ ବୀର ସୁରେନ୍ଦ୍ର ସାଏ ୟୁନିଭ ?ସିଟି ଅଫ୍ ଟେକ୍ନୋଲୋଜି, ବୁର୍ଲା କରାଯାଇଥିଲା,ବୁର୍ଲାଠାରେ ସ୍ଥିତ ଭେଷଜ ମହାବିଦ୍ୟାଳୟର ନାମ ବୀର ସୁରେନ୍ଦ୍ର ସାଏ ଭେଷଜ ମହାବିଦ୍ୟାଳୟ ଦିଆଯାଇଅଛି,

୨୦୦୫ରେ ଭାରତ ସରକାର ସଂସଦ ପରିସରରେ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ,

ଭାରତ ସରକାର ସୁରେନ୍ଦ୍ର ସାଏଙ୍କ ସମ୍ମାନାର୍ଥେ ଡାକ ଟିକଟ ଛପାଇଥିଲେ ଏବଂ

ଝାରସୁଗୁଡ଼ା ସ୍ଥିତ ବିମାନ ବନ୍ଦରର ନାମ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ଦିଆଯାଇଛି।ଏହି ମହାନ୍ ସ୍ୱାଧିନତା ସଂଗ୍ରାମୀ ଙ୍କ ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ ଜଣାଉଛି।

କନିଷ୍ଠ ଅଧ୍ୟାପକ
କୋଦଳା ସ୍ୱତନ୍ତ୍ର ବି.ଏଡ଼ କଲେଜ
ଫୋନ୍ ନଂ- ୯୦୯୦୦୫୭୧୦୩

ଧାରାବାହିକ ଉପନ୍ୟାସ

ଉଜ୍ଜ୍ୱଳ ଉପତ୍ୟକା

ଭାଗ-୧
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସୁକାନ୍ତି ନନ୍ଦ
♥ ଗୁଡ଼ିଆ ସାହି, ପୁରୀ-୭୫୨୦୦୧
ମୋ : ୮୩୩୯୦୦୨୬୫୮

ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍‌ଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆତ୍ମ ବିଶ୍ୱାସ ତ ଧିମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।

ଘର ତ ଘର ପରି ଲାଗୁନି...।

ଲାଗୁଛି ସତେ ଯେମିତି ଗୋଟେ ଦୁଃଖ ଶୋକ ଓ ଆର୍ତ୍ତନାଦର ବିସ୍ତୃତ ମଞ୍ଚ । ଯେଉଁ ମଞ୍ଚରେ କି ଅହରହ ଅଭିନୀତ ହେଉଛି ଦୁଃଖ କଷ୍ଟ ଓ ଯନ୍ତ୍ରଣାରେ ବତୁରୁଥିବା ଭଙ୍ଗା ଭଙ୍ଗା କେତେଟା ଦୃଶ୍ୟ ।

ମଧ୍ୟାହ୍ନର ଟହଟହ ଖରା ଏତେ ଧୂଆଁଳିଆ ଲାଗୁଛି କାହିଁକି ! ଯେତେ ଚେଷ୍ଟା କରି ଏପାଖ ସେପାଖ ଚାହିଁଲେ ବି ସ୍ପଷ୍ଟ ଦିଶୁନି ତ କିଛି !

ମା' ବାପା କୋଉଠି ଅଛନ୍ତି ଯେ ! ହୁଏତ ବାପା ବିଶ୍ରାମ ନେଉଥିବେ ଭିତର ଘରେ । ରନ୍ଧାବଢ଼ା ପାଇଁ ରୋଷେଇଘରେ ମାନସୀକୁ ସାହାଯ୍ୟ କରୁଥିବେ ମା'...। ସାନଭାଇ ଦେବା ତ ଅଫିସ୍ ଚାଲିଯାଇଥିବ । ହେଲେ ତା ନଟ୍‌ଖଟିଆ ଛୋଟ ପୁଅ ଲୁଲା କୋଉଠି ଅଛି ! ଖାଇ ପିଇ ବାପାଙ୍କ ପାଖରେ ଶୋଇ ପଡ଼ିଛି କି ! ଆଶ୍ଚର୍ଯ୍ୟ, ଏକାଠି ସମସ୍ତେ କେମିତି ଅନ୍ତର୍ଦ୍ଧାନ ହେଇଗଲେ !!

ପାଦ ଚିପିଚିପି ବାପାଙ୍କ ରୁମ୍ ଭିତରକୁ ପଶିଗଲି ।

ପଛରେ ଥିଲେ ମୋ ସ୍ୱାମୀ ଅଖିଲ୍ ଓ ଝିଅ ଝୁମୁରୀ । ହଠାତ୍ ମାନସୀ, ସାମ୍ନାରେ ଛିଡ଼ା ହେଇ, ଜୋରରେ ପାଟି କରି କହିଲା - ଏଇ ତ' ନାନୀ ଭାଇନାମାନେ ଆସିଗଲେଣି । ବାପା...ଦେଖନ୍ତୁନା... ଆମ ଝୁମୁରୀ କେମିତି କଣ୍ଢେଇ ଭଳି ଡେଇଁ ଡେଇଁ ଆସୁଛନ୍ତି ! କେଡ଼େ ସୁନ୍ଦର ଦିଶୁଛନ୍ତି ମ' ସେ !

ପାଖକୁ ଆସି ପାଦ ଛୁଇଁ ଆମକୁ ମୁଣ୍ଡିଆ ମାରିଲା ମାନସୀ । ଝିଅକୁ ଜାକିପକେଇ ଗେଲ କଲା । ଆଦର କଲା । ଝୁମୁରୀ ବି ତା ବେକରେ ଓହଳି ପଡ଼ି ପଚାରିଲା - ଲୁଲା କୋଉଠି ଅଛି ମାଇଁ...ମୁଁ ତ' ତାକୁ କେତେବେଳୁ ଖୋଜୁଛି । ମମି କହୁଥିଲେ ସେ ମୋର ବେଷ୍ଟ ଫ୍ରେଣ୍ଡ...। ଡାକନା ତାକୁ...!

ଡାକିବା ତ ଦୂରର କଥା । କୋଉଠି ଲୁଚି ବସିଥିଲା କେଜାଣି, ଖପ୍ କରି ଦୌଡ଼ି ଆସି ଝୁମୁରୀର ହାତ ଧରି ଭିଡ଼ିନେଇଗଲା ଲୁଲା । ମାନସୀ ହସିହସି କହିଲା - ଦେଖ ମ' ନାନୀ, ଏମାନଙ୍କର ସ୍ନେହ ଶ୍ରଦ୍ଧା ଓ ଆପଣାପଣର ସମ୍ପର୍କକୁ । କେତେ କଥା ଜାଣିଗଲେଣି ଏମାନେ !

: ଜାଣିବେନି କେମିତି, ଆସ୍ତେ ଆସ୍ତେ ବଡ଼ ହେଉଛନ୍ତି, ବଡ଼ ହେବା ଭିତରେ କେତେ ନୂଆ ନୂଆ କଥା ବି ଶୁଖୁଛନ୍ତି, ଯେମିତି ଆମେ ଆମ ସମୟର ଜୀବନ ଧାରାକୁ ନେଇ ଅନେକ କଥା ଛୋଟ ବେଳେ ଶିଖୁଥିଲେ । ହେଲେ ଛାଡ଼ ସେ ସବୁକୁ । ମତେ ଆଗ କହ ମା'କୋଉଠି ଅଛନ୍ତି । ତାଙ୍କର ସ୍ୱର କି ଶବ୍ଦ ଶୁଭୁନି ଯେ ! ସେ ଗଲେ କୁଆଡ଼େ !

: କୁଆଡ଼େ କାହିଁକି ଯିବେ ମ' ଠାକୁର ଘରେ ନହେଲେ ଲେଖାନାନୀଙ୍କ ରୁମ୍‌ରେ ଥିବେ । ସକାଳୁ ତ ବାରମ୍ବାର ପଚାରୁଥିଲେ - ସେମାନେ କେତେବେଳେ ଆସିବେ ଯେ ! ମୁମ୍ବାଇରୁ ତ ଆସି କଟକରେ ଥିଲେ । ସେଇଠୁ ଆସିବା ପାଇଁ ଏତେ ସମୟ ଲାଗୁଛି !

ବାପା କେତେବେଳେ ଯେ ଆସି ପଛରେ ଛିଡ଼ା ହେଇଛନ୍ତି, ଜାଣିପାରିନଥିଲି ମୁଁ । ଖୁବ୍ ଦୁର୍ବଳ ଲାଗୁଛନ୍ତି ସେ । ଲୁହଭିଜା ଆଖି, କୋହ ଭର୍ତ୍ତି ଛାତି ଓ ଶବ୍ଦହୀନ ଓଠରେ ସେ ଅନେକ କଥା କହିବାକୁ ଚାହୁଁଛନ୍ତି, ହେଲେ ପାରୁନାହାନ୍ତି । ଅଖିଲ୍ ଓ ମୁଁ ସ୍ତବ୍ଧ ଚକିତ ଭାବେ ଚାହିଁ ରହିଲୁ ତାଙ୍କୁ ।

ଥରିଥରି ଆସି ସେ କୁଣ୍ଢେଇ ପକେଇଲେ ଆମକୁ । ମାନସୀ ପାଖରୁ ଝୁମୁରୀକୁ ନେଇ ଢ଼େର ସମୟ ଯାଏଁ ଜାକି କୁଣ୍ଢେଇ ନିର୍ଦ୍ଦେଶ ଦେଲାଭଳି କହିଲେ - ଶୀଘ୍ର ଯାଇ ଖାଇବା ପିଇବାର ବ୍ୟବସ୍ଥା କର । ଝୁମୁରୀର ହାତ ଧରି ମାନସୀ ଯିବାକୁ ବାହାରିଛି ତ ହଠାତ୍ ଖଣ୍ଡେ ଖଣ୍ଡିଆ ଭୂତ ଭଳି ଦୌଡ଼ି ଆସିଲା ତା ପୁଅ ଲୁଲା । ମତେ ଓ ଅଖିଲ୍‌ଙ୍କୁ ପ୍ରଣାମ କରି ଝିଙ୍କି ନେଲା ଝୁମୁରୀକୁ । କହିଲା ତୁ' ମୋ ସାଙ୍ଗରେ ଆସେ । ମୋ ପାଖରେ କେତେ ଖେଳନା ଅଛି । କଣ୍ଢେଇ, ଗାଡ଼ି, ବନ୍ଧୁକ, ରକେଟ୍ ଏମିତି କେତେ ସୁନ୍ଦର ଜିନିଷ ଅଛି ବି । ଚାଲ୍ ଆମେ ମେଜିକ୍ ହାଉସ୍ ଖେଳ ଖେଳିବା । ତୁ ମୋ ବେଷ୍ଟ ଫ୍ରେଣ୍ଡ ହେବୁ ନା !

ଛୁଆ ଦି'ଟାକୁ ଧରି ମାନସୀ ଭିତରକୁ ଚାଲିଗଲା ପରେ ବାପା ଅଖିଲଙ୍କୁ ପାଖରେ ବସେଇ କହିଲେ - ତମମାନଙ୍କୁ ବହୁତ ହଇରାଣ କଲି । କାର୍ଯ୍ୟବ୍ୟସ୍ତତା ଭିତରୁ ତମମାନଙ୍କୁ ଡାକି ଆଣିବା ପାଇଁ ମୋର ଇଚ୍ଛା ନଥିଲା । ହେଲେ କଣ କଣ କରିଥାନ୍ତି ମୁଁ ! ଲେଖା ତ ଜିଦ୍ ଧରି କହିଲା - ଚିତ୍ରାକୁ ଖବର ଦିଅ ମାମୁ । ତାକୁ ଦେଖିବା ପାଇଁ ମୋର ଭାରି ଇଚ୍ଛା ହେଉଛି । ଅନେକ କଥା କହିବାର ଅଛି ବି । ଡାକନା ମାମୁ...ଡେରି କରନି । ସମୟ ଚାଲିଯାଉଛି ପଛକୁ ନ ଚାହିଁ । ଖାସ୍ ମୋ ପାଇଁ ଚିତ୍ରା ଆସିବା ନିହାତି ଜରୁରୀ । ଜାଣୁଛି ସ୍ୱାମୀ ଝିଅକୁ ନେଇ ତା'ର ଛୋଟ ପରିବାର । ହେଲେ ଚାକିରୀ ଓ ଘର ସଂସାରକୁ ନେଇ ସେ ତ' ସ୍ଥିର ହେଇ ପାରୁନଥିବ । ସମୟ ପାଉନଥିବ କାହା ଭଲ ମନ୍ଦ ବୁଝିବା ପାଇଁ । ତଥାପି ତା ଆସିବା ବାଟକୁ ଚାହିଁ ବସିଛି ମୁଁ । କାନ ଡେରି ବସିଛି ତା ପାଦଶବ୍ଦକୁ ଶୁଣିବି ବୋଲି । ତାକୁ ମୋର ଅନେକ କଥା କହିବାକୁ ଅଛି, ଆସିବ ତ ସେ !

ଅଳ୍ପ ସମୟରେ ଗୁଡ଼ାଏ କଥା କହିଦେଇ ବାପା ଚୁପ୍ ପଡ଼ିଗଲେ । ଆମେ ତ ନିର୍ଜୀବ ଭଳି ହଲ୍‌ଚଲ୍ ନହେଇ କେବଳ ଶୁଣୁଥିଲୁ ତାଙ୍କ ବୟାନ । ହଠାତ୍ ଅଖିଲ ପଚାରିଦେଲେ - ବାପା, କମ୍ ସମୟ ଭିତରେ ଲେଖାଙ୍କ ରୋଗଟା ଏତେ ସାଂଘାତିକ ହେଇଗଲା କେମିତି ! କିଛି ତ କାରଣ ଥିବ ନା, ଏ ସଂକ୍ରାନ୍ତରେ ଡାକ୍ତରଙ୍କ ମତାମତ କ'ଣ ? ଭିତରେ ଭିତିରେ ସଢ଼ିଯିବାର ତ କିଛି ନିର୍ଦ୍ଧାରିତ କାରଣ, ଲକ୍ଷଣ ଥିବ ! କି ପ୍ରକାର ଅଭାବବୋଧ ଏତେ କଷ୍ଟଦେଲା ଲେଖାଙ୍କୁ ! ବାପା ମତେ ତାଙ୍କ ଡିଜିଜ୍ ଓ ସେ ଜନିତ ଟ୍ରିଟ୍‌ମେଣ୍ଟ ସବୁ ରିପୋର୍ଟ ଦେଖେଇବେ କି ?

: ନିଶ୍ଚୟ, ତମେ ଦେଖିବନି ତ ଦେଖିବ ପୁଣି କିଏ ? ଏଣିକି ତମେମାନେ ତାର ସବୁ ଦାୟିତ୍ୱ ନିଅ । କିଛିଦିନ ନିଶ୍ଚିନ୍ତରେ ରହିବା ପାଇଁ ଛାଡ଼ିଦିଅ ମତେ । ହେଲେ ତମ ଘର ସଂସାର, ଚାକିରୀବାକିରୀକୁ ନେଇ ଜୀବନ ଜଞ୍ଜାଳ ପୁଣି ତ ଅଛି !

: ଜଞ୍ଜାଳ ତ' ନିତିଦିନିଆ । ହେଲେ ସ୍ୱାର୍ଥପର ଭାବେ ନିଜ ସୁଖ ଦୁଃଖ ଓ ଭଲମନ୍ଦକୁ ବୁଝିସୁଝି ଅନ୍ୟମାନଙ୍କୁ ଆଡ଼େଇଦେବାଟା କଣ ଠିକ୍ କଥା । ଆପଣ ବ୍ୟସ୍ତ ହୁଅନ୍ତୁନି ଲେଖାଙ୍କ ଚିକିତ୍ସାର ଦାୟିତ୍ୱ ଏଣିକି ଆମେ ନେବୁ । ଅନ୍ୟ କୋଉ ଡକ୍ଟରଙ୍କ ପରାମର୍ଶ ନେଇ ପାରିବା କି ଆମେ ! ଆମ ଘରେ ତ କହୁଥିଲେ ତାଙ୍କୁ କଟକ ନେଇଯିବା ପାଇଁ ।

: ଠିକ୍ ଅଛି ତମେମାନେ ନିତ୍ୟକର୍ମ ସାରି ଖାଇପିଇ ବିଶ୍ରାମ ନିଅ । ତାପରେ...ଅନ୍ୟକଥା ।

: ହେଲେ ଲେଖା କୋଉଠି ଅଛନ୍ତି ? ସେ ଜାଣିଲେଣି ତ ଆମେ ଆସିଯାଇଛୁ ବୋଲି ?

: ଅର୍ଦ୍ଧଚେତନ ଅବସ୍ଥାରେ ଥିଲେ ବି ତମମାନଙ୍କ ଆସିବା ବାଟକୁ ସେ ଅପେକ୍ଷା କରିଛି । ଆରପାଖ ରୁମ୍‌ରେ ଶୋଇଛି ସେ । ଯାଅ ଦେଖି ଆସ । ସେ କଣ ପୂର୍ବଭଳି ଆଉ ଦିଶୁଛି ! ତା ଚମ ଧୁଡୁଧୁଡୁ ଦେହର କୋଉଗୋଟେ କୋଣରେ ମିଞ୍ଜିମିଞ୍ଜି ହେଇ ଜଳୁଛି ଜୀବନଦୀପ । କେତେବେଳେ କଣ ହେଇଯିବ କିଏ ଜାଣେ ! ସୋରାଏ ପବନ ତ ଯଥେଷ୍ଟ ସେ ଦୀପକୁ ଲିଭେଇବା ପାଇଁ ।

କିଛି ସମୟ ପରେ ମୁଁ ପଚାରିଲି - ବାପା ସଞ୍ଜୟ ଭାଇର ଆକ୍ସିଡେଣ୍ଟରେ ମୃତ୍ୟୁ ଖବର ଶୁଣି ଆମେ ତ ମାସଟିଏ ପାଖାପାଖି ନିଜ ଭଳି ନଥିଲୁ । ମାମୁ ମାଇଁଙ୍କ ଅବସ୍ଥା କ'ଣ ହେଇଥିବ ଭାବିହେଉନି । ସେମାନେ କେମିତି ଅଛନ୍ତି ? ଲୁହ ତ ଶୁଖିନଥିବ ପୁଅକୁ ହରେଇ ! ଗୋଟେ ବୋଲି ପୁଅ...ମାୟା ମମତା ସ୍ନେହ ଓ ପ୍ରେମର ପସରାକୁ ବାପା ମା'ଙ୍କଠୁ ଛଡ଼େଇ ନେଇ କୁଆଡ଼େ ଚାଲିଗଲା !

ଆଶ୍ଚର୍ଯ୍ୟ...ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଛି ମୁଁ...ଅଥଚ ବାପା ନିରୁତ୍ତର ! କ'ଣ ପାଇଁ - ମୁଣ୍ଡ ବୁଲେଇ ଦେଲାକି ତାଙ୍କର, ସଞ୍ଜୟ ଭାଇକୁ ମନେ ପକେଇ ! ହଠାତ୍ ଏମିତି ବାକ୍‌ଶୂନ୍ୟ ହେଇଗଲେ ଯେ ସେ ! ହଁ, ହେଇଥାଇପାରେ ପୁରୁଣା ଘଟଣାକୁ କେତେ ବା କିଏ ମନେ ରଖେ । ନିଜର ହେଉ ବା ପର ଦିନ ଗଡ଼ିଗଲେ ସ୍ମୃତି ସରିଯାଏ । ଯାହା ହେଲେ ବି ସଞ୍ଜୟ ଭାଇ ମା'ଙ୍କ ରକ୍ତର ନା...ତା ବିୟୋଗରେ ସେ ଖୁବ୍ ଦୁଃଖ ପାଇଥିବେ । ଏମିତିରେ ବି ରୂପରେ ଗୁଣରେ, ବିଦ୍ୟାରେ ତ' ଏକନମ୍ବର ପିଲା କହିଲେ ସଞ୍ଜୟ ଭାଇକୁ ହିଁ ବୁଝାଏ । ଦିଲ୍ଲୀରେ ଚାକିରୀ କରୁଥିଲା । ଦେଖିବାକୁ ରାଜକୁମାର ଭଳି...। ତା ବ୍ୟବହାର ତ ଖୁବ୍ ଶାନ୍ତ ମଧୁର । କି ଦୋଷ କରିଥିଲା ଯେ ସେ ବିଧାତା ଦାଉ ସାଧିଲା ତା' ଉପରେ ? ନିଶ୍ଚିହ୍ନ ହେଇଗଲା ସେ ଏ ସଂସାରରୁ ଓ ପୂରନ୍ତା ପରିବାରରୁ ! ମରଣ କଣ ଏମିତି ଆସେ ବାଛି ବାଛି ଝାମ୍ପିନିଏ ସବୁଠୁ ଭଲ ମଣିଷଟିକୁ !

ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍‌ଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆତ୍ମ ବିଶ୍ୱାସ ତ ଧିମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।

ସମ୍ଭାଳି ପାରିଲିନି...

ପାଗଳ ଭଳି ଦୌଡ଼ିଗଲି ଲେଖା ରୁମ୍‌କୁ । ଦେହ ଥରୁଥାଏ । ଯୋଉ ବାଗରେ ହେଲେ ବି ଘଷରା ପରିସ୍ଥିତିକୁ ଓଲଟ ପାଲଟ କରିଦେବା ପାଇଁ ଚାହୁଁଥାଏ ମନ । ହେଲେ ଯାହା ପାଇଁ ଏତେ ଭାବନା ଓ ପ୍ରାର୍ଥନା ସେ ତ ନିର୍ବିକାର, ଚଳତ୍‌ଶକ୍ତିହୀନ ତ' ସ୍ଥିର ଲହରୀ ପରି ଶବ୍ଦଶୂନ୍ୟ ।

ଇଏ କଣ ଅତି ସ୍ନେହର ଶ୍ରଦ୍ଧାର ମୋ ଭଉଣୀ ଲେଖା ! ଯିଏ ବିଛଣା ଉପରେ ଛିଣ୍ଡା ଛିଣ୍ଡା ମେଘ ପରି ବିପର୍ଯ୍ୟସ୍ତ ! ତା ଦେହ ସାରା ତାଳିପକା ଧୁକୁ ଧୁକୁ ଚମ । କଙ୍କାଳରେ ଭର୍ତ୍ତି ଛାତି ଓ ପିଠି । ତା ସୁନ୍ଦର ସୁଢ଼ଳ ମୁହଁ ତ' ମୁହଁ ଭଳି ଦିଶୁନି ବରଂ ଶିରାପ୍ରଶିରା ହାଡ଼ମାଳରେ ସାରାସର୍ବାଙ୍ଗ ଏମିତି ଛାଉଣି ହେଇଯାଇଛି ଯେ...ଲାଗୁଛି ସତେ ଯେମିତି କୋଉକାଳରୁ ଜମି ଜମି ଥିବା ଗୋଟେ ଅଳିଆ ଗଦା ।

ମୁଣ୍ଡ ବୁଲେଇଦେଲା ମୋର । ଶିର୍‌ଶିର୍ ଲାଗିଲା ଦେହ ଧଡ଼ାସ୍ କିନା ମୁଁ ବସିପଡ଼ିଲି ତା' ବିଛଣାରେ । ସେ ଟିକେ ଥରି ଉଠିଲା । କିଛି ଟା ହଲିଗଲା ବି ତା ସର୍ବାଙ୍ଗ । ମୁଁ ଦୋହରେଇଲି ସେଇ ଡାକ...ଲେଖା...ମୁଁ ଆସିଛିରେ । ଥରେ ଚାହାଁ ମତେ ! ତୁ ମୋ ଉପରେ ରାଗିଛୁ ନା, ଠିକ୍ ଅଛି ମୁଁ ମୋ ଭୁଲ୍ ସ୍ୱୀକାର କରୁଛି ତୋ ସାମ୍ନାରେ । ମତେ କ୍ଷମା କରିଦେ'ନା..., ଦୟାକରି କିଛି କହ ମତେ କିଛି ବି କହ ! ମୁଁ ଆସି ଯାଇଛି ମାନେ ତୋର ସବୁ ଦୁଃଖ ଯନ୍ତ୍ରଣା ଦୂରେଇ ଯିବରେ...। ଏବେଠୁ ତୋ ପାଖେ ପାଖେ ହିଁ ମୁଁ ରହିବି । ତାପରେ ତ' ତୋ କଷ୍ଟ ସବୁ ମୋର ହେଇଯିବ । ତୋ ବଞ୍ଚିବାର ରାସ୍ତା ଅନ୍ୱେଷଣରେ ମୁଁ ଲାଗିଯିବି । ବିଶ୍ୱାସ କର ମୋତେ, ତୋ ପାଇଁ ମୋ ଛାତି ତଳେ ଡବ୍‌ଡବ୍ ହେଉଥିବା ଦାରୁଣ ବ୍ୟଥାକୁ ଥରେ ଅନୁଭବ କର ! ଅନ୍ତର ତଳ ମୋର ଖିନ୍‌ଭିନ୍ ହେଇଯାଉଛିରେ । ମୋ ହାତ ଉପରେ ତୋ ସ୍ନେହବୋଳା ହାତ ରଖିଦେ ଘଡ଼ିକ ପାଇଁ । ଆମ ଭିତରେ ଅମେଳ ଆଉ ଅବିଶ୍ୱାସର ପାଚେରୀ କେବେ ବି ଉଠିନି, ତେବେ ତୁ କାହିଁକି ଏତେ ଚୁପ୍‌ଚାପ୍ । ନୀରବରେ ମଉନରେ ଦୂରେଇ ଯିବୁ ବୋଲି ଭାବିଛୁ କି ?

(କ୍ରମଶଃ)

ଜ୍ୟୋତି ଜୈନଙ୍କ ଦୁଇଟି ଗପ

ଅନୁବାଦ ଗଳ୍ପ

ଅନୁବାଦ: ବିନୟ କୁମାର ଦାସ

॥ ଦେଶଭକ୍ତ ॥

ସେଠାରେ ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଦେଶଭକ୍ତ ବୋଲି ଜାହିର କରିବା ପାଇଁ ଦେଶ ଆଉ ନିଜ ମାତୃଭୂମି ପାଇଁ କଣ କଣ କରିଛନ୍ତି ବା କରୁଛନ୍ତି ଗର୍ବର ସହିତ କହି ଚାଲିଥିଲେ । ପ୍ରଥମେ ଶିକ୍ଷକ କହିଲେ, 'ମୁଁ ଶିକ୍ଷାଦାନ କରୁଛି । ସମସ୍ତଙ୍କୁ ଶିକ୍ଷିତ କରାଉଛି । ସେହି ଶିକ୍ଷିତ ବ୍ୟକ୍ତିମାନେ ହିଁ ଦେଶର ପ୍ରଗତି କରୁଛନ୍ତି । ତେଣୁ ପ୍ରକୃତରେ ମୁଁ ହିଁ ନିଃସନ୍ଦେହରେ ଉପଯୁକ୍ତ ଦେଶଭକ୍ତ ।'

ଚିକିତ୍ସକ କହିଲେ, 'ସୁସ୍ଥ ବ୍ୟକ୍ତି ହିଁ ଦେଶର ପ୍ରଗତି କରିପାରେ । ଅସୁସ୍ଥ ବ୍ୟକ୍ତି ସମାଜରେ ବା ନିଜ ପାଇଁ ବି କିଛି କରି ପାରିବ ନାହିଁ । ମୁଁ ମୋ ଚିକିତ୍ସା ଆଉ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇ ସମସ୍ତଙ୍କୁ ସୁସ୍ଥ ରଖି ପାରିଛି । ଅତଏବ ଅସଲ ଦେଶଭକ୍ତ ର ପ୍ରମାଣପତ୍ର ମୋତେ ମିଳିବା ଉଚିତ ।'

ତହୁଁ ବ୍ୟବସାୟୀ, ଇଂଜିନିୟର, ବିଲଡର ଆଦି ବ୍ୟକ୍ତି ବିଶେଷ ନିଜ ନିଜର ଭୂମିକା ପ୍ରକଟ କଲେ । ଦେଶର ଅର୍ଥନୀତିକୁ ସେମାନେ କିପରି ସନ୍ତୁଳନ କରିପାରୁଛନ୍ତି, ତାହା ବର୍ଣ୍ଣନା କଲେ । ଅସଲ ଦେଶଭକ୍ତ ସେମାନେ ବୋଲି ଦାବୀ କଲେ ।

ଜଣେ ଧୋତି ପଞ୍ଜାବୀ ପିନ୍ଧା ନେତା ଆସି ବି ପହଁଚିଗଲେ ସେଇଠି । କହିଲେ, 'ତୁମେ ସବୁ ବେକାରରେ ଏତେ କଥା କହିଚାଲିଛ । ତୁମେ ସବୁ ଭଲ ଭାବରେ ଜାଣିଛ, ଦେଶର ପ୍ରଗତି ରେ ଜଣେ ନେତା ର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ । ତେଣୁ ମୁଁ ହିଁ ଅସଲ ରେ ଦେଶଭକ୍ତ ।'

ନେତାର ଏପରି ଦାବୀ ଶୁଣି ଜଣେ ଜଣେ ସେଠାରୁ ଖସିବାକୁ ଆରମ୍ଭ କରିଦେଲେ । ଏତିକି ବେଳେ କେହି ଜଣେ କହିଲା, 'ଆରେ ଲାଲାସିଂହ..ତୁମେ ତ କାହିଁ ତୁମ ବିଷୟରେ କିଛି କହିଲ ନାହିଁ ।'

ତହୁଁ ଲାଲା କହିଲେ, 'ମୁଁ କଣ ଅଧିକ କହି ପାରିବି । ଏମିତି ତ ମୁଁ ଜଣେ ଅବସରପ୍ରାପ୍ତ ସୈନିକ । ଏବେ ମୋ ପାଖରେ ବା ଅଛି କଣ ? ମୋର ତିନି ପୁଅ ଦେଶର ସୁରକ୍ଷା ପାଇଁ ସୀମାନ୍ତରେ ଶତ୍ରୁ ସହିତ ଲଢି ନିଜ ଜୀବନ ବଳି ଦେଇ ସାରିଛନ୍ତି । ସେହି ଶହୀଦପୁଅ ର ବାପା ମୁଁ । ଯଦି ଆପଣମାନେ ଭାବୁଥାଆନ୍ତି, ଦେଶ ପାଇଁ ମୁଁ କିଛି କରିଛି, ତେବେ ସେତିକି ହିଁ ମୋ ପାଇଁ ଗର୍ବର ବିଷୟ ।'

॥ ସୁଖନିଦ୍ରା ॥

ମଖମଲି ମୋଟା ଗଦିର ବିଛଣାରେ ଶୋଇ ଗଡପଡ ହେଉଥିଲେ ରାକେଶ ଆଉ ପତ୍ନୀ ମାୟା । ଦୁହିଁଙ୍କ ଆଖିରୁ ନିଦ ହଜି ଯାଇଛି । ଖାଲି କଡ ଲେଉଟାଇ ହେଉଛନ୍ତି ବିକଳରେ । ରାତ୍ରୀ ଅନିଦ୍ରା ଥିଲା ସେମାନଙ୍କର ଏକ ନିତିଦିନିଆ ରୋଗ । କଣ ହୋଇପାରେ ଏହାର ପ୍ରତିକାର ? ପ୍ରବଳ ଗରମ ହେଉଥିଲା । ଏ.ସି. ଚାଲିଥିଲା କିନ୍ତୁ ତଥାପି ଭୀଷଣ ଗରମ ଯୋଗୁଁ ସେମାନେ ଅତିଷ୍ଠ ହୋଇ ଉଠୁଥିଲେ ।

ପାଦରେ ଚପଲ ଗଳାଇ ରାକେଶ ବେଲକୋନୀକୁ ଆସିଲା । କିଛି ସମୟ ଏପାଖ ସେପାଖ ଟହଲ ମାରୁମାରୁ ହଠାତ କାହାର ଘୁଂଘୁଡି ଶବ୍ଦ ତା କାନରେ ବାଜିଲା । ସେ ମନେମନେ ଜାଣିବାକୁ ଚାହୁଁଥିଲା କୋଉଠୁ ଆସୁଛି ଏ ଶବ୍ଦ । ଭଲ କରି ଲକ୍ଷ୍ୟ କରି ଜାଣିଗଲା ଯେ ସେଇ କ୍ୱାଟାର ର ଛାତ ଉପରେ ନିଘୋଡ ନିଦରେ ଶୋଇଥିଲେ ତାର ଚାକର ରାଧେ ଆଉ ତା ପତ୍ନୀ ଲାଳି । ସେଠାରେ ନା ଥିଲା ଫ୍ୟାନ ନା ଏ.ସି । ସୁଲୁସୁଲୁ ରାତି ପବନରେ ସେମାନେ ସାରାଦିନ କଠିନ ପରିଶ୍ରମ କରି ବେଚେତ୍ ହୋଇ ସୁଖନିଦ୍ରା ଉପଭୋଗ କରୁଥିବା ବେଳେ ମିଠା ମିଠା ଘୁଂଘୁଡି ମାରିଚାଲିଥିଲେ । ସେ କାହିଁକି କେଜାଣି ଅନୁଭବ କରି ପାରୁଥିଲା ସେହି ଶବ୍ଦ କ୍ରମଶଃ ତା ଭିତରକୁ ଧୀରେଧୀରେ ସଂଚରି ଆସୁଛି ।

♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

ପୁରାଣ ବିଦିତ ଅବତାର ବାଦ ଓ ପ୍ରଭୁ ଶ୍ରୀରାମ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଭାରତୀୟ ସାଂସ୍କୃତିକ ପରମ୍ପରା ନିର୍ମାତା ଏକ ଅପୂର୍ବ ଏବଂ ଅତୁଳନୀୟ ଗୋଷ୍ଠୀ, ଯେଉଁମାନେ ମୁନି, ଋଷି ଭାବରେ ସର୍ବଜନ ବିଦିତ । ସେଇ ମନ୍ତ୍ରଦ୍ରଷ୍ଟା, ଆତ୍ମଦର୍ଶୀ ମାନଙ୍କର ଅନୁଭୂତ ପ୍ରେରଣାରୁ ନିର୍ଗତ ହୋଇଛି ଏ ମହାନ ଜାତିର କାବ୍ୟ କବିତା, ଶିକ୍ଷା, ଦର୍ଶନ ଓ ସଂସ୍କୃତିର ଅନ୍ୟାନ୍ୟ ସକଳ ବିଭବ ।

ତପୋଧନ ମହର୍ଷି ବାଲ୍ମୀକିଙ୍କ ଲେଖନୀ ପ୍ରସୂତ ରାମାୟଣ ମହାକାବ୍ୟ ଏକ ସୁବିନ୍ୟସ୍ତ ସଂସ୍କରଣ, ଯାହା ସମଗ୍ର ଭାରତୀୟ ସାହିତ୍ୟକୁ ପ୍ରଭାବିତ କରିଛି । ଏହି ମହାନ ସୁବିପୁଳ ଗ୍ରନ୍ଥର ଜନପ୍ରିୟତା ସମଗ୍ରଭାରତ ବର୍ଷରେ ବହୁକାଳରୁ ପ୍ରଚଳିତ ହୋଇ ଆସିଛି । ପ୍ରସଙ୍ଗାନୁକ୍ରମେ ଗ୍ରନ୍ଥର ବହୁଳାଂଶ ବାସ୍ତବତାର ବିବିଧ ସ୍ତରର ବର୍ଣ୍ଣନା ପାଟବ, ତଥା କମନୀୟ ଓ ମାର୍ମୀକ ଦୃଷ୍ଟାନ୍ତରେ ବିମଣ୍ଡିତ ହୋଇ ଗ୍ରନ୍ଥର କଳେବରକୁ ବିସ୍ତୃତ ଓ ସୁସମୃଦ୍ଧ କରିଛି । ମହାନ ରଘୁବଂଶର ଅମର କୀର୍ତ୍ତିଗାଥା ବିଦ୍‌ଗଧ ପାଠକ ଓ ଉଦ୍‌ଗ୍ରୀବ ଶ୍ରୋତା ମଣ୍ଡଳୀ ଶ୍ରବଣ ଓ ମନନ କରି ଯେତିକି ଯେତିକି ଅଗ୍ରସର ହୁଅନ୍ତି, ସେତିକି ସେତିକି ବାଣୀ ଭଣ୍ଡାରରୁ ଅମୂଲ୍ୟରତ୍ନ ଲାଭ କରି କୃତାର୍ଥ ଓ କୃତ୍ୟ କୃତ୍ୟ ହୋଇଯାଆନ୍ତି । କାରଣ ଉର୍ମିଳ ମହୋଦଧି ପରି ତରଙ୍ଗାୟିତ ଏହି ସାରସ୍ୱତ ବାଙମୟ ମହାପ୍ରବାହ ଉଭୟ କର୍ମ ଜିଜ୍ଞାସା ଓ ଜ୍ଞାନଜିଜ୍ଞାସାର ଅମ୍ଳାନ ସ୍ୱାକ୍ଷର ବହନ କରି ଭାରତବର୍ଷର ଜୀବନଧାରାକୁ ବିପୁଳ ମାତ୍ରାରେ ପ୍ରଭାବିତ ଓ ଆକର୍ଷିତ କରି ନିଜସ୍ୱ ମହିମାରେ ଅଭିଭୂତ କରିଛି । ଏହି ପରିଦୃଶ୍ୟମାନ ସ୍ଥୂଳ ଜଗତ ବିଶ୍ୱାତ୍ମା ଭଗବାନଙ୍କର ଛଦ୍ମରୂପର ଏବଂ ବିଧ ପରିପ୍ରକାଶ । ଆମେ ଏହି ଜଗତରେ ଜନ୍ମ ନେଇ ଯେଉଁ ସବୁ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହେଉଛୁ, ସେ ସବୁର ଅସାରତା ଯେ ରାମାୟଣ ଗ୍ରନ୍ଥରେ ପ୍ରତିପାଦିତ ହୋଇଛି ଏଥିରେ ତୀଳେମାତ୍ରେ ସନ୍ଦେହ ନାହିଁ । ଗ୍ରନ୍ଥର ସୁଦୀର୍ଘ କଳେବର ମଧ୍ୟରେ ପ୍ରତିପାଦିତ ଦୃଶ୍ୟମାନ ବସ୍ତୁ ଏବଂ ପ୍ରତ୍ୟେକ ପରିସ୍ଥିତିର ଅନ୍ତରାଳରେ ଆତ୍ମଗୋପନ କରିଥିବା ବାସ୍ତବ ସତ୍ୟକୁ ଉପଲବ୍ଧି କଲେ ଜଣେ ସଂସାରର ଜାଗତିକ ବନ୍ଧନରୁ ମୁକ୍ତି ହୋଇ ପାରିବ ।

ହର୍ଷ ଓ ବିଷାଦପୂର୍ଣ୍ଣ ଘଟଣାର ବହୁଳତାକୁ ଦୃଷ୍ଟିରେ ରଖି ପ୍ରାଜ୍ଞପୁରୁଷ ମହର୍ଷି ବାଲ୍ମୀକି ସମଗ୍ର ଗ୍ରନ୍ଥର କଳେବରକୁ ସାତଟି ବିଭାଗ (କାଣ୍ଡ)ରେ ବିଭକ୍ତ କରିଛନ୍ତି । (୧) ବାଳକାଣ୍ଡ (୨) ଅଯୋଧ୍ୟାକାଣ୍ଡ (୩) ଅରଣ୍ୟକାଣ୍ଡ (୪) କିଷ୍କିନ୍ଧାକାଣ୍ଡ (୫)ସୁନ୍ଦରକାଣ୍ଡ (୬) ଲଙ୍କାକାଣ୍ଡ (୭) ଉତ୍ତରାକାଣ୍ଡ । ଭଗବାନ ପ୍ରଭୁ ଶ୍ରୀରାମଙ୍କ ବାଲ୍ୟଲୀଳା, ବାଳକାଣ୍ଡରେ ଲୀଳାଇତ ହୋଇଛି । ଅବତାରବାଦ ଭାରତୀୟ ଚେତନାର ଏକ ସୁମହତ୍ ଓ ମୌଳିକ ବିଶେଷତ୍ୱ ଅଟେ । ଅବତାର କହିଲେ କୌଣସି ସର୍ବୋଚ୍ଚସ୍ତରରୁ ଧରାପୃଷ୍ଠକୁ ଅବତରଣ କରି ଏକ ଦୃଶ୍ୟମାନ ରୂପ ପରିଗ୍ରହ କରୁଥିବା ମହତ୍ତ୍ୱର ଚେତନା ହିଁ ଅବତାରକୁ ବୁଝାଏ । ବିଚିତ୍ର ସୃଷ୍ଟିର କ୍ରମାଗତ ସ୍ଥିତିପାଇଁ ପରଂବ୍ରହ୍ମଙ୍କର ବିଷ୍ଣୁରୂପ ମୁଖ୍ୟତ ଦାୟୀ । ତେଣୁ ଆବଶ୍ୟକ ମତେ ଭଗବାନ ବିଷ୍ଣୁ ହିଁ ବାରମ୍ବାର ଅବତାର ଗ୍ରହଣ କରନ୍ତି । ଅବତାରତ୍ତ୍ୱର ଯଥାର୍ଥ ମହାତ୍ମ୍ୟ ବୁଝାଇବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ଯେତେବେଳେ ଧର୍ମର ଗ୍ଳାନିଘଟି, ଅଧର୍ମ ମାତ୍ରା ବୃଦ୍ଧି ହୁଏ ସେତେବେଳେ ହିଁ ମୁଁ ନିଜକୁ ସାକାର ରୂପରେ ପ୍ରକଟିତ କରେ । ସାଧୁ (ଭକ୍ତ) ଜନମାନଙ୍କୁ ପରିତ୍ରାଣ କରି, ପାପାଚାରୀ ମାନଙ୍କୁ ବିନାଶ କରିବା ଏବଂ ଉତ୍ତମ ରୂପେ ଧର୍ମ ସ୍ଥାପନ କରିବା ନିମିତ୍ତ ମୁଁ ଯୁଗ ଯୁଗ ଧରି ଧରାମାର୍ଗରେ ଅବତୀର୍ଣ୍ଣ ହୋଇଥାଏ ।

ରାମାୟଣ ଯୁଗରେ (ତ୍ରେତା), କୂଳଗୁରୁ ବଶିଷ୍ଠ ଓ ଋଷ୍ୟଶୃଙ୍ଗ କର୍ତ୍ତୃପ ରାଜାଦଶରଥଙ୍କ ଦ୍ୱାରା ଅନୁଷ୍ଠିତ ପୁତ୍ରେଷ୍ଟି ଯଜ୍ଞ ସମାପନ ପରେ ପବିତ୍ର ଚୈତ୍ର ଶୁକ୍ଳପକ୍ଷ ନବମୀ ତିଥିରେ ପ୍ରଭୁ ଶ୍ରୀରାମ ମାତା କୌଶଲ୍ୟାଙ୍କ କୋଳ ମଣ୍ଡନ କରିଥିଲେ । ବାଲ୍ୟଲୀଳାର ଅନ୍ତଘଟାଇ ରାମାୟଣର ମହାନାୟକ ରାଜକୁମାର ଶ୍ରୀରାମଙ୍କ ସହିତ ଜନକ ନନ୍ଦିନୀ ସୀତାଙ୍କର ଶୁଭପରିଣୟ ଅନୁଷ୍ଠିତ ହେବାପରେ ବରଯାତ୍ରୀଙ୍କ ସହ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ପ୍ରଜା ସାମାକୁଳ ଅଯୋଧ୍ୟା କଟକରେ ଅନିର୍ବଚନୀୟ ଆନନ୍ଦମୁଖର ପରିବେଶ ସୃଷ୍ଟି ହୋଇଛି ଅଯୋଧ୍ୟା କାଣ୍ଡରେ । କୋଳାହଳପୂର୍ଣ୍ଣ ରାଜ ନଅରରେ, ରାଜକୁମାର ଶ୍ରୀରାମଙ୍କ ରାଜ୍ୟାଭିଷେକର ଆୟୋଜନ ପରିପ୍ରେକ୍ଷୀରେ ମାତା କୈକେୟୀ କର୍ତ୍ତୃକ ମନ୍ଥରାଙ୍କ ଚକ୍ରାନ୍ତରେ ରାଜ୍ୟାଭିଷେକ ଅନୁଷ୍ଠିତ ହେବା ପରିବର୍ତ୍ତେ ସମଗ୍ର ଅଯୋଧ୍ୟାବାସୀଙ୍କ ମନରେ ବିଷାଦର ଛାୟା ଖେଳି ଯାଇଛି । ଶୋକାକୁଳ ପରିବେଷ ମଧ୍ୟରେ ପ୍ରଭୁ ଶ୍ରୀରାମଙ୍କର ଚଉଦବର୍ଷ ବନଗମନ ସାଙ୍ଗକୁ, ଶ୍ରୀରାମଙ୍କ ଅବର୍ତ୍ତମାନରେ ଦଶରଥଙ୍କର ମହାପ୍ରୟାଣ ଜନିତ ଦାରୁଣ ଦୁଃଖ, ଗ୍ରନ୍ଥର କଳେବରକୁ କାରୁଣ୍ୟତାରେ ଭରି ଦେଇଛି ।

ପୁତ୍ର ଶୋକାତୁର ସତ୍ୟସନ୍ଧରାଜା ଦଶରଥ, ପ୍ରଭୁ ଶ୍ରୀରାମଙ୍କ ବିରହରେ ମ୍ରିୟମାଣ ହୋଇ ଶୋକ ଜର୍ଜରିତ ଚିତ୍ତରେ ହେମୋର ପ୍ରାଣପ୍ରିୟ ରାମ ! ହା ଜାନକୀ ହା ଲକ୍ଷ୍ମଣ ! ହାପିତା - ଚିତ୍ତ- ଚକୋର - ହିତକାରୀ ମେଘ ! କହି କହି ଭୂମିରେ ଲୋଡ଼ି ପଡିଲେ ପୁଣି ଶେଷଥର ପାଇଁ ରାମ ରାମ ଉଚ୍ଚାରଣ କରି ଶ୍ରୀରାମଙ୍କ ବିରହରେ ମର ଶରୀର ତ୍ୟାଗ କରି ସୁର ଲୋକକୁ ଗମନ କଲେ । ପ୍ରଜାସମାକୁଳ, କୋଳାହଳପୂର୍ଣ୍ଣ ଅଯୋଧ୍ୟା କଟକ ସର୍ବହୀତକାରୀ ପ୍ରଭୁଶ୍ରୀରାମ ଓ ପ୍ରଜାନୁରଞ୍ଜନ ନରପତି ଦଶରଥଙ୍କ ବିଚ୍ଛେଦରେ ଅବ୍ୟକ୍ତ ଯନ୍ତ୍ରଣାରେ ବିଦୀର୍ଣ୍ଣ ହୋଇ ଏକ ଅନଗତ ଭବିଷ୍ୟତକୁ ଅପେକ୍ଷା କରି ପଡ଼ି ରହିଲା । ଅତୁଳନୀୟ ରାଜବୈଭବର ଆଶକ୍ତି ପରିହାର କରି, ଭାଇ ଭାର୍ଯ୍ୟାଙ୍କୁ ସାଙ୍ଗରେ ନେଇ ଦୁର୍ବିସହ ଦୁଃଖଯନ୍ତ୍ରଣାକୁ ପାଥେୟକରି ପ୍ରଭୁଶ୍ରୀରାମ ଗହନ କାନ୍ତାର ମଧ୍ୟରେ ଅନିର୍ଦ୍ଦିଷ୍ଟ ଲକ୍ଷପଥରେ ଘୁରି ବୁଲିଲେ । ଦଣ୍ଡକାରଣ୍ୟରେ ଅବସ୍ଥାନ କାଳରେ ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣଙ୍କ ଅନୁପସ୍ଥିତିରେ ଦୁରାଚାରୀ ଦଶାନନ, କୁଡ଼ିଆ ମଧ୍ୟରୁ ମାତା ସୀତାଙ୍କୁ ଏକାକିନୀ ଦେଖି ଅପହରଣ କରି ନେଲା । ବାଲ୍ୟଲୀଳା ଶେଷରେ ଆଦ୍ୟଯୌବନ କାଳରେ ପ୍ରଭୁ ଶ୍ରୀରାମ ବହ୍ମର୍ଷି ବିଶ୍ୱାମିତ୍ର କର୍ତ୍ତୃକ ବିଦେହ ମଣ୍ଡଳରେ ପ୍ରବେଶ, ପଥରେ ଅଭୀଶପ୍ତା ଅହଲ୍ୟାଙ୍କର ଶାପମୋଚନ, ଶିବଧନୁ ଭାଙ୍ଗି ସୀତାଙ୍କ ପାଣିଗ୍ରହଣ ଆଦି ନାନାବିଧ ପାର୍ଥୀବ ଓ ପାରମାର୍ଥୀକ କାର୍ଯ୍ୟ ଶେଷକରି ସୀତାଙ୍କ ପିତୃସତ୍ୟପାଳି ଚଉଦବର୍ଷ କାଳ ଦୁସ୍ତର ବନବାସ ଜୀବନ କଟାଇବାକୁ ଲାଗିଲେ । ଇତିମଧ୍ୟରେ ସୀତା ହରଣ ଜନୀତ ହୃଦୟ ବିଦାରକ ଦୁଃଖ ଓ ବିଶ୍ୱତ୍ରାସ ରାବଣ ସମେତ ବହୁରାକ୍ଷସଙ୍କୁ ବଧକରି ଅବତାର ବାଦର ବୈଶିଷ୍ୟ ପ୍ରତିପାଦନ କଲେ । ପ୍ରାଣପ୍ରିୟା ସୀତାଙ୍କୁ ପାଇଲାବେଳକୁ ଚଉଦବର୍ଷର ବନବାସ ଜୀବନ ଶେଷ ହୋଇ ଆସିଛି । ଭାଇ ଭାର୍ଯ୍ୟାଙ୍କୁ ସାଙ୍ଗରେ ନେଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଛନ୍ତି । ରାଜଧର୍ମର ପାରମ୍ପରିକ ରୀତିରେ ରାଜ ସିଂହାସନରେ ଅଭୀଷିକ୍ତ ହୋଇ, ରାଜଧର୍ମ ପାଳନ ଅବସରରେ ଆଉ ଏକ ଦାରୁଣ ବିପତ୍ତିର ସମ୍ମୁଖୀନ ହୋଇ, ପ୍ରଜାକୁଳର ସବୁଠାରୁ ଅଧମ ପର୍ଯ୍ୟାୟ ପ୍ରତି ସମ୍ମାନ ଜଣାଇ ତୀବ୍ର ଅଭିମାନ ଓ ଦାରୁଣ ଦୁଃଖାଭିଭୂତ ପ୍ରଭୁ ଶ୍ରୀରାମ ସୀତାଙ୍କୁ ନିର୍ବାସନ ଦଣ୍ଡରେ ଦଣ୍ଡିତ କରିଛନ୍ତି । ମୁନି ପୁଙ୍ଗବ ବାଲ୍ମୀକିଙ୍କ ଆଶ୍ରମରେ ଆଶ୍ରୟ ନେଇ କାନ୍ତ ବିରହ ବିଧୁରା ପତିପ୍ରାଣା ଜାନକୀ ଯମଜ-ସନ୍ତାନ ଲବ ଓ କୁଶ ଦୁଇ ଭାଇଙ୍କୁ ଜନ୍ମ ଦେଇଛନ୍ତି । ହାୟ ବିଧାତା ଏହାତ ପୁଣି ମନୁଷ୍ୟ ଜୀବନର ଦୁଃଖଦ କାହାଣୀ ।

ରାମାୟଣର ସୀତା ହେଉଛନ୍ତି, ଜଣେ ଆଦର୍ଶ ବାଦିନୀ ସଂସ୍କୃତି ସଚେତନଶୀଳା ଆଦର୍ଶ କୂଳବଧୂ । ଜଣେ ଆଦର୍ଶବାଦିନୀ କୂଳବଧୂର ସମସ୍ତ ନୈତିକ ଗୁଣାବଳୀକୁ ବହନ କରି, ସେ ନିଜର ସାମାଜିକ ଜୀବନ ନିର୍ବାହ କରିଛନ୍ତି । ପ୍ରଭୁ ଶ୍ରୀରାମଙ୍କ ବନବାସ କାଳରେ ସ୍ୱାମୀଙ୍କ ଦୁଃଖରେ ସମଦୁଃଖିନୀ ହୋଇ ସେ ଶ୍ରୀରାମଙ୍କ ସହିତ ବନବାସିନୀ ହୋଇଛନ୍ତି । ରାବଣ ଦ୍ୱାରା ଅପହୃତା ହେବା ପରେ ସେ ନିଜର ସତୀତ୍ୱକୁ ପରୀକ୍ଷା କରିବା ପାଇଁ ନିଜକୁ ଅଗ୍ନିଗର୍ଭରେ ନିକ୍ଷେପ କରିଛନ୍ତି । ପୁନଶ୍ଚ ରାମଚନ୍ଦ୍ରଙ୍କ ଦ୍ୱାରା ପରିତ୍ୟକ୍ତା ହେଲାପରେ ବନବାସିନୀ ହୋଇ ମଧ୍ୟ ଶ୍ରୀରାମଙ୍କ କୌଣସି ମନ୍ଦଚିନ୍ତା ନକରି, ନାରୀ ଧର୍ମର ମର୍ଯ୍ୟଦା ଅକ୍ଷୁର୍ଣ୍ଣ ରଖିଛନ୍ତି । ଏମିତି କେତେକେ ମର୍ମନ୍ତୁଦ ଘଟଣାରେ ମ୍ରିୟମାଣ ହୋଇ, ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ଜନଜୀବନ ଚିନ୍ତା କରି ଆସିଛି - ଆହା, ଏପରିଘଟଣା ନଘଟି ମାତାସୀତା ଦେବୀ ଆଜୀବନ ପ୍ରଭୁ ଶ୍ରୀରାମଙ୍କ ସହିତ ସୁଖର ସଂସାର କରିଥାନ୍ତେ କି । ଭାରତୀୟ ଜନଜୀବନର ଏହି ସବୁ ସାମୂହିକ କାମନା, ତଥା ପ୍ରଭୁ ଶ୍ରୀରାମଙ୍କ ଜୀବନର ଚଳାପଥରେ ଘଟି ଯାଇଥିବା ଭିନ୍ନ ଭିନ୍ନ ବିଷ୍ମୟଭରା ଦୁର୍ବିସହ କାହାଣୀ ତାଙ୍କୁ ମର୍ଯ୍ୟଦା ପୁରୁଷୋତ୍ତମ ଆସନରେ ଅଧିଷ୍ଠିତ କରିଛି । ଆଜି ପବିତ୍ର ଶ୍ରୀରାମ ନବମୀ ପାଳନ ଅବସରରେ ମର୍ଯ୍ୟଦା ପୁରୁଷୋତ୍ତମଙ୍କ ପଦାର ବିନ୍ଦରେ ଏତିକି ପ୍ରାର୍ଥନା, ଯେଉଁ କୋଦଣ୍ଡ ଧନୁ ଟଙ୍କାରରେ ତାଙ୍କ ଅବତାରୀ ଜୀବନ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି, ସେଇ ଧନୁର୍ବାଣ ସମଗ୍ର ବିଶ୍ୱରୁ ଦୁଃଖର ଦାବାନଳକୁ ଦହନ କରୁ । ଜୟ ଶ୍ରୀରାମ ।

♥ସହ-ପ୍ରତିରଦ୍ୱିକ ଓ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

ଗାଁ ଗୀତ

(ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୫

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖିରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।

ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨,
ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ଆମ ଗାଆଁ ବିଲ ସୋରିଷ କିଆରି
କଅଁଳ ଉଷୁମ ଖରା
ସବୁ ମହୁମାଛି ମଧୁର ଗୁଂଜନ
ସରାଗ ସେଥିରେ ଭରା ।୪୧।

ସଂଜ ନଇଁଗଲେ ଆମ ଗାଆଁ କଇଁ
ଆକାଶ ଆଡ଼କୁ ଚାହେଁ
ନୀଳ ଆକାଶର ଚାନ୍ଦ ମୁହଁ ଦେଖି
ସବୁକିଛି ଭୁଲିଯାଏ ।୪୨।

ତା'ମାଟି ଅଗଣା ସ୍ନିଗ୍ଧ ବାସ୍ନାରେ
ମମତାର ଭିଜା ଗନ୍ଧ
ମମତାର ଜଳେ ତନୁ ତା'ର ଖେଳେ
ଅଭୁଲା ଚପଳା ଛନ୍ଦ ।୪୩ ।

ଅବକ୍ଷୟମୁଖୀ ଗହ୍ୱର ଭିତରେ
ଶୀତଳ ଚନ୍ଦନ ଆହା !
ଚୋରା ଚଇତର ଚିତ୍ରଖାତା ସେ
ମାଟି ମନ୍ତର ନାଆଁ ।୪୪ ।

କ୍ଳାନ୍ତ ବୟସେ ଚନ୍ଦନ ମହକ
ସ୍ମୃତିଙ୍କର ଲମ୍ବା ଧାଡ଼ି
ରାତି ଅଂଧାରର କମନୀୟ ଶିଖା
ଆଲୁଅର ଫୁଲ କଢ଼ି ।୪୫ ।

ଉଜୁଡ଼ା ସ୍ମୃତିର ନିଃଶ୍ୱାସ ପହଁରେ
କଂଚା ଘାସର ଗନ୍ଧ
ଲୁହ ଟୋପା ପ୍ରତିବିମ୍ବରେ ଝଲସେ
ପୁରୁଣା ଦାଣ୍ଡ ବନ୍ଧ ।୪୬ ।

କୋଳି କନିଅର କେତକୀ ମେଳରେ
ଝାଇଁ ଝାଇଁ ଖରାବେଳ
ଖରା ବୋଳିଦିଏ ଚନ୍ଦନ ପରି
କୁନା ରୁନା ଟୁନା ମେଳ ।୪୭ ।

ଆମ୍ବୁଲ ସାଥେ ଲଙ୍କା ଓ ରସୁଣ
ରସ ଗିନାଟାରେ ଦଳି
ଟାକରା ଫୁଟିବା ସାଙ୍ଗକୁ ସୁହାଏ
ଭଇଁଚ କଣ୍ଟେଇ କୋଳି ।୪୮ ।

ଗାଆଁ ମଶାଣିର ଅରଖ ଫୁଲରେ
ବାପା ଦାଦାଙ୍କର ସ୍ୱର
ମନ ଆଇନାରେ ସ୍ପଷ୍ଟ ଦିଶିଯାଏ
ସୁଖର କଉଡ଼ିଘର ।୪୯ ।

ବାହାଘର ବାଜା ରଜଦୋଳି ଗୀତ
ବୋଉର ସଂଜବତୀ
ନଈ ଗୀତଖାତା ଚାଉଳର ପିଠା
ଝୁଣା ଧୂପ ଆଳତୀ ।୫୦ ।

ବହି ଆଲୋଚନା

ଶବ୍ଦର ବେଗ ଠାରୁ ଆହୁରି ତୀବ୍ର : ନନ୍ଦଦାସର ଆତ୍ମଲିପି

ଡ. ରାଧାରଂଜନ ପଟ୍ଟନାୟକ

କବି ରତ୍ନାକର ରାଉତ । ଚଳମାନ ସମୟ ଖଣ୍ଡରେ ଜଣେ ବହୁ ଚର୍ଚ୍ଚିତ ବହୁଧା ପଠିତ କବି ପ୍ରତିଭା । ବିଚାର୍ଯ୍ୟ 'ନନ୍ଦ ଦାସର ଆତ୍ମଲିପି 'ବ୍ୟକ୍ତିଗତ ଆବେଗର ସିଧାସଳଖ ପରିପ୍ରକାଶ । ନନ୍ଦଦାସ କେବଳ ଏକ ମାଧ୍ୟମ ମାତ୍ର । ଏହା ତାଙ୍କ ବ୍ୟକ୍ତିଗତ ଆବେଗର ସୌନ୍ଦର୍ଯ୍ୟାତ୍ମକ କାବ୍ୟିକ ପ୍ରତିଫଳନର ପ୍ରତିଲିପି ବ୍ୟତୀତ ଅନ୍ୟକିଛି ନୁହେଁ । କବି ରାଉତ ଅନୁଭବ କରୁଥିବା ମଣିଷର ବେଦନା, ଦୁଃଖ, ସ୍ୱପ୍ନଭଙ୍ଗ, ନୈରାଶ୍ୟ, ବ୍ୟସ୍ତତା, ନିର୍ଜନତା, ସ୍ୱାର୍ଥପରତା, ସମ୍ପର୍କ ହୀନତା, ଦାରିଦ୍ର୍ୟ, ଉଦାସୀନତା, ଆତ୍ମାନୁକମ୍ପା ସର୍ବୋପରି ବୈଚିତ୍ର୍ୟ ହୀନତାର ଚିତ୍ର ଚିତ୍ରାୟିତ ହୋଇଛି ଏଇ କବିତା ସଂକଳନରେ ।

ବାସ୍ତବତାର ଭାବକଳ୍ପରେ ସେ ଯେପରି ଆଶାତୀତ ସୁଖ ପାଠ୍ୟ କବିତାର ପ୍ଲଟ ଅଙ୍କିଛନ୍ତି, ତାହା ତାଙ୍କ କଳାଶିଳ୍ପର ଗୋଟିଏ ଗୋଟିଏ ଉପସର୍ଗ । କବି ରାଉତଙ୍କର ଭାବ ପ୍ରବଣତା ଓ ଆବେଗ ଏବଂ ତାରି ଭିତରେ ଛାଇ ଛାଇକା ଚିତ୍ର । ଶେଷ ହେବା ବେଳକୁ ପାଠକ ପାଏ ଗୋଟିଏ ଅଭୂତ ପରିତୃପ୍ତି । ତାଙ୍କର ଅଧିକାଂଶ ଲେଖା ହୃଦୟକୁ ଛୁଏଁ ଅତି ଅସମ୍ଭବ ଭାବେ । ଏହାହିଁ ତାଙ୍କ କବିତା ସମୂହର ଟ୍ରେଡ୍ ମାର୍କ । ଏଇ କବିତା ସଂକଳନଟି ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ ଦ୍ୱାରା ୨୦୧୬ ମସିହାରେ ପାଠକମାନଙ୍କ ସାମ୍ନାକୁ ଆସିଛି । ଏଥରେ 'ମନପୋଡ଼ିଗଲେ' ଠାରୁ ଆରମ୍ଭ କରି 'ସୀମାନ୍ତ' ପର୍ଯ୍ୟନ୍ତ ସମୁଦାୟ ତେତିଶ ଗୋଟି କବିତା ଶ୍ରୀ ମଣ୍ଡନ କରିଛି । ନନ୍ଦଦାସ ଏମିତି ଜଣେ କାବ୍ୟ ପୁରୁଷ, ଯିଏକି ନିଜକୁ ପ୍ରସ୍ତ ପ୍ରସ୍ତ ଆବରଣ ଭିତରୁ ଫିଟାଇ ଦେବାର ମନ୍ତ୍ର ପଢ଼ିଛି । ମୋର ତ କାହିଁକି ମନେ ହୁଏ, ନନ୍ଦ ଦାସ ଚରିତ୍ର ଭିତରେ କବି ରତ୍ନାକର ନିଜକୁ ଦେଖିଛନ୍ତି ।

ନନ୍ଦଦାସ । ସମାଜକୁ ଖୁବ ନିକଟରୁ ଦେଖିଛନ୍ତି । ଯାହା ବାସ୍ତବ, ତାହାହିଁ ରୂପନେଇଛି ଏଇ କବିତାର ପ୍ରତିଟି ଫର୍ଦ୍ଦରେ ।

କବିତାର ଆରମ୍ଭ ଏକ ଆକ୍ତା ମାକ୍ତା ହୃଦୟରୁ । ନିଆଁ ନଥିଲେ ଧୂଆଁ ବାହାରେ ନାହିଁ ବୋଲି ସଭିଏଁ ସ୍ୱୀକାର କରନ୍ତି । ମାତ୍ର ବିନା ଧୂଆଁରେ ଯେଉଁ ଦିନ ଧୂମ କୁଣ୍ଡଳୀରେ ଚତୁର୍ଦ୍ଦିଗ ଆଚ୍ଛାଦିତ ହୋଇ ଯାଇଛି ବୋଲି ନନ୍ଦ ଦାସ ଦେଖିଛନ୍ତି, ସେଦିନ ସେ ହୋଇଛନ୍ତି ଚକିତ । ବିସ୍ମିତ । ସେ ଖୋଜିଛନ୍ତି ନିଆଁର ଉତ୍ସକୁ । କିନ୍ତୁ କେଉଁଠି ବି ସେ ଦେଖି ପାରି ନାହାଁନ୍ତି ସେଇ ନିଆଁର ଉତ୍ସରିତ କେନ୍ଦ୍ରକୁ । ସେ ହୋଇଛନ୍ତି ନିରାଶ । ସେଇଥିପାଇଁ ତ ତାଙ୍କ କଣ୍ଠ ତୋଳିଛି- 'ସେ ନିରାଶ ହେଲା, ସବୁ ଅନ୍ଦି ଗଳି/ଅଣ୍ଡାଳି ଉଣ୍ଡାଳି, ଦରାଣ୍ଡି ଦରାଣ୍ଡି ହତାଶ ହେଲା ପରେ/ବାଧ ହୋଇ ଧରି ନେଲାଯେ/ ତା' ବିଶ୍ୱାସ ପ୍ରାଗ୍ ଐତିହାସିକ କାଳର ଅଚଳ/ଏବର ସମୟରେ ଅନୁପଯୋଗୀ ବିଶ୍ୱାସ ।'

ସବୁଠି ଚାଟୁକାରଙ୍କ ଚଟୁଳ କଥା । ବୁଦ୍ଧିମାନ ବିଦ୍ୱାନ ବି ହୋଇ ଯାନ୍ତି ମୋହ୍ୟମାଣ । ସତ କଥାରେ ସତୀ ଭୁଲିଲା ପରି କପଟଚାରୀର କପଟଫାଶରେ ନାରୀ ହୁଏ ପଥଭ୍ରଷ୍ଟା । ପାଲଟି ଯାଏ ବିଟପୀ ।

'କାହାର କଥାରେ, କାଗଜ ରେ ଅବା ପୁଣି କଲମ ମୁନରେ,କଲମ ଯାଦୁରେ/ ତୁଣ୍ଡ ବାଇଦରେ ବ୍ୟାପି ଯାଏ ସହସ୍ର କୋଶ ।' ସମାଜରେ ଏମିତି ମଣିଷ ଅଛନ୍ତି, ଯେଉଁମାନେ ସଜମା ରେ ବି ପୋକପକାଇ ଥାନ୍ତି । ନିଷ୍ପାପ ମଣିଷ ଦେହରେ ବି ଲାଗିଥାଏ କଳଙ୍କ ଛିଟା । ହୁଏ ଲୋକହସା -ଏମିତି ଏକ ଅବସ୍ଥାଚକ୍ରରୁ ବି ମୁକ୍ତି ପାଇ ନାହିଁ ନନ୍ଦ ଦାସ ।

ସେ ପଚାରିଛି ତାର ଅନ୍ତରାତ୍ମାକୁ - 'କିରେ ନନ୍ଦ ! କେଉଁ ଦୋଷ ପାଇଁ ତୋର ଏ ଦଣ୍ଡ ?' ନିଜକୁ ନିଜେ ସମୀକ୍ଷା କରିଛି ନନ୍ଦ ଦାସ । ତମାମ ଜୀବନ ଲାଞ୍ଛ, ମିଛ ଏବଂ ପେଞ୍ଚ ଠାରୁ ଦୂରେଇ ରହିବି କଣ ମିଳିଛି ତାକୁ ! ଯେଉଁ କଥାକୁ ସେ ଡରୁଥିଲେ, ଶେଷରେ ସେହି ଦୋଷରେ ଦୋଷୀ ହେବାକୁ ପଡିଲା । ଏମିତି ଗୋଟେ ଗୋଟେ ମୁହୂର୍ତ୍ତ ର କଥା ନନ୍ଦଦାସକୁ କରିଛି ଆନ୍ଦୋଳିତ । ଏମିତି ବି ନିର୍ବାଚନରେ ନିରପେକ୍ଷ ନୀତି ଆଦରି ନେଇଥିଲେ ବି ତାଙ୍କ ବିରୋଧରେ ହୋଇଛି ଷଡ଼ଯନ୍ତ୍ର । ରାସ୍ତା ଖୋଜି ପାଇ ନାହାନ୍ତି ସେ । ଏମିତି ତାଙ୍କ ଜୀବନରେ ଅନେକ ଆକସ୍ମିକ ମୁହୂର୍ତ୍ତ ଆସିଛି, ଯାହାକୁ ସେ ପ୍ରକାଶ୍ୟରେ ପ୍ରକାଶ ବି କରିପାରି ନାହାନ୍ତି ।

ହୁଏତ ଏଇଥିପାଇଁ ସେ 'ବିକଳ୍ପ କଣ'ର ବ୍ୟାକରଣ ପାଠ କରିଛନ୍ତି । ଯେଉଁଠି ସର୍ବନାମ ଭିତରେ ଶୂନ୍ୟସ୍ଥାନ ଜମାଟ ବାନ୍ଧିଛି । ଫଳତଃ ବୟସ ସହ କଣ ମନ ବଦଳି ଯାଏ ବୋଲି ପ୍ରଶ୍ନ କରିଛନ୍ତି । ସପ୍ତଫେଣି କଣ୍ଟାରେ ଛନ୍ଦି ହେଲାପରି ନୀରିହ ଘୁରୁଘୁରିଆ ପୋକ, ଜାଣୁ ଜାଣୁ ସତର୍କ ହେଉ ହେଉ ଗୋଟେ ଅପ୍ରତିଭ ବନ୍ଧନରେ ବାନ୍ଧି ହୋଇଯାଏ -ଉଭୟ ହୃଦୟ ଓ ମନ । ଶରୀର ଏଡେଇ ପାରେ ନି ଚାରି କାନ୍ଥ/ଚୌହଦୀ/ବନ୍ଧନ/ଓ ଲକ୍ଷ୍ମଣ ର ତିନି ଗାର ।

କିନ୍ତୁ ମନ ? ସେତ ସ୍ୱାଧୀନ, ଅମଳିନ, ଭାସ୍ୱର ଏବଂ ସଦା ଚଳମାନ । ନା ତାର ଅଛି ଜରା ! ନା ବାର୍ଦ୍ଧକ୍ୟ !! ସେ ସବୁବେଳେ ଉନ୍ମାଦ, ଉନ୍ମୁଖ,ସବୁଜ ଓ ସୁନ୍ଦର । କବିର କଳ୍ପନା କେତେ ଯେ ତୀବ୍ର, ତାହା 'ଅଦୃଶ୍ୟ ହାତ' କବିତାରୁ ସ୍ପଷ୍ଟ । ବିଧି ବି ବେଳେ ବେଳେ ବାମ ସାଜେ । ସବୁଠି ଠିକ ଠାକ ଚାଲି ଥିଲା ବେଳେ ହଠାତ ଅଶୁଭ ଖବର ପହଞ୍ଚେ । କେଉଁଠି ମହାଦ୍ରୁମ ଉପୁଡି ପଡିଛିତ, ପୁଣି କେଉଁଠି ପ୍ରିୟଜନ ଛାଡି ଚାଲି ଯାଇଛନ୍ତି । ଏମିତି ଦୃଶ୍ୟ ଦୃଶ୍ୟାନ୍ତର ଭିତରେ ନନ୍ଦ ଦାସ ବିଚଳିତ ହୋଇଛି ସତ; ପରକ୍ଷଣରେ ଈଶ୍ୱରଙ୍କ ପାଖରେ ନିଜର କୃତଜ୍ଞତା ପ୍ରକାଶ କରିଛନ୍ତି । କାରଣ ସେ ହିଁ ଘଣ୍ଟ ଘୋଡେଇ ରଖନ୍ତି ତାର ପ୍ରିୟଜନ ମାନଙ୍କୁ । କବିଙ୍କ ଭାଷାରେ- 'କିଏ ଯେପରି ଅଦୃଶ୍ୟ ହାତ ବଢ଼ାଇ/ଓଟାରି ଆଣିଲା ତା' ଦୁର୍ଯ୍ୟୋଗରୁ/ତାକୁ ରକ୍ଷା କରିବା ନିମନ୍ତେ ହଠାତ୍/କେଉଁ ଅଲୌକିକ ଘଟଣାର/ ପୁନରାବୃତ୍ତି ପରି ।

ନିଜର ଏକ୍ଲାପଣରେ ନନ୍ଦଦାସ ସତେ ଯେମିତି ଏକା ଏକା ପ୍ରାତଃ ଭ୍ରମଣରେ ବାହାରିଛି । ଯେଉଁ ପୋଖରୀ କୂଳ ତାର ଥିଲା ଅତି ଆପଣାର, ସେଠାରେ ଥିବା ସିମେଣ୍ଟ ବେଞ୍ଚରେ ବସି ପ୍ରକୃତିର ମନଲୋଭା ଦୃଶ୍ୟରେ ହଜିଛି । ଶାନ୍ତ ସ୍ନିଗ୍ଧ ପରିବେଶ, ନୀଳ ନୀଳ ଜଳ ଏବଂ ମାଛମାନଙ୍କର ଖେଳ ତାଙ୍କୁ ଅମୋଦିତ କରିଛି । ପୋଖରୀ ଜଳରେ ଥିବା ସୁନ୍ଦର ମାଛ ଉପରେ ତାଙ୍କର ଆଖି ଲାଗିଯାଇଛି । ମାଛର ଆଖିରେ ଯେମିତି ଅନେକ ଅକୁହା କାହାଣୀ ରହିଛି ବୋଲି ନନ୍ଦ ଦାସ ବିଶ୍ୱାସ କରିଛନ୍ତି । ଅବଶ୍ୟ ଏଇ ନନ୍ଦର ଆତ୍ମଲିପି ହିଁ କବି ରତ୍ନାକରଙ୍କ ଶବ୍ଦ ସ୍ୱର ପାଲଟି ଯାଇଛି ।

ଏଠାରେ କବି ପୁରାଣ ପୃଷ୍ଠାରୁ (myth)ମତ୍ସ୍ୟକନ୍ୟାର ଉଦାହରଣ ଦେଇ ଅପରୂପା ମାଛକୁ ଲବଣ୍ୟ ପିତୁଳି ସହ ତୁଳନା କରିଛନ୍ତି । କବିଟିଏ ଏମିତି ଦେଖିପାରେ । ସେ ଖୋଜିପାରେ ଶାମୁକା ଭିତରୁ ମୁକ୍ତା, କୋକିଳ କଣ୍ଠରୁ ବୀଣା ନିନ୍ଦିତ ମଧୁର ମୂର୍ଚ୍ଛନା, କଳା କାଦମ୍ବିନୀ କୋଳରେ ଚଳ ଚଞ୍ଚଳ ଚପଳା । ଏଥିରୁ ବି ବାଦ ପଡିନାହାନ୍ତି କବି ରତ୍ନାକର ରାଉତ ।

ସେ ଭଲ ପାଇଛନ୍ତି ଏଇ ମାଟିକୁ, ଏଇ ପରିବେଶକୁ । ସୌନ୍ଦର୍ଯ୍ୟଗ୍ରାହୀ କବି ମାଛର ଅପରୂପା ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଏମିତି ବିଭୋର ହୋଇଛନ୍ତି ଯେ, 'କେବେ ଭେଟ ହେବ ହିଁ ହେବ' ବୋଲି ଉଦ୍‌ଘୋଷଣା କରିଛନ୍ତି । ତାଙ୍କର ବିଶ୍ୱାସ ବି ଅଛି । ସେ ଜାଣିଛନ୍ତି ଦିନେନା ଦିନେ ଦେଖା ହେବ । କାରଣ ପୃଥିବୀଟା ଗୋଲ ।

ନନ୍ଦ ଦାସ ଏମିତି ଜଣେ କାବ୍ୟପୁରୁଷ, ଯିଏ କି କାହା ସହ ତାଳ ମେଳ ରଖିପାରେ ନାହିଁ । ନିଜ ଭିତରେ ନିଜେ ହିଁ ବୁଡି ରହିଥାଏ ଏକା ଏକା ।ସମ୍ଭବତଃ ଏଇଥିପାଇଁ କବି କଣ୍ଠ ତୋଳିଛି-

'ସେ ଭାବୁଥାଏ ଯେ ଗପୁଥାଏ ଏକଲା/ କାହା ସହିତ ନିରୋଳାରେ ମନକୁ ମନ'

ନନ୍ଦଦାସ ଭାବ ଭାବନାର ଶବ୍ଦ ଦୌଡ଼ ଏକାକାର ହୋଇ ଯାଇଛି, ଯେଉଁଠି ଆକାଶ ଓ ପୃଥିବୀ ଏକାକାର ହୋଇ ଯାଇଥାଏ । ଅଶାନ୍ତ ଝଡ଼ ବସା ବନ୍ଧେ । ଘର୍ମାକ୍ତ ହୋଇ ଯାଏ ତମାମ ଶରୀର । ଏକ ଦର୍ଶନବାଦର ଗଭୀର ଚିନ୍ତାରେ ସତେ ଯେମିତି ଆନମନା ହୋଇ ଯାଏ ସେ । ନିଜକୁ ବୁଝେ । ନିଜକୁ ଚିହ୍ନେ । ହୁଏ ଛଟପଟ ଠିକ ତତଲା କରେଇର କଉମାଛ ପରି ।

ଏଇଥିପାଇଁ ଯେ, ଏ ସଂସାରରେ କେହି କାହାରି ନୁହେଁ । ଧରାରେ ସଭିଏଁ ଏକ୍ଲା ଆସନ୍ତି, ପୁଣି ଏକା ଏକା ବାହୁଡ଼ି ଯାନ୍ତି । ଏମିତି ଏକ ନିର୍ମମ ସତ୍ୟକୁ ସାମ୍ନା କରିଛି ନନ୍ଦ ଦାସ । କେହି କାହାରି ସହ ଯିବେନି । ତେବେ ଏ ସଂସାରରେ ଏତେ ଦ୍ୱନ୍ଦ୍ୱ, ଏତେ କପଟ, ଏତେ ଛଳନା, ଏତେ ସ୍ୱାର୍ଥପରତା କାହିଁକି ?

ସତରେ କବି ରତ୍ନାକର ଜୀବନ ପୃଷ୍ଠାର ମହାସତ୍ୟକୁ ପ୍ରକାଶ କରିବାରେ ତିଳେ ମାତ୍ର କୁଣ୍ଠା ପ୍ରକାଶ କରିନାହାନ୍ତି । ଏହା ତ ଜଣେ ବାସ୍ତବବାଦୀ କବିର କବିତା କୈବଲ୍ୟ । କବି ରତ୍ନାକରଙ୍କ କାବ୍ୟ ସ୍ୱର ଗୋଟେ ନିର୍ଦ୍ଦିଷ୍ଟ ବିନ୍ଦୁରେ ଅଟକି ଯାଇ ନାହିଁ । ବରଂ ସେ ସ୍ୱର ପ୍ରତିଧ୍ୱନିତ ହୋଇଛି ଜଳ-ସ୍ଥଳ-ଆକାଶ ।

ମହାଭାରତ ର 'ବେଲାଳ ସେନା' ଚରିତ୍ରକୁ ଉପସ୍ଥାପନ କରିଛନ୍ତି ବିଦଗ୍ଧ ପାଠକ ମାନଙ୍କ ସାମ୍ନାରେ । ଧର୍ମ-ଅଧର୍ମର ପରିଭାଷା ଭିତରେ ନିଜ ଶିଳ୍ପ ସୌଧ ତୋଳିଛନ୍ତି ସେ । ଏଠାରେ ଉଲ୍ଲେଖ କରାଯାଇ ପାରେ, ଜଣେ ବାଣୀପୁତ୍ର କଣ ଚାହେଁ ଯେ ! ସେ ଚାହେଁ ସମଗ୍ର ସଂସାରରେ ରାମରାଜ୍ୟର ପ୍ରତିଷ୍ଠା ହେଉ । ଯେଉଁଠି ଅସତ୍ୟ, ଅଧର୍ମ ର ପ୍ରାଦୁର୍ଭାବ ବଢ଼େ, ସେଠାରେ କୌଣସି ନା କୌଣସି ଭଗବାନ ମାନବ ରୂପରେ ଜନ୍ମନେଇ ଧର୍ମ ଧ୍ୱଜା ଉଡାଇଥାନ୍ତି । କବି ଚଳମାନ ସମୟର ସାମାଜିକ ଜନ ଜୀବନ କିପରି ଧ୍ୱସ୍ତ ବିଧ୍ୱସ୍ତ ହେବାରେ ଲାଗିଛି, ତାର ନଜିର ପ୍ରଦାନ କରିଛନ୍ତି । କବି କିନ୍ତୁ ଆଶାବାଦୀ ହୋଇଉଠିଛନ୍ତି । ଅବଶ୍ୟ ନନ୍ଦଦାସର ଚରିତ୍ର ଭିତରେ । ସେ ବିଶ୍ୱାସ କରିଛନ୍ତି, ବ୍ୟାଧିଗ୍ରସ୍ତ ସମାଜକୁ ଉଚିତ ରାସ୍ତାରେ ନେବା ପାଇଁ କେହିନା କେହି କାଣ୍ଡାରୀ ଆବିର୍ଭାବ ହେବେ - ହୁଏତ ଈଶ୍ୱରଙ୍କ ରୂପରେ ଅଥବା ମହାପୁରୁଷଙ୍କ ରୂପରେ । କବି ରତ୍ନାକର ଏମିତି ଏକ ସମାଜ ନିର୍ମାଣ ପାଇଁ ସ୍ୱପ୍ନ ଦେଖିଛନ୍ତି, ଯେଉଁଠି ନାରୀ ସୁରକ୍ଷା, ଦୁର୍ବଳ, ଅସହାୟ, ଅନାଥ, ଦୁଃଖୀ, ବସ୍ତୁହରା ଆଦି ନିଜ ନିଜର ମୌଳିକ ଅଧିକାର ସାବସ୍ତ୍ୟ କରି ପାରିବେ ଏବଂ ଏକ ନିର୍ଭୟ ପୃଥିବୀରେ ବାସ କରି ପାରିବେ । କବି ରାଉତ ଏକ ଶୋଷଣ ମୁକ୍ତ ସମାଜ ଗଠନର ଇଚ୍ଛା ପ୍ରକଟ କରିଛନ୍ତି । କେବଳ ଏତିକି ନୁହେଁ, ବରଂ ଆମ ସଂସ୍କୃତି, ସାହିତ୍ୟ, ପରମ୍ପରା ଅକ୍ଷୁର୍ଣ୍ଣ ରହୁ ବୋଲି ଆହ୍ୱାନ ଦେଇଛନ୍ତି ।

ନନ୍ଦଦାସ ଏସବୁ ଭିତରେ ନିଜକୁ ପ୍ରଶ୍ନ କରିଛନ୍ତି, 'କ'ଣ ଦେଇଛୁ ମୋତେ ଜୀବନ' ସବୁଠି ସ୍ୱ-ଜାତି ପରହିଂସ୍ରକ । ଏମିତି ଏକ ଆପ୍ତବାକ୍ୟ ଉଭରି ଆସିଛି କବିଙ୍କ କଣ୍ଠରୁ । ମାୟାମୃଗ ପଛରେ ଧାଇଁଲେ କିଛି ସୁଫଳ ମିଳିବ ନାହିଁ । କବି ରାଉତ ଯେହେତୁ ଜଣେ ଜୀବନ ବାଦୀ ମଣିଷ-ତାଙ୍କ ଦୃଷ୍ଟିରେ ଅଛି ଆମ ସାମାଜିକ ଜୀବନର ଏଇ ମଣିଷ ମାନଙ୍କର କୋଳାହଳ ଚିତ୍ର, ଅତ୍ୟୁକ୍ତି ନୁହେଁ ନିଖୁଣ ବାସ୍ତବ କଥା -ବ୍ୟଥା, ଯାହାକୁ ସେ ଜୀବନ ଯାତ୍ରାରେ ଅମଳେଇଛନ୍ତି, ବୁଝିଛନ୍ତି, ବିଚାର ବି କରିଛନ୍ତି । ଆମ ଚତୁଃପାର୍ଶ୍ୱରେ ଆତଯାତ ଅନେକ କାହାଣୀ ସମ୍ପ୍ରତି କଳ୍ପନାଶ୍ରୟୀ ହୋଇ ତା'ର ସ୍ଥିତି ହରାଇ ସାରିଲାଣି । କାରଣ ପାଠକ ମୁଖ ଫେରାଇଲାଣି କଳ୍ପନା ଜଗତରୁ । ବାସ୍ତବତା ଭିତରୁ ସେ ଖୋଜୁଛି- 'ମୁଁ କଣ କରିବି, ମୁଁ କୁଆଡେ ଯିବି, କାହାକୁ ଅନୁସରଣ କରିବି । ଏଇ ତତ୍ତ୍ୱକୁ ମନେ ମନେ ଅନୁଭବ କରିଛନ୍ତି କବି ରାଉତ । ସେଇଥିପାଇଁ ସମ୍ଭବତଃ କବି କଣ୍ଠର ସ୍ୱୀକାରୋକ୍ତି- 'ପିଲାଦିନ ସମ୍ପର୍କ ଓ ସଂଘର୍ଷ ର ଇତିବୃତ୍ତି/ବରଂ ଅପବାଦ ଓ କୁତ୍ସାରଟନାରେ/ପୀଡିତ ପ୍ରାଣରେ ଭରିଦେବାକୁ/ଆହୁରି ଆହୁରି ପୀଡା ।

(କ୍ରମଶଃ)

ସଲଟ ରୋଡ଼, କାଦ୍ରାବାଦ,
ବାଲେଶ୍ୱର -୨

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୦ ଅପ୍ରେଲ, ୨୦୨୨
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

ଆଲୋଚନା...

ଓଡ଼ିଶାର ଅଙ୍ଗଚ୍ଛେଦନ : ବଙ୍ଗ ପ୍ରଦେଶରେ ମେଦିନୀପୁର ଜିଲ୍ଲାର ମିଶ୍ରଣ

ଡ. ଶ୍ରୀକାନ୍ତ ଚରଣ ପାତ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସେହି ନିହାର ପ୍ରେସର ସତ୍ୱାଧିକାରୀ ଶ୍ରୀଯୁକ୍ତ ମଧୁସୂଦନ ଜାନା କିନ୍ତୁ ଏକ ମହତ୍‌କାମ କରିଥିଲେ । ଓଡ଼ିଆ ଭାଷାରେ ଲିଖିତ ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତ ଓ ଶତାଧିକ ଛାନ୍ଦ, ଜଣାଣ ଏବଂ ଚଉତିଶା ଇତ୍ୟାଦିକୁ ବଙ୍ଗ ଲିପିରେ ଛପାଇ ବିକ୍ରି କରିଥିଲେ । ଫଳରେ ସ୍ଥାନୀୟ ଅଧିବାସୀମାନେ ସହଜରେ ଓଡ଼ିଆ ଭାଷା, ସାହିତ୍ୟ ଓ ଲୋକ ସଂସ୍କୃତି ସଂପର୍କରେ ଅବଗତ ହୋଇ ପାରୁଥିଲେ । ସେମାନେ ଓଡ଼ିଆ ଭାଷାଭାଷଇ ହୋଇଥିଲେ ବି ବଙ୍ଗଳା ଭାଷାରେ ଶିକ୍ଷାଲାଭ କରୁଥିବାରୁ ଓଡ଼ିଆ ଲେଖାପଢ଼ା ଜାଣିନଥିଲେ ।

ଭାରତର ଶାସନ ସଂସ୍କାର ପାଇଁ ଗଠିତ ମଣ୍ଟେଗୁ-ଚେମସଫୋର୍ଡ଼ କମିଟି କିନ୍ତୁ ୧୯୪୨ ମସିହାରେ ଦେଇଥିବା ରିପୋର୍ଟରେ ଭାଷା ଭିତ୍ତିରେ ପ୍ରଦେଶ ଗଠନ ପାଇଁ ସୁପାରିଶ କରିଥିଲେ । ତେଣୁ, ବିହାର-ଓଡ଼ିଶା ବିଧାନ ପରିଷଦରେ ଓଡ଼ିଆ ଭାଷାଭାଷୀ ଅଂଚଳର ଏକତ୍ରୀକରଣ କରି ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ପ୍ରସ୍ତାବ ଗୃହୀତ ହେଲା । ଫଳରେ ପୁଣି ଆଶାର ସଂଚାର ହେଲା ବିଚ୍ଛିନ୍ନାଂଚଳରେ ଓଡ଼ିଆ ଭାଷାଭାଷୀଙ୍କ ମନରେ ।

୧୯୩୧ ମସିହା ସେପ୍ଟେମ୍ବର ୩୧ ତାରିଖରେ ପ୍ରସ୍ତାବିତ ଓଡ଼ିଆ ପ୍ରଦେଶର ସୀମା ନିର୍ଦ୍ଧାରଣ ପାଇଁ କମିଟି (ବାଉଣ୍ଡାରୀ କମିଶନ) ଗଠନ କରାଗଲା । ସେଥିରେ ଭାରତର ଗଭର୍ଣ୍ଣର ଜେନେରାଲ ସଭାପତି ଓ ଆଉ କେତେଜଣ ସଦସ୍ୟ ରହିଲେ । ସେ କମିଶନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣ କରିବା ସହିତ ତାର ପ୍ରଶାସନିକ , ଆର୍ଥିକ ଓ ଅନ୍ୟାନ୍ୟ ସ୍ଥିତି କଣ ହେବ ଏବଂ ଏହା ଫଳରେ ପଡ଼ୋଶୀ ପ୍ରଦେଶର ସେଇସବୁ କ୍ଷେତ୍ରରେ ସ୍ଥିତ କଣ ହେବ- ସେ ନେଇ ସୁପାରିଶ କରିବେ । ସେ ବିଭିନ୍ନ ଅଂଚଳ ଗସ୍ତକରି ସାକ୍ଷ୍ୟ ପ୍ରମାଣ ଗ୍ରହଣ କଲେ ।

ମେଦିନୀପୁର ଜିଲ୍ଲାର ଓଡ଼ିଶା ସହିତ ମିଶ୍ରଣର ସପକ୍ଷ ଓ ବିପକ୍ଷବାଦୀ ଅନେକ ସଂଗଠନ ଦାବୀପତ୍ର କମିଶନଙ୍କୁ ଦେଲେ । ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ତରଫରୁ ନନ୍ଦକିଶୋର ଦାସଙ୍କ ନେତୃତ୍ୱରେ ଦଳେ କର୍ମୀ ଯାଇ ମେଦିନୀପୁର ଜିଲ୍ଲାର ବିଭିନ୍ନ ଅଂଚଳ ଗସ୍ତକରି ଓଡ଼ିଶା ସପକ୍ଷରେ ଜନମତ ସୃଷ୍ଟି କରିବାର ପ୍ରୟାସ କଲେ । ତତ୍‌ପୂର୍ବରୁ ମଧୁବାବୁ, ଗୋପବନ୍ଧୁ ଦାସ ଓ ଅନ୍ୟ ବରିଷ୍ଠ ନେତାମାନେ ଏକା ଉଦ୍ଦେଶ୍ୟରେ ସେ ଜିଲ୍ଲାକୁ ଯାଇଥିଲେ । ଏମାନଙ୍କ ବ୍ୟତୀତ ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ, ନିରଂଜନ ପଟ୍ଟନାୟକ, ଗୋଦାବରୀଶ ମହାପାତ୍ର, ଲକ୍ଷ୍ମଣ ନାରାୟଣ ସାହୁ ଏବଂ ଯଦୁମଣି ମଙ୍ଗରାଜ ପ୍ରଭୃତି ସାରା ମେଦିନୀପୁର ଜିଲ୍ଲାରେ ପ୍ରଚାର କରି ଲୋକମତରୁ ଓଡ଼ିଶା ସପକ୍ଷରେ ଆଣିବାର ପ୍ରଯତ୍ନ କଲେ ।

ମାତ୍ର, ୧୯୩୨ ମସିହାରେ ସାରା ଭାରତରେ କଂଗେସସ ଦଳ ବ୍ରିଟିଶ ବିରୋଧୀ ଆନ୍ଦୋଳନ ଚଳାଇବାର ଓ ଓଡ଼ିଶାରେ ହେବାକୁ ଥିବା କଂଗ୍ରେସ ଅଧିବେଶନ ବି ସେଇ କାରଣରୁ ବନ୍ଦ ହୋଇଯିବାରୁ କଂଗ୍ରେସ ଦଳ ତରଫରୁ ସୀମା ନିର୍ଦ୍ଧାରଣ କାର୍ଯ୍ୟ ପାଇଁ କମିଶନଙ୍କୁ ଆଶାନୁରୂପ ସାହାଯ୍ୟ କରିପାରିଲେନି । ତଥାପି ଅନେକ ବୁଦ୍ଧିଜୀବୀ ମେଦିନୀପୁର, ସିଂହଭୂମି, ଫୁଲଝର ଓ ବିଶାଖାପାଟଣା ପ୍ରଭୃତି ଅଂଚଳକୁ ଯାଇ ସେ ଅଂଚଳ ଗୁଡ଼ିକରେ ଓଡ଼ିଶାରେ ମିଶ୍ରଣ ସଂପର୍କରେ କାର୍ଯ୍ୟ କରୁଥିଲେ ।

The Oriya Association of Midnapore ସୀମା କମିଶନଙ୍କୁ ସ୍ମାରକପତ୍ର ଦେଇ ମେଦିନୀପୁର ଜିଲ୍ଲାର ଖଡ଼ଗପୁର, ନାରାୟଣ ଗଡ଼, କେଶିଆଡ଼ି, ଦାନ୍ତନ ଓ ମୋହପୁର ଥାନାଗୁଡ଼ିକୁ ଓଡ଼ିଶାରେ ମିଶାଇବାର ଦାବୀ କଲେ । କର୍ମବୀର ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ କଟକରୁ ପ୍ରକାଶ ପାଉଥିବା "ଉତ୍କଳ ଦୀପିକା" ୧୯୩୧ ମସିହା ଫେବୃଆରୀ ସଂଖ୍ୟାରେ ଲକ୍ଷ୍ମୀନାରାୟଣ ସାହୁ, ରାଧାନାଥ ପତି, ଭାଗବତ ଚନ୍ଦ୍ର ଦାଶ, ଭୁବନାନନ୍ଦନ ଦାସ, ଭୂୟାଁ କୈଳାସ ଚନ୍ଦ୍ର ରାୟ ମହାପାତ୍ର ଏବଂ ବିଶ୍ୱନାଥ କର ପ୍ରଭୃତି (ଉଭୟ ଓଡ଼ିଶା ଓ ମେଦିନୀପୁର ଜିଲ୍ଲାର ବିଶିଷ୍ଟ ବ୍ୟକ୍ତିଗଣ) ସରକାରଙ୍କୁ ଅନୁରୋଧ କଲେ ଯେ ମେଦିନୀପୁର ଅଧିବାସୀମାନେ ନିଜକୁ ଓଡ଼ିଆ ବୋଲି ମନେକରନ୍ତି । ବଙ୍ଗାଳୀ ଭାବରେ ନୁହେଁ । ସେହିପରି ୧୯୩୧ ମସିହା ମାର୍ଚ୍ଚ ୧୪ ତାରିଖରେ ମେଦିନୀପୁରର ହେମଚନ୍ଦ୍ର ତ୍ରିପାଠୀ, ଚୌଧୁରୀ ରାମଚନ୍ଦ୍ର ସାହା, ଦାଶରଥୀ ପତି ବିଦ୍ୟାବିନୋଦ, ସୁରେନ୍ଦ୍ର ନାଥ ମୁଖୋପାଧ୍ୟାୟ, ପ୍ରବୀର ଚନ୍ଦ୍ର ଦାସ ପ୍ରଭୃତି ବିଶିଷ୍ଟ ନେତୃମଣ୍ଡଳୀ ମିଳିତ ଭାବରେ "ଉତ୍କଳ ଦୀପିକା"ରେ ଆବେଦନ କଲେ ଯେ, ଆମର ବର୍ତ୍ତମାନର ପରିସ୍ଥିତିର ସୂଚନା ମିଳୁଛି ଯେ ଆମେ ଆଉ ଅଧିକକାଳ ଆମର ସ୍ୱତନ୍ତ୍ର ପରିଚୟ ରକ୍ଷାକରି ପାରିବୁ ନାହିଁ । ଆମେ ଆଉ ଗୋଟିଏ ଜାତିରେ ପରିଣତ ହୋଇଯିବୁ ଏବଂ ଆଉ ଏକ ଭାଷାରେ କଥାବାର୍ତ୍ତା କରିବୁଁ । ଆମର ଯଥାର୍ଥ ଦାବୀ ପୂରଣ ନହେଲେ ଆମେ ଅପଦସ୍ତ ହୋଇ କାଳ କାଟିବୁଁ ଓ ସ୍ୱାଧୀନତା ହରାଇବୁ । ନିଜ ମାତୃଭାଷା ଓ ପୂର୍ବ ପୁରୁଷଙ୍କ ମାତୃଭୂମିର ପରିଚୟର ସୁରକ୍ଷା ପାଇଁ ସେମାନଙ୍କର କି ଆକୁଳ ନିବେଦନ । ସେମାନେ ଭାବିଥିଲେ ଯେ ଇଂରେଜ ସରକାର ସେମାନଙ୍କୁ ସୁରକ୍ଷା ଦେବେ । ମାତ୍ର, ତା ହେଲାନି ।

ଏହାପରେ ବଙ୍ଗଳା ପ୍ରଶାସନ ଓ ସ୍ଥାନୀୟ ବଙ୍ଗଳା ସପକ୍ଷବାଦୀ ପ୍ରଭାବଶାଳୀ ଲୋକମାନଙ୍କ ଦ୍ୱାରା ପ୍ରାୟୋଜିତ ହୋଇ ଓଡ଼ିଆ ସପକ୍ଷବାଦୀ ଓ ଓଡ଼ିଶାରୁ ଯାଇଥିବା ବିଶିଷ୍ଟ ଲୋକମାନଙ୍କ ଉପରେ ହିଂସାତ୍ମକ ଆକ୍ରମଣ ହେଲା । ଉଦାହରଣ ସ୍ୱରୂପ ଗୋପୀବଲ୍ଲଭପୁର ସଭାରେ ଗୋଦାବରୀଶ ମହାପାତ୍ରଙ୍କୁ ଶାରୀରିକ ଆକ୍ରମଣ ଓ ଅପଦସ୍ତ କରାଗଲା ।

୧୯୩୨ ମସିହା ଫେବୃୟାରୀ ମାସରେ ଓଡ଼ନେଲଙ୍କ ନେତୃତ୍ୱରେ ଗଠିତ ସୀମା କମିଶନ ତାଙ୍କର ରିପୋର୍ଟ ଦେଲେ । ମାତ୍ର ମେଦିନୀପୁର ଜିଲ୍ଲା ଆଉ ଓଡ଼ିଶାକୁ ଫେରିଲାନି । ଉତ୍କଳ ସମ୍ମିଳନୀ ସମେତ ଅନ୍ୟମାନେ ପ୍ରତିବାଦ କଲେ ବି ଲାଭ ହେଲାନି । ଅପରପକ୍ଷରେ ୧୯୩୨ ମସିହା ସେପ୍ଟେମ୍ବର ମାସରେ ଇଂରେଜ ସରକାର ଯେଉଁ ଶ୍ୱେତପତ୍ର ପ୍ରକାଶ କଲେ, ସେଥିରେ ଓଡ଼ନେଲ କମିଟି ସୁପାରିଶ କରିଥିବା ଅନେକ ଓଡ଼ିଆ ବହୁଳ ଅଂଚଳକୁ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶରୁ ବାଦ ଦିଆଗଲା । ପୁନଶ୍ଚ, ମେଦିନୀପୁର ସମେତ ଅନ୍ୟପ୍ରଦେଶରେ ଥିବା ଅନେକ ଓଡ଼ିଆ ବିଚ୍ଛିନ୍ନାଂଚଳ ଆଉ ଓଡ଼ିଶାକୁ ଫେରି ଆସିଲାନି ।

ଶେଷରେ, ୧୯୩୬ ମସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠିତ ହେଲା । ଓଡ଼ିଆଙ୍କ ଭିତରେ ଆନନ୍ଦଠୁଁ ବିଷାଦ ଥିଲା ଢ଼େର ବେଶୀ । ଯାହେଉ, ଭାରତର ବର୍ତ୍ତମାନର ରାଜ୍ୟମାନଙ୍କ ଭିତରେ ଓଡ଼ିଶା ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ହେଲା ।

ମେଦିନୀପୁର ଜିଲ୍ଲାର ବର୍ତ୍ତମାନର ପୀଢ଼ି ଦିନେ ହୁଏତ ଅତୀତକୁ ଭୁଲିଯିବେ । ସେମାନଙ୍କର ଓଡ଼ିଶା ସହିତ ଥିବା ସଂପୃକ୍ତି ଇତିହାସର ବିଷୟ ହୋଇଗଲାଣି । କେବଳ ସତ୍ୟସନ୍ଧାନୀ ଗବେଷକମାନେ ସେ ସତ୍ୟ ଉଦଘାଟନ କରିପାରିବେ । ଅହାଉ କେତେକେ ଭବିଷ୍ୟତ ପାଇଁ ଅସତ୍ୟ ଓ ଅତି ରଂଜିତ ତଥ୍ୟ ରଖିଯିବେ ।

ସଂସ୍କୃତି ଏକ ପ୍ରବହମାନ ଧାରା । ସମୟକ୍ରମେ ଗୋଟିଏ ଅଂଚଳରେ ଅଧିବାସୀମାନଙ୍କର ଭାଷା, ରାଜ୍ୟ ତଥା ଶାସକ ବଦଳ ହେଲେ ବି ସଂସ୍କୃତି ସହଜରେ ପରିବର୍ତ୍ତନ ହୁଏନାହିଁ । ମେଦିନୀପୁର ଜିଲ୍ଲାରେ ବି ସେଇଆ ହୋଇଛି ଓ ହେବ । ଓଡ଼ିଆ ସଂସ୍କୃତି ଜୀଇ ରହିବ ମେଦିନୀପୁର ଜିଲ୍ଲାରେ ଥିବା ଶହଶହ ଶ୍ରୀ ଜଗନ୍ନାଥ ମନ୍ଦିର, ଜଗନ୍ନାଥ ସଂସ୍କୃତି ଓ ଭାଗବତ ଗାଦୀ ମାଧ୍ୟମରେ । (ସମାପ୍ତ)

♥ଅବରସପ୍ରାପ୍ତ ଅଧ୍ୟକ୍ଷ,
ସଭାପତି, ଉତ୍କଳ ସମ୍ମିଳନୀ, ଜଳେଶ୍ୱର ଶାଖା
ଚମାରଗାଁ, ଲକ୍ଷ୍ମଣନାଥ
ବାଲେଶ୍ୱର- ୭୫୬୦୮୭
ମୋ: ୭୮୯୪୬୭୯୪୪୧

୨୩୬ ସ୍ମୃତି ଶତଦଳ

ଅନନ୍ୟା ନାରୀଟିଏ

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ ହେଉଛି ଅନୁଭୂତିର ଗନ୍ତାଘର । ଏହା କେବଳ ଓଡିଶା ନୁହେଁ, ପୂର୍ବ ଭାରତର ଏକ ବଡ ମେଡିକାଲ କଲେଜ । ଓଡିଶା ସହ ଭାରତର ପୂର୍ବାଞ୍ଚଳ ତଥା ଦକ୍ଷିଣରୁ ମଧ ଅନେକ ରୋଗୀ ବହୁ ଆଶା ନେଇ ଏଠିକି ଭଲ ହେବା ପାଇଁ ଆସିଥାନ୍ତି, ତେଣୁ ଆମେ ଡାକ୍ତରମାନେ ଖୁବ୍ ମନୋଯୋଗ ସହକରେ ରୋଗୀର ଚିକିତ୍ସା କରିଥାଉଁ ଯେମିତି ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ସେମାନେ ଘରକୁ ଫେରିବେ । ସେମିତି ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ହିସାବରେ ରୋଗୀମାନେ ମତେ ଯଥେଷ୍ଟ ଅଭିଜ୍ଞତା ଦେଇଛନ୍ତି । କିଏ କିଏ ସ୍ନେହରେ ବାନ୍ଧି ଦେଇଛନ୍ତି ତ, ଆଉ କେତେଜଣଙ୍କ ପାଇଁ କରୁଣାରେ ବିଗଳିତ ହୋଇଯାଇଛି ମନ କିନ୍ତୁ ଆଉ କେତେଜଣ ମୋ ପାଇଁ ପାଲଟି ଯାଇଛନ୍ତି ଏକ ଏକ ସୁଖଦ ସ୍ମୃତି ଏବଂ ମୋ ଲେଖନୀ ନିଃସୃତ କାହାଣୀ, କାବ୍ୟ ଓ କବିତାର ଉପଜୀବ୍ୟ । ମୋ ସ୍ମୃତିର ପରଦାରେ ସେମାନେ ଏକ ଏକ ଜୀବନ୍ତ ଛବି - ଏମାନେ ମୋ ହୃଦୟର ବନ୍ଦ କବାଟର କୋଠରୀ ଭିତରେ ନିଃଶବ୍ଦରେ ପଦଚାରଣ କରନ୍ତି ଏବଂ ନିରବରେ ନିଃଶ୍ୱାସ ପ୍ରଶ୍ୱାସ ନିଅନ୍ତି । ବେଳେ ବେଳେ ସେ ନିଃସ୍ତବଧତାର ଛାଇ ଜୀବନ୍ତି ରୂପରେଖ ନିଏ, ଚଳଚଞ୍ଚଳ ହୁଏ ଏବଂ ଝରିଆସେ ଲେଖନୀ ମୁନକୁ ଅସରନ୍ତି କବିତା ଓ ଗଳ୍ପର ଝରଣା ହୋଇ ।

ଏମିତି ଜଟିଳ ରୋଗୀଟିଏ ଶୈଳବାଳା ମୋ ପାଖକୁ ଆସିଥିଲା ପ୍ରାୟ ଦଶ ବର୍ଷ ତଳେ । ତାକୁ ଆଡମିଶନ କରି ଆଇ.ସି.ୟୁରେ ରଖିଲି ଏବଂ ଔଷଧ ଓ ଇଂଜେକସନ୍ ଦେବା ପରେ ରକ୍ତଚାପ କମିଲା । ହାତରେ ଦୁଇ ବୋତଲ ରକ୍ତ ଧରି ଅପରେସନ୍ କଲି – ଏବଂ ରକ୍ତଚାପ ଓ ନାଡି ମନିଟରିଂ ପାଇଁ ତାଙ୍କୁ ଆଇସିୟୁରେ ରଖିବାକୁ ହେଲା । ସଂପୂର୍ଣ୍ଣ ସାଷ୍ଟାମ ହେଲା ପରେ ତାକୁ ଆଇସିୟୁରୁ କ୍ୟାବିନକୁ ପଠାଇଲି ।

> ମୋ ସ୍ମୃତିର ପରଦାରେ ସେମାନେ ଏକ ଏକ ଜୀବନ୍ତ ଛବି – ଏମାନେ ମୋ ହୃଦୟର ବନ୍ଦ କବାଟର କୋଠରୀ ଭିତରେ ନିଃଶବ୍ଦରେ ପଦଚାରଣ କରନ୍ତି ଏବଂ ନିରବରେ ନିଃଶ୍ୱାସ ପ୍ରଶ୍ୱାସ ନିଅନ୍ତି । ବେଳେ ବେଳେ ସେ ନିଃସ୍ତବଧତାର ଛାଇ ଜୀବନ୍ତି ରୂପରେଖ ନିଏ, ଚଳଚଞ୍ଚଳ ହୁଏ ଏବଂ ଝରିଆସେ ଲେଖନୀ ମୁନକୁ ଅସରନ୍ତି କବିତା ଓ ଗଳ୍ପର ଝରଣା ହୋଇ ।

ଦେଖିଲି ଭାରି ଆକ୍ଟିଭ ଝିଅଟିଏ ସେ, ଶୋଇ ରହିବା ଭଳି ଝିଅ ନୁହେଁ, ସେ ଚାଲି ଚାଲି ଗଲା କ୍ୟାବିନକୁ – ମୁଁ ପ୍ରତିଦିନ କ୍ୟାବିନକୁ ରାଉଣ୍ଡ ଦେବାକୁ ଗଲାବେଳେ ତା ସ୍ୱାମୀଙ୍କ ସଙ୍ଗେ ଦେଖା ହୁଏ । ଥରେ ମତେ ଭଜନର କେତେ ଗୁଡିଏ ସିଡି ସେ ଦେଲେ – ଶୁଣିଲା ବେଳକୁ ସେ ଜଣେ ସୁନ୍ଦର ଗୀତିକାର ଓ ଗାୟକ ଏବଂ ତାଙ୍କ ଭଜନ ଗୁଡିକ ଖୁବ୍ ଚମତ୍କାର ଓ ଉଚ୍ଚକୋଟୀର । ମୋର କବିତାଗୁଡିକ ତାଙ୍କୁ ଗୀତିକବିତା ଭଳି ଲାଗୁଥିବାରୁ ମତେ କିଛି ଜଣାଣ ଲେଖି ଦେବାକୁ ସେ ଅନୁରୋଧ କରିଥିଲେ । ମୋର ମନେ ପଡିଗଲା ଛୋଟ କଥାଟିଏ, ଯାହା ମତେ ମୋର ଆନାସ୍ଥେସିଆ ପ୍ରଫେସର ଯିଏ ମୋ ରୋଗୀମାନଙ୍କୁ ନିଶା ଦିଅନ୍ତି ଥଟ୍ଟା କରି ମତେ କହିଥିଲେ, ମ୍ୟାଡମ୍, ଆପଣ ଜଣେ କବି, ଆପଣଙ୍କ ରୋଗୀମାନେ କବି, ସେମାନେ ଓ.ଟି. ଟେବୁଲରେ ଶୋଇ କବିତା ବୋଲନ୍ତି ଏବଂ ଆପଣଙ୍କ ରୋଗୀଙ୍କ ଆତ୍ମୀୟ ମାନେ ମଧ କବି, ଆଇ.ସି.ୟୁରେ ରହି ଅଧା ନିଶାରେ କବିତା ଶୁଣାନ୍ତି, ତେଣୁ କବିତା ଶୁଣି ଶୁଣି ଆମେ ମଧ କବି ହୋଇଗଲୁଣି । ମୋର ପିଜି ଛାତ୍ରଛାତ୍ରୀ ମାନେ ମୋ ସାଙ୍ଗରେ ରାଉଣ୍ଡ କଲା ବେଳେ କହନ୍ତି, ମ୍ୟାଡମ୍‌ଙ୍କ ୟୁନିଟରେ ରହି ରହି ଆମେ କବି ହୋଇ ଗଲୁଣି । ଏକଥା ଶୁଣି ହସି ହସି ମୁଁ ଗଡିଯାଏ ।

ଶୈଳବାଳାର ଷ୍ଟିଚ୍ ଖୋଲିବା ସମୟ ଆସିଗଲା । ମୁଁ ସତର୍କତାର ସହ ସିଲେଇ ଖୋଲି ଆବ୍‌ଡୋମିନାଲ୍ ବାଇଣ୍ଡର ଲଗାଇଦେଲି । ତା ପରଦିନ ଡିସଚାର୍ଜ ପେପର ଲେଖୁଲେଖୁ ମୋ ସାମ୍ନାରେ ବସି ସେ କେଉଁ କାମ କରିବ ଏବଂ କେଉଁ କାମ କରିବନି ତା ଉପରେ ସବୁ ପରାମର୍ଶ ଶୁଣି ଶେଷରେ ମତେ ପଚାରିଲା – ମ୍ୟାଡମ୍ ମତେ ତ ଏବେ ଛଅମାସ ମ୍ୟାଟରନିଟି ଛୁଟି ମିଳିବ, କିନ୍ତୁ ତା'ପରେ ମତେ କାମରେ ଜଏନ୍ କରିବାକୁ ପଡିବ । ସେତେବେଳେ ମୁଁ ଗାଡି ଚଲେଇ ପାରିବିତ ? ମୁଁ ସଂଗେ ସଂଗେ ଉତ୍ତର ଦେଲି, ହଁ ମ,ତୁମେ ଆରାମରେ ସ୍କୁଟି ଚଲାଇ ପାରିବ । ସଂଗେ ସଂଗେ ସେ କହିଲା – ମ୍ୟାଡମ୍ ବାଇକ୍ ନୁହେଁ, ତା ଠାରୁ ବଡ ଗାଡି ଚଲେଇ ପାରିବି ? ମୁଁ କହିଲି, ହଁ କାର ବି ଚଲାଇ ପାରିବ । ସେ ତଳକୁ ମୁହଁ ନୁଆଁଇ କହିଲା - ନାଇଁ ମ୍ୟାଡମ୍, ତାଠାରୁ ବି ବଡ ଗାଡି । ମୋ ଆଖିରେ ଝଲକାଏ ଦୁଷ୍ଟାମିର ହସ ଖେଳାଇ କହିଲି, ଟ୍ରକ ନା ବସ କଣ ଚଲେଇବ ? ସେ ଆଦୌ ଦ୍ୱିଧା ନକରି ସାଧା ସିଧା ସରଳ ଉତ୍ତର ଟିଏ ଦେଲା – ମ୍ୟାଡମ୍ ମୁଁ ଜଣେ ଟ୍ରେନ୍ ଡ୍ରାଇଭର – ମୋ ଆଖି ଦୁଇଟିକୁ ତାଳୁରେ ଖୋସି ଅବିଶ୍ୱାସ ଭରା ଆଖିରେ ତାକୁ ଚାହିଁ ରହିଲି । ଏମିତି ଗୋଟିଏ ମହିୟସୀ ପ୍ରତିଭାମୟୀ ନାରୀକୁ ମନେ ମନେ ସାଲ୍ୟୁଟ୍ ମାରିଲି । କୋଟିଏ ସମ୍ମାନ ଓ ପୁରସ୍କାର ତାର ପ୍ରତିବା ତୁଳନାରେ ନ୍ୟୁନ । ଟ୍ରେନ ଡ୍ରାଇଭର ହେବା ପାଇଁ କେତେ ବିଚକ୍ଷଣତା ଓ ପ୍ରତ୍ୟୁତ୍ପନ୍ନମତ୍ତିତା ଜରୁରୀ ହୋଇଥାଏ । ଠାକୁରଙ୍କ ଅଶୀର୍ବାଦ ଓ ନାରୀର ଇଚ୍ଛା ଥିଲେ ସେ କଣ ନକରିପାରେ ସତେ ! ପୁଣି ଥରେ ପ୍ରଣାମ ଜଣାଇଲି ସେହି ମହିୟସୀ ନାରୀକୁ, ତାର ପ୍ରତିଭାକୁ, ପ୍ରଜ୍ଞାକୁ ଏବଂ ପ୍ରତିଜ୍ଞାକୁ । (କ୍ରମଶଃ)

ଧାରାବାହିକ ଅନୁବାଦ ଉପନ୍ୟାସ...(୨ୟ ଭାଗ)

ଶୃଙ୍ଖଳା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ



ଅନୁସୃଜନ– ନମିତା ପାଇକରାୟ

(ପ୍ରଥମ ଖଣ୍ଡ)
ମନମୋହନ

ଦିନାନାଥର ବାପା ମାମୁଲି ଓକିଲ ଥିଲେ । ତା' ଘରର ଆର୍ଥିକ ସ୍ଥିତି ସନ୍ତୋଷ ଜନକ ନଥିଲା । ସେ ସବୁବେଳେ କହୁଥିଲା ତାଙ୍କ ବନ୍ଧୁ ବାନ୍ଧବ ଉଚ୍ଚପଦସ୍ଥ ଓ ପ୍ରଭାବଶାଳୀ ଥିଲେ । ତା' ପିଇସା ଡୁମରାଓ ମହାରାଜଙ୍କ ମ୍ୟାନେଜର ଥିଲେ । ତାଙ୍କର ଗୋଟେ ସୁନାର ପଲଙ୍କ ଥିଲା ଗୋଟେ ଚନ୍ଦୀର ଚୌକି ଥିଲା । ତା' ଭେଣେଇ ବି ମହତ୍ତ୍ୱପୂର୍ଣ୍ଣ ପଦବୀରେ ଥିଲେ । ସେ ଗୋଟେ ଫିଲ୍ମ କଂପାନୀରେ ଡାଇରେକ୍ଟର ଥିଲେ । ଲୀଳା ଚିଟ୍‌ନିସ, ଦେବୀକା ରାନୀ ତଥା ଅଶୋକ କୁମାର ପ୍ରତିଦିନ ତାଙ୍କ ପାଖକୁ ଆସୁଥିଲେ । ତା'ର ଆଗକୁ ପଢ଼ିବା କିଛି ଦରକାର ନଥିଲା । ତା' ଭେଣେଇ କହୁଥିଲେ କି ତା'ର ମେଟ୍ରିକ ପରୀକ୍ଷା ପରେ ତାକୁ ବମ୍ବେ ପଠେଇଲେ ଯେ କୌଣସି ଫିଲ୍ମ କଂପାନୀରେ ତାକୁ ଅଭିନେତା ପାତ୍ର ମିଳିଯିବ । ଆମେ ସବୁ ତା' କଥା ବିସ୍ମୟ ସହକାରେ ଶୁଣୁ କିଛି ସାଙ୍ଗ ତ ହତପ୍ରଭ ହୋଇ ଯାଆନ୍ତି । ବନ୍ଧୁବାନ୍ଧବ ମାମଲାରେ ତାକୁ ଛାଡ଼ିଦେଲେ ଆମେ ସବୁ ବହୁତ ଅଭାଗୀ ଥିଲୁ ।

ଦିନେଶ୍ୱର ବି ମୋ ଠାରୁ ବର୍ଷେ ଦିବର୍ଷ ବଡ଼ ହୋଇଥିବ । ଲମ୍ବା, ଗୋରା, ବଡ଼ ମୁଣ୍ଡିଆ । ଗୁଣ୍ଡୁଚି ମୂଷା ଲାଞ୍ଜ ପରି ମୋଟା ଓଠ ଦେଖିବାକୁ ଠିକ୍‌ଠାକ୍ ସୁନ୍ଦର ଥିଲା । ଯାଦୁଗରୀ ଶିଖିବା ଆଉ ଭଲ ପାଇବା ଛଡ଼ା ଆଉ ଅନ୍ୟ କୌଣସି ଥିରେ ତା'ର ରୁଚି ନଥିଲା । ମା'ର ଗହଣା ଚୋରି କରି ସହରିଆ ମାଙ୍କଡ଼ ନଚାଳି ଠୁ ଯାଦୁଗରୀ ଶିଖିଥିଲା । ଯେଉଁଥିରେ ତାସ ଖେଳ, ରୁମାଲ ଖେଳ, ଆଉ ପେଟରେ ଛୁରୀ ଭୁଷିବାର କୌଶଳ ଶିଖିଥିଲା । ପିସ୍ତଲ କିଣିବା ପାଇଁ ସ୍ଥାନୀୟ କଂଗ୍ରେସ ନେତାଙ୍କ ଦ୍ୱାରା ଠିକି ଥିଲା । କିନ୍ତୁ ତା'ର ପ୍ରାଣ ଗୋଟିଏ ଯାଗାରେ ଲଟକି ଥିଲା କୌଣସି ଝିଅ କିମ୍ବା ପୁଅକୁ ପବିତ୍ର ପ୍ରେମ କେମିତି କରି ପାରିବ । ନିଜ ଗାଁରେ ଗୋଟେ ମୁସଲମାନ ଝିଅକୁ ପ୍ରେମ କରି ଅସଫଳ ହୋଇଥିଲା । ତା' ସ୍ମୃତିରେ 'ମଇନା' ଶୀର୍ଷକରେ କାହାଣୀଟିଏ ବି ଲେଖିଥିଲା । ଯାହାର ନାୟକ ପ୍ରେମିକାର ସ୍ମୃତିରେ ସାରା ଜୀବନ ଅବିବାହିତ କରି ଗୋଟିଏ ମଇନା ପାଳିଥିବ ।

ଚତୁର୍ଥ ବନ୍ଧୁ ଥିଲା କୃପାଶଙ୍କର । ମଧ୍ୟମ ଉଚ୍ଚତା । ସ୍ୱାସ୍ଥ୍ୟବାନ, ଚଉଡ଼ା ଛାତି, ଗୋଲଗାଲ ଗାଲ, ଓଠ ମସୃଣ ଓ ଦୃଢ଼ । ଶରୀର ମୋଟା ହେତୁ ଚୁପ୍‌ଚାପ୍ ସ୍ୱଭାବର । ଆମେ ସମସ୍ତେ ଥିଲାବେଳେ ପ୍ରାୟ ଚୁପ୍ ରହେ । କିନ୍ତୁ ଏକଲା ଥିଲା ବେଳେ ମୁଁ ସେ ମୋ ସହ ଭଲ କଥାବାର୍ତ୍ତା କରେ । ତା'ର ଖ୍ୟାତି ଥିଲା କି ସେ ଚଉଦ ପନ୍ଦର ଘଣ୍ଟା ଏକା ସଜକେ ବସି ପଢ଼ିପାରେ ଏବଂ ଶତ ପ୍ରତିଶତ ନମ୍ବର ମଧ ଆଣିପାରେ । ସେଥିପାଇଁ ଅନ୍ୟ ବନ୍ଧୁମାନେ ପ୍ରାୟ ତାକୁ ଉପେକ୍ଷା କରନ୍ତି । ମୁଁ କିନ୍ତୁ କେବେ ବି ତାକୁ ଉପେକ୍ଷା କରିପାରେ ନାହିଁ । କାହିଁକି ନା ସେ ସଦା ସର୍ବଦା ମୋତେ ସୁନ୍ଦର ଉପଯୋଗୀ ଉପଦେଶ ଦେଉଥିଲା । ମୁଁ ସବୁବେଳେ ତା ପାଖରେ ନିଜକୁ ଅଯୋଗ୍ୟ ଭାବୁଥିଲି । ମୋ ମନ ସବୁ ବେଳେ କହେ ଯିଏ ତୋର ଭଲ ଚାହୁଁଛି ତୁ ତା'ର ମଜାକ କେବେ ହେଲେ ଉଡ଼େଇବୁନି କି ଉପେକ୍ଷା କେବେ କରିବୁନି ।

ମନମୋହନ ମୋର ନୁହେଁ ମୋ ଭାଇର ବନ୍ଧୁ ଥିଲା । ହାଇସ୍କୁଲ ପଢ଼ିସାରି ଭାଇ ଆହ୍ଲାବାଦ ଚାଲି ଯାଇଥିଲେ ପଢ଼ିବା ପାଇଁ । ସେଠି ସ୍ଥାନୀୟ ହରିଶ୍ଚନ୍ଦ୍ର ମହାବିଦ୍ୟାଳୟରେ ପାଠ ପଢୁଥିଲେ । ପାଠ ପଢ଼ାରେ ସେ ବହୁତ ମେଧାବୀ ଥିଲେ । ମେଟ୍ରିକ୍ ସେ ପ୍ରଥମ ଶ୍ରେଣୀରେ ପାସ କରିଥିଲେ । ଆଉ ଜିଲ୍ଲାରେ ତାଙ୍କର ଅଷ୍ଟମ ସ୍ଥାନ ଥିଲା ।

ମନମୋହନଙ୍କର ଗଢ଼ଣ ଖୁବ୍ ସୁନ୍ଦର ଥିଲା । ଗୋରା ମୁହଁ । ସୁନ୍ଦର ସୁଢ଼ଳ ନାସିକା, ଛୋଟ, ଚଞ୍ଚଳ ଚାଲାଖ ଆଖି । ମୋଟା ଚଟାକା ପାପୁଲି ସହ ମଜଭୁତ ହାତ । ଆଙ୍ଗୁଳି ଗୁଡ଼ିକ ଲମ୍ବା ଲମ୍ବା । ସରୁ ଅଣ୍ଟା ସହ ପଥର ଚଟାଣ ପରି ମଜଭୁତ ଛାତି, ଚଉଡ଼ା ବିଶାଳ ଦୃଢ଼ ।

ମନମୋହନଙ୍କ ଭିତରେ ଏକ ଆଶ୍ଚର୍ଯ୍ୟଜନକ ବିରୋଧଭାସ ଥିଲା । ଗୁଣ ଅବଗୁଣର ଏକ ଅପୂର୍ବ ସମନ୍ୱୟରେ ତାଙ୍କ ବ୍ୟକ୍ତିତ୍ୱ ଚମକୁ ଥାଏ । ତାଙ୍କ ଚେହେରା ଓ ବ୍ୟବହାରରେ ଏକ ଅଦଭୁତ ଆକର୍ଷଣ ଥାଏ । ସେ ଛାତ୍ର, ନବଯୁବକ ଓ ବଦମାସ ବାହାଦୁରିଆଙ୍କ ବାହାଦୁରୀକୁ ସାହାସିକତା, ମହାନତାର ପ୍ରମାଣ ଦେଇ ସେମାନଙ୍କ ପ୍ରତିନିଧିତ୍ୱ କରନ୍ତି । ସାରା ଯୁବ ସମାଜ ତାଙ୍କ ପଦାନୁସରଣ କରିବାକୁ ପସନ୍ଦ କରନ୍ତି । ସେମାନେ ତାଙ୍କ ଭଳି ଆଚରଣ କରିବାକୁ ବ୍ୟାକୁଳ ହୁଅନ୍ତି । ସିନେମାରେ ନାୟକ ଯେପରି ଅବିଶ୍ୱାସନୀୟ ଆଚରଣ କରିଥାନ୍ତି ଠିକ୍ ସେମିତି ଆଚରଣ ମନମୋହନ ସବୁବେଳେ କରିବାକୁ ପ୍ରୟାସ କରିଥାଆନ୍ତି । ଅନେକ ସମୟରେ ସଫଳତା ବି ପାଇଥାଆନ୍ତି ।

ସୁନ୍ଦରୀ ଯୁବତୀ ସ୍ତ୍ରୀ ବହୁ ଗୁଣ ସଂପନ୍ନା ହେବା ସହ ଶିକ୍ଷିତା ହୋଇଥିଲେ ଯେଉଁ ପ୍ରକାର ଶ୍ରଦ୍ଧା, ସ୍ନେହ, ଆଦର ସମ୍ମାନ ପାଇଥାଏ, ଠିକ୍ ସେମିତି ମନମୋହନଙ୍କ ଅବସ୍ଥା । ମନମୋହନ ହୃଷ୍ଟପୁଷ୍ଟ ସୁସ୍ଥ ସୁନ୍ଦର ଯୁବକ ହେବା ସତ୍ତ୍ୱେ ସାହାସୀ ଓ ବଳିଷ୍ଠ ଥିଲେ । ଏତେ ଶକ୍ତି ତାଙ୍କର ଥିଲା ଯେ ଯଦି କୌଣସି ପିଲାକୁ ଚାପୁଡ଼ାଟାଏ ପକାଉଥିଲେ, ତା' ଗାଲ ଫୁଲି ଯାଉଥିଲା କେବେ କେବେ ଫାଟି ବି ଯାଉଥିଲା । ମନମୋହନଙ୍କର ହାତ ବହୁତ ଶକ୍ତ ଥିଲା । କେତେବେଳେ ଯଦି ସେ କାହା ହାତ ଧରି ଦେଉଥିଲେ ତାଙ୍କ ହାତ ପଂଝା ଭିତରୁ ହାତକୁ କାଢ଼ିବା ବଡ଼ କଠିନ ଥିଲା ।

ତାଙ୍କ ଭିତରେ ଆଶ୍ଚର୍ଯ୍ୟ ଜନକ ସାହସ ଥିଲା । ସେ କାହା ଠାରୁ ମାଡ଼ ଖାଇ ଆସିଥିବା ମୁଁ କେବେ ଶୁଣିନି । ପ୍ରଥମେ ତ ତାଙ୍କ ଦଳ ବହୁତ ବଡ଼ ଥିଲା । ଦରକାର ପଡ଼ିଲେ ସେ ଆଖପାଖରୁ ଗୁଣ୍ଡା ଯୋଗାଡ଼ କରିବାର ସାମର୍ଥ୍ୟ ରଖୁଥିଲେ । କିନ୍ତୁ କେବେ ସେମିତି ଦରକାର ପଡ଼ିନି । ସେ ସବୁବେଳେ କିଛି ସବଳଙ୍କ ସଙ୍ଗେ ମାରପିଟ କରିବା ଚେଷ୍ଟାରେ ରହୁଥିଲେ । ସେ ତାଙ୍କ ଶତ୍ରୁଙ୍କୁ ଭାରି ଧିର ସ୍ୱରରେ ପାଖକୁ ଡାକନ୍ତି । ବହୁତ ଶାନ୍ତ ସ୍ୱରରେ ଦୁଇ ଚାରିଟା ପ୍ରଶ୍ନ ପଚାରନ୍ତି । ସେ ଏଣୁ ତେଣୁ କରି ଯଦି କିଛି ଉତ୍ତର ଦିଏ ତା'ହେଲେ ତାକୁ ଭଲ କରି ଉତ୍ତମ ମଧ୍ୟମ ଛେଚନ୍ତି । ସେଇଥିପାଇଁ ତାଙ୍କର ଶୁନ୍ୟେ ଶୁନ୍ୟେ ଗୁଡ଼ାଏ ଶତ୍ରୁ ସୃଷ୍ଟି ହୋଇ ଯାଆନ୍ତି ।

ଏଭଳି ଆଚରଣକୁ ମନମୋହନ କହନ୍ତି 'ସ୍ନେହମାଡ଼' । ସ୍ନେହମାଡ଼ ଥରେ ଦୁଇଥର ବାଜିଲେ ଯେତେବଡ଼ ପହିଲବାନ ହୋଇଥାଉ ତା'ର ତା ନିଜ ଉପରୁ ଭରସା ତୁଟି ଯିବ । ନିଜ ଉପରେ ତାଙ୍କର ଏପରି ଦୃଢ଼ ବିଶ୍ୱାସ ଥିଲା । ଅନେକ ସମୟରେ ସେ ଏକା ଅନେକଙ୍କ ସହ ସିଂହ ପରି ଲଢ଼ିଛନ୍ତି । ଆଉ ଅକ୍ଷତ ଅବସ୍ଥାରେ ମଧ ସେଠାରୁ ଫେରିଛନ୍ତି ।

ଏହାଛଡ଼ା ତାଙ୍କ ପାଖରେ ଆହୁରି ଅନେକ ବହୁତ ଭଲ ଗୁଣ ମଧ ଥିଲା । ଯେଉଁଥିପାଇଁ ସେ ଅନ୍ୟ ମାନଙ୍କୁ ପ୍ରଭାବିତ କରି ପାରୁଥିଲା । ସେ ଲେଖାପଢ଼ାରେ ବହୁତ ତେଜ୍ ଥିଲେ । ଖେଳ କୁଦରେ ବି କାହାଠାରୁ କମ୍ ନଥିଲେ । ଫୁଟବଲ ଓ ହକି ବହୁତ ଭଲ ଖେଳୁଥିଲେ । ଗୋଲକୁ ରକ୍ଷା କରିବା ପାଇଁ ଶହୀଦ ହେବାପାଇଁ ପ୍ରସ୍ତୁତ ହୋଇ ଯାଉଥିଲେ । ସେ ଖୁବ୍ ଭଲ ପହଁରୁଥିଲେ । ତାକୁ ଖେଳ ବି ଭଲ ଖେଳୁଥିଲେ । ଠିକ୍ ଲକ୍ଷ୍ୟରେ ଛୁରୀ ଫୋପାଡ଼ି ଲଟକାଇ ପାରୁଥିଲେ । ବହୁତ ଶିଘ୍ର ସେ ବଡ଼ ବଡ଼ ଗଛରେ ଚଢ଼ି ଯାଉଥିଲେ । ଏସବୁ ପରେ ବି ସେ ସୁନ୍ଦର ଗୀତ ଗାଉଥିଲେ ।

ସେ ସହରରେ ସେତେବେଳେ ଏକ ବିଚିତ୍ର ମଣିଷ ବସବାସ କରୁଥିଲେ । ଆଜି ସହଜରେ ଏକଥାକୁ କେହି ବିଶ୍ୱାସ କରିବେନି । କିନ୍ତୁ ସେତେବେଳେ ତାକୁ ଅବିଶ୍ୱାସ କରିବା ଅସମ୍ଭବ ଥିଲା ।

ମନମୋହନ ମାରପିଟ କରୁଥିଲେ । ବିଶେଷ ଭାବରେ ଏ ମାରପିଟ ଲଢ଼େଇକୁ ସୁପ୍ରଭାବ ବୋଲି ଦର୍ଶାଉଥିଲେ । ତାଙ୍କ ତୁଚ୍ଛତା ଭାରି ଘୃଣା ଲାଗୁଥିଲା । ସେ ସମୟରେ ସ୍କୁଲ ପିଲାଙ୍କ ସହ ମାରପିଟ କରିବା, ବହିପତ୍ର ଛଡ଼ାଛଡ଼ି କରିବା ତାଙ୍କ ପାଇଁ ଘୃଣ୍ୟ କାମ ଥିଲା । ବଦମାସିଙ୍କର ତ ଫେସନ ଥିଲା ଗୁଡ଼ିଆ ଦୋକାନ ଯାଇ ଭରାପେଟ ଛଣାଛଣି ସବୁ ଖାଇ ପଇସା ଦେଲା ବେଳକୁ ଗୁଣ୍ଡାଗର୍ଦ୍ଦି କରି ଝଗଡ଼ା କରିବା ଶେଷକୁ ବାଡ଼ିଆ ପିଟା କରିବା । କିଛି ବଦମାସ ତ ଗରିବ ଲୋକଙ୍କ ବାଦାମ ଭଜା କି ରାବଡି ଖାଇବା ଛଡ଼ାଛୁଡ଼ି କରି ତାକୁ ବାହାଦୁରୀ ଭାବୁଥିଲେ । କିଛି ବଦମାସି ପିଲା ତ ଗୁଡ଼ିଆ ଦୋକାନରୁ ତା ମିଠା ଥାଳିସହ ଜବରଦସ୍ତି ନେଇ ଯାଉଥିଲେ । କିନ୍ତୁ ମନମୋହନ ଏଭଳି ଫାଲତୁ କାମ କେବେ କରୁନଥିଲେ । ତାଙ୍କ ମାରପିଟ୍ ସେହି ବଦମାସମାନଙ୍କ ସହ ହେଉଥିଲା । ଯେଉଁମାନେ ଅସାମାଜିକ କାମ ସବୁ ସମାଜରେ କରୁଥିଲେ । ଯେଉଁମାନେ ଦୁର୍ବଳମାନଙ୍କୁ ହଇରାଣ ହରକତ କରୁଥିଲେ । ମନମୋହନ ନିଜ ପ୍ରଭାବ ବୃଦ୍ଧି କରିବା ପାଇଁ ଗୋଟିଏ ରାସ୍ତାରେ ଚାଲିଥିଲେ । ଯେଉଁ ବସ୍ତୁ ଅପ୍ରତ୍ୟାଶିତଙ୍କ ଅକଳ୍ପିତ ହୁଏ ଠିକ୍ ସେମିତି କାମ କରିକି ସମାଜକୁ ଆଶ୍ଚର୍ଯ୍ୟ ଚକିତ କରିଦିଅନ୍ତି । ଏଭଳି କିଛି କାମ କରିବାର ପ୍ରୟାସରେ ଥାଆନ୍ତି । ଖରା ଦିନେ ଧୋତି କମିଜ ଶୀତଦିନେ ଧୋତି କମିଜ ସହ ଚାଦର ଘୋଡ଼େଇ ହୋଇ ସହର ସାରା ରାତି ଦଶଟା ଏଗାରଟା ବେଳେ ଉଦ୍ଦେଶ୍ୟହୀନ ଭାବେ ଘୁରିବୁଲନ୍ତି । ମୁହଁରେ ଛାପ ନଥାଏ କିନ୍ତୁ ରାସ୍ତା ଏପଟ ସେପଟ ଛାପ ପକାଇବାର ଅଭିନୟ କରି ଚାଲନ୍ତି । ଏପଟ ସେପଟ ଅନେଇ ଅନେଇ ମୁଣ୍ଡବାଳକୁ ଆଙ୍ଗୁଠିରେ ଟାଣନ୍ତି । ନିଜର ନୁଖୁରା ବାଳକୁ ଆଙ୍ଗୁଠିରେ ଉପରକୁ ଉଠାଇ ଉଠାଇ ମୁଣ୍ଡରେ ମୁକୁଟ ଧାରଣ କଲାପରି କରିଥାନ୍ତି ଏମିତି କରିବାର ଉଦ୍ଦେଶ୍ୟ ସମ୍ଭବତଃ ସିନେମା ହିରୋ ପରି ନିଜକୁ ରୂପ ଦେବା ।

ଦଣ୍ଡ ବୈଠକ ତାଙ୍କର ବହୁତ ପ୍ରିୟ ଥିଲା । ତାଙ୍କର ନିୟମିତ କସରତ ସହିତ ପାହାନ୍ତି ପହରୁ ସେ ବହୁତ ସମୟ ଦଣ୍ଡ ବୈଠକ ମାରୁଥିଲେ । ତାଙ୍କର ଶାରୀରିକ ଓ ମାନସିକ ଅବସ୍ଥାକୁ ସନ୍ତୁଳିତ ରଖିବା ପାଇଁ ସେ ଅଗଣିତ ଦଣ୍ଡବୈଠକ ମାରୁଥିଲେ । ତାଙ୍କ ଦେହରେ ଯଦି କୌଣସି ଜାଗାରେ ଯନ୍ତ୍ରଣା ହେଉଥିଲା ସେତେବେଳେ ବି ସେ ଦଣ୍ଡବୈଠକ ମାରି ତାକୁ ଠିକ୍ କରିପାରୁଥିଲେ । ମନମୋହନ ପ୍ରାୟ ପ୍ରତିଦିନ ଚାରିଶହ ପାଞ୍ଚଶହ ଦଣ୍ଡ ବୈଠକ ମାରନ୍ତି । ଏ କଥା ବି ବଡ଼ ସହଜରେ ଗପନ୍ତି । ତାଙ୍କୁ ଲୋକମାନେ ଶୁଣି ହସନ୍ତି । କିନ୍ତୁ ତାଙ୍କ ପ୍ରତି ଆକର୍ଷିତ ହୁଅନ୍ତି । କଲେଜ ପଢୁଆ ଛାତ୍ର ତାଙ୍କ ଅନୁସରଣ କରି ଦଣ୍ଡବୈଠକ ମାରନ୍ତି । (କ୍ରମଶଃ)

♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

ଇନରହ୍ୱିଲ କ୍ଲବ ତରଫରୁ ଏନ୍.ଏ.ସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡାଙ୍କୁ ସମ୍ବର୍ଦ୍ଧନା

ଉଦଳା, ୦୯/୦୪ (ନି.ପ୍ର): ସ୍ଥାନୀୟ ଆଶିର୍ବାଦ ଭବନ ପରିଶରରେ ଇନରହ୍ୱିଲ କ୍ଲବ ତରଫରୁ ଉଦଳା ଏନ୍.ଏ.ସି.ର ନବ ନିର୍ବାଚିତ ଅଧ୍ୟକ୍ଷା ପ୍ରମିଳା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କ୍ଲବର ସଭାପତି ଜୟନ୍ତୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସଭାପତି ରାଜଲକ୍ଷ୍ମୀ ମହାନ୍ତି ଏବଂ ସମ୍ପାଦିକା ମୀନାକ୍ଷୀ ପଟ୍ଟନାୟକ ଯୋଗ ଦେଇ ଅଧ୍ୟକ୍ଷା ହେବାପୁର୍ବରୁ ପ୍ରମିଳା ପଣ୍ଡା, ଇନରହ୍ୱିଲର ଏଡ଼ିଟର ଭାବରେ କିପରି ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରୁଥିଲେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସଭାପତି ଶ୍ରୀମତୀ ପଟ୍ଟନାୟକ, ପ୍ରମିଳା ପଣ୍ଡାଙ୍କ ନିସ୍ୱାର୍ଥପର ସେବା ମନଭାବ ହିଁ ତାଙ୍କୁ ବିଜୟ ମଣ୍ଡିତ କରିପାରିଛି ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅଧ୍ୟକ୍ଷା ଶ୍ରୀମତୀ ପଣ୍ଡା ଉଦଳାର ସମସ୍ତ ଜନସାଧାରଣଙ୍କୁ ଶ୍ରେୟ ଦେବା ସହିତ ଆଗାମୀ ୫ ବର୍ଷ ଉଦଳା ଏନ୍.ଏ.ସି.ର ବିକାଶ ଦିଗରେ ଆପ୍ରାଣ ଉଦ୍ୟମ କରିବା ସହିତ ଇନରହ୍ୱିଲ କ୍ଲବର ସେବା ମୂଳକ କାମରେ ନିଜକୁ ନିୟୋଜିତ କରିବେ ବୋଲି ପ୍ରକାଶ କରିଥିଲେ । ଅଞ୍ଜଳୀ ମହାନ୍ତି, ସିସିସି ସୁଜାତା ବିଶ୍ୱାଳ, ଉପସଭାପତି ମମତା ମହାନ୍ତି, କୋଷାଧ୍ୟକ୍ଷ ଗିତାଶ୍ରୀ ରାୟ, ଅରୂପମା ମହାପାତ୍ର, ଦିଗବାଳା ପରିଡ଼ା, ପ୍ରତିଭା ଘଡ଼େଇ, ଉର୍ମିଳା ବେହେରା, ସୁବାସିନି ବେହେରା ପ୍ରମୁଖ ଯୋଗ ଦେଇ ପ୍ରମିଳା ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ଉନରହ୍ୱିଲ ସଂଗୀତ ଗାନ କରିବା ସହିତ ଶେଷରେ କ୍ଲବର ସଭ୍ୟା ମାନଙ୍କ ଦ୍ୱାରା ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରୋଟାରିଆନ ହରେନ ପଟ୍ଟନାୟକ, ସଂପାଦକ ପୂର୍ଣ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ବାସନ୍ତି ପୂଜା ମଣ୍ଡପରେ ବ୍ରତଧାରୀଙ୍କ ଭିଡ଼

ବାଲେଶ୍ୱର,୦୯/୦୪ (ନି.ପ୍ର): କୋଭିଡ କଟକଣା ଉଠିବା ପରେ ଚଳିତ ବାସନ୍ତିକ ଦୂର୍ଗୋତ୍ସବ ହର୍ଷ ଉଲ୍ଲାସର ସହ ସବୁଠି ପାଳିତ ହେଉଛି । ବାଲେଶ୍ୱର ସହର ସମେତ ସମଗ୍ର ଜିଲାର ବିଭିନ୍ନ ସ୍ଥାନରେ ଶ୍ରଦ୍ଧା ଓ ଭକ୍ତି ସହ ଜଗତଜନନୀ ମାଆ ବାସନ୍ତିଙ୍କ ପୂଜା ବେଶ ଧୂମଧାମରେ ଚାଲିଥିବା ଲକ୍ଷ୍ୟ କରାଯାଇଛି । ଷଷ୍ଠୀ ବିଲ୍ୱାଧିଶ ଓ ମହାସପ୍ତମୀ ପୂଜା ପରେ ମହାଷ୍ଟମୀରେ ବିଭିନ୍ନ ଶକ୍ତିପୀଠ ସମେତ ସାର୍ବଜନୀନ ପୂଜା ମଣ୍ଡପରେ ଚାଲିଛି ମାଆଙ୍କ ଷୋଡଶ ଉପଚାର ପୂଜା । ମାଆଙ୍କ ମୃଣ୍ମୟ ମୂର୍ତ୍ତିସାଙ୍ଗକୁ ସୁଦୃଶ୍ୟ ତୋରଣ ଏବଂ ରଙ୍ଗୀନ ଆଲୋକ ସଜ୍ଜାରେ ଝଲସି ଉଠୁଛି ପୂଜା ମଣ୍ଡପ । ସହରର ନିଉ ମାର୍କେଟ କମ୍ପ୍ଲେକ୍ସ, ମାକଲପୁର, ଆଜିମାବାଦ, ନୂଆସାହି, ସହର ଉପକଣ୍ଠ ଈଶାଣୀ ପ୍ରଭୃତି ସାର୍ବଜନୀନ ମଣ୍ଡପରେ ମାଆ ଦୂର୍ଗାଙ୍କର ପୂଜା ଚାଲିଛି । ବ୍ରାହ୍ମଣଙ୍କ ବେଦମନ୍ତ୍ର ଉଚ୍ଚାରଣ ସାଙ୍ଗକୁ ହୋମଯଜ୍ଞରେ ସମଗ୍ର ସବୁଠାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଦୀର୍ଘ ଦୁଇବର୍ଷରେ ବ୍ରତଧାରୀ ଓ ଶ୍ରଦ୍ଧାଳୁମାନେ ମାଆଙ୍କୁ ଦର୍ଶନ ସହ ପୁଷ୍ପାଞ୍ଜଳି ଓ ସଂକଳ୍ପ କରିବାର ସୁଯୋଗ ମିଳିଛି । ତେବେ ଫାଣ୍ଡିଛକସ୍ଥିତ ନିୟୁ ମାର୍କେଟ କମ୍ପ୍ଲେକ୍ସ ସାର୍ବଜନୀନ ବାସନ୍ତୀ ପୂଜା ଭାଇଚାରାର ପ୍ରତୀକ ଭାବେ ଦୀର୍ଘ ୩୦ବର୍ଷ ଧରି ଆଦର୍ଶ ବଜାୟ ରଖିଛି । ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଦୋକାନୀଙ୍କ ସକ୍ରିୟ ସହଯୋଗରେ ଏହାରେ ପୂଜା ଆୟୋଜନ କରାଯାଇଥାଏ ବୋଲି କମିଟି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । କେବଳ ସହର ନୁହେଁ ଜିଲାର ଗାଁ'ଗହଳୀରେ ବି ବିଭିନ୍ନ ମଣ୍ଡପମାନଙ୍କରେ ମାଆଙ୍କ ଷୋଡ଼ଶ ଉପଚାର ପୂଜା ଚାଲିଥିବା ଦେଖିବାକୁ ମିଳିଛି । କେତେକ ସ୍ଥାନରେ ମେଳା ଲାଗିବା ସାଙ୍ଗକୁ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଆଜିଠାରୁ ୧୮ବର୍ଷରୁ ....

ନିର୍ମାତାକାରୀମାନେ କୋଭିଡ ଟିକାର ମୂଲ୍ୟ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଉଭୟ ଭାରତୀୟ ନିର୍ମିତ ସେରମ ଇନ୍‌ଷ୍ଟିଚ୍ୟୁଟ୍ ର କୋଭାଶିଲ୍ଡ ଏବଂ ଭାରତ ବାୟୋଟେକର କୋଭାକ୍ସିନ୍ ସୁବିଧା ମୂଲ୍ୟରେ ହସପିଲାଟଲରେ ଉପଲବ୍ଧ ହେବ । ଉଭୟ ଟିକାର ଦର ଡୋଜ୍ ପ୍ରତି ୨୨୫ ଟଙ୍କା ଧାର୍ଯ୍ୟ କରାଯାଇଛି । ତେବେ ପରିଚଳାନା ଗତ ପ୍ରୋସେସିଂ ଫି ବାବଦକୁ ହସପିଟାଲମାନେ ଅତିରିକ୍ତ ୧୫୦ ଟଙ୍କା ନେବେ । ପୂର୍ବରୁ ଏହାର ଦାମ୍ ୬୦୦ ଓ ୧୨୦୦ ଟଙ୍କା ଥିବା ବେଳେ ଏବେ ଏହା ହ୍ରାସ ହୋଇ ୨୨୫ ଟଙ୍କା ହୋଇଛି । ଦେଶରେ ଏପର୍ଯ୍ୟନ୍ତ ୧୫ବର୍ଷରୁ ଊର୍ଦ୍ଧ୍ୱ ଶ୍ରେଣୀର ଶତକଡା ୯୬ଭାଗ କୋଭିଡ-୧୯ ଟିକାର ଅନୂନ୍ୟ ଗୋଟିଏ ମାତ୍ରା ନେଇଥିବାବେଳେ, ଏହି ଶ୍ରେଣୀର ଶତକଡା ୮୩ଭାଗ ଉଭୟ ମାତ୍ରା ନେଇସାରିଛନ୍ତି । ୨ଦଶମିକ ୪କୋଟି ପ୍ରତିଷେଧକ ମାତ୍ରା ସ୍ୱାସ୍ଥ୍ୟସେବା କର୍ମୀ, ସମ୍ମୁଖ ଯୋଦ୍ଧା ଓ ୬୦ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଛି । ୧୨ରୁ ୧୪ବର୍ଷ ବୟସର ଶତକଡା ୪୫ଭାଗ ପ୍ରଥମ ମାସରେ ନେଇଛନ୍ତି । ସରକାରୀ ଟିକାଦାନ କେନ୍ଦ୍ର ଜରିଆରେ ମାଗଣା ଟିକାକରଣ କାର୍ଯ୍ୟକ୍ରମ ଯୋଗ୍ୟ ହିତାଧିକାରୀଙ୍କ ନିମନ୍ତେ ପ୍ରଥମ ଓ ଦ୍ୱିତୀୟ ମାତ୍ରା ଓ ସ୍ୱାସ୍ଥ୍ୟସେବା କର୍ମୀ, ସମ୍ମୁଖ ଯୋଦ୍ଧା ଓ ୬୦ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କ ନିମନ୍ତେ ପ୍ରତିଷେଧକ ଟିକା କାର୍ଯ୍ୟକ୍ରମ ଜାରି ରହିବା ସହ ଅଧିକ ତ୍ୱରାନ୍ୱିତ ହେବ ।

ଛୋଟ ପିଲାଙ୍କୁ ମାରିବାକୁ ....

ଆମେରିକା ବିଶ୍ୱାସ କରୁଛି ଷ୍ଟେସନ ଉପରେ ସ୍ୱଳ୍ପଦୂରଗାମୀ ବାଲାଷ୍ଟିକ ମିଜାଇଲ ଏସଏସ-ଟ୍ୱେଂଟିଓ୍ୱାନ ମାଡ କରିଛନ୍ତି ପୁଟିନ ସେନା । ସେପଟେ ରୁଷ ବିଦେଶ ମନ୍ତ୍ରାଳୟ ରେଳ ଷ୍ଟେସନ ଉପରେ ଆକ୍ରମଣରେ ରୁଷର କୌଣସି ହାତ ନାହିଁ ବୋଲି ବୟାନ ଜାରି କରିଛି । ଯୁଦ୍ଧ ଭିତରେ ୟୁକ୍ରେନ ଯୁବତୀଙ୍କୁ ଘାରିଛି ଦୁଷ୍କର୍ମ ଭୟ । ରୁଷ ସୈନିକମାନେ ୟୁକ୍ରେନରେ ଯୁବତୀଙ୍କୁ ଦୁଷ୍କର୍ମ କରୁଥିବା ବାରମ୍ବାର ଅଭିଯୋଗ ଆସୁଛି । ତେବେ ଦୁଷ୍କର୍ମରୁ ବର୍ତ୍ତିବା ପାଇଁ ସେଠାକାର ଯୁବତୀମାନେ ଏବେ ଧାରଣ କରିଛନ୍ତି ନୂଆ ରୂପ । ୟୁକ୍ରେନରୁ ଯୁବତୀମାନେ ଏବେ ଲମ୍ବା ଚୁଟିକୁ କାଟି ଛୋଟ କରିଦେଉଛନ୍ତି । କମ ଆକର୍ଷଣୀୟ ଦିଶିବାକୁ ରାଜଧାନୀ କିଭରୁ ପ୍ରାୟ ୫୦ମାଇଲ ଦୂର ଇଭାନକିଭରେ ଯୁବତୀମାନେ କେଶ କାଟି ଛୋଟ କରିବାକୁ ବାଧ ହେଉଛନ୍ତି ବୋଲି ଡେପୁଟି ମେୟର କହିଛନ୍ତି । ଗତ ମାର୍ଚ୍ଚ ୩୦ତାରିଖ ବେଳକୁ ରୁଷିଆ ସେନା ୟୁକ୍ରେନ ଯୁବତୀଙ୍କ କେଶକୁ ଟାଣି ଘରୁ ଜବରଦସ୍ତ ବାହାରକୁ ନେଇ ଦୁଷ୍କର୍ମ କରୁଥିବା ସେ ଅଭିଯୋଗ ଆଣିଛନ୍ତି । ୟୁକ୍ରେନର ବୁଚା ସହରରେ ରୁଷର ଗଣସଂହାରକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପାଉଥିବା ବେଳେ ବୁଚା ସହରକୁ ଗସ୍ତ କରିଛନ୍ତି ୟୁରୋପ ୟୁନିଅନ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ ଡେରଲିୟନ । ଶୁକ୍ରବାର ବୁଚା ସହରରେ ପୁଟିନ ସେନା ଗଣସଂହାର କରିଥିବା ସ୍ଥାନ ବୁଲି ଦେଖିବା ସହ ଯୁଦ୍ଧଗ୍ରସ୍ତ ସହରର ସାଧାରଣ ଜନତାଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ଇୟୁ କମିସନ ଅଧ୍ୟକ୍ଷ କହିଛନ୍ତି, ବୁଚା ସହରରେ ମାନବିକତାକୁ ହତ୍ୟା କରୁଥିବା ପୁଟିନ ସେନାର କ୍ରୁର ଚେହେରା ଦେଖିବାକୁ ମିଳିଛି । ସହରବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି, ଏକ ଅନିଶ୍ଚିତତା ଭିତରେ ପ୍ରତିଟି ଦିନ କାଟୁଛନ୍ତି । ବୁଚା ସହର ସହ ସାରା ବିଶ୍ୱ ଶୋକରେ ଅଛି । ଗଣତନ୍ତ୍ର ପାଇଁ ଦେଶର ସାର୍ବଭୌମତ୍ୱ ପାଇଁ ହେଉଥିବା ଏହି ଲଢେଇରେ ୟୁକ୍ରେନ ସହ ୟୁରୋପୀୟ ୟୁନିଅନ ଥିବା କହିଛନ୍ତି ଉର୍ସୁଲା ଭନ ଡେରଲିୟନ । ରୁଷ ସେନା ସବୁକିଛି ବରବାଦ କରିଥିବାରୁ ଆଗକୁ ଆହୁରି ଭୟଙ୍କର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି । ବୁଚା ସହରର ଚାରିଆଡେ ଧ୍ୱସ୍ତବିଧ୍ୱସ୍ତ ଘର, ରାସ୍ତା ଓ ଯାତାୟତ ମାଧମ ନଷ୍ଟ ହୋଇଯାଇଛି । ସେହିପରି ଯୁଦ୍ଧରେ ସାଧାରଣ ନାଗରିକଙ୍କ ମୃତ୍ୟୁ ସଂଖ୍ୟା ମଧ ଲଗାତାର ବଢିବାରେ ଲାଗିଛି, ଯାହାକୁ ସାରା ବିଶ୍ୱରେ ନିନ୍ଦା କରାଯାଉଛି ।

ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳଙ୍କ....

ଭିଜିଲାନ୍ସ ଅଫିସରେ କାର୍ତ୍ତିକେଶ୍ୱରଙ୍କ ଦ୍ୱିତୀୟ ପତ୍ନୀ, ଶାଳୀ ଓ ପୁତୁରାକୁ ଅଟକ ରଖି ଜେରା କରାଯାଇଥିଲା । ପରେ ତାଙ୍କ ଦ୍ୱିତୀୟ ପତ୍ନୀଙ୍କୁ ଗିରଫ କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୬ ଓ ୭ ତାରିଖରେ ଚଢ଼ାଉ ବେଳେ ଭିଜିଲାନ୍ସ ଗଞ୍ଜାମ ଜିଲ୍ଲା ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳଙ୍କ ଘରୁ ନଗଦ ୨ କୋଟି ୩ ଲକ୍ଷ ୮୮୦ ଟଙ୍କା ଜବତ କରିଥିଲା । ଏହି ଟଙ୍କାକୁ ମିଶାଇ ତାଙ୍କର ୪.୭୬ କୋଟି ଟଙ୍କାର ସଂପତି ଠାବ କରାଯାଇଥିଲା । ତେବେ ଆଜି କାର୍ତ୍ତିକେଶ୍ୱରଙ୍କ ଶାଳି (ଦ୍ୱିତୀୟ ପତ୍ନୀଙ୍କ ଭଉଣୀ)ଙ୍କ ଘରେ ଚଢ଼ାଉ ବେଳେ ଆହୁରି ୧.୪୧ କୋଟିରୁ ଅଧିକ ନଗଦ ଟଙ୍କା ଜବତ କରାଯାଇଛି ।ତାଙ୍କ ଠାରୁ ବର୍ତ୍ତମାନ ସୁଦ୍ଧା ୩.୪୫ କୋଟିରୁ ଅଧିକ ନଗଦ ଟଙ୍କା ଜବତ କରାଗଲାଣି । ଚଢ଼ାଉ ବେଳେ ନଗଦ ଟଙ୍କା ଜବତ କରିବାରେ ଓଡ଼ିଶା ଭିଜିଲାନ୍ସ ଇତିହାସରେ ଏହା ଏକ ରେକର୍ଡ । ଏହି ମାମଲାରେ ଗିରଫ ଯନ୍ତ୍ରୀ କାର୍ତ୍ତିକେଶ୍ୱର ବର୍ତ୍ତମାନ ବିଚାର ବିଭାଗୀୟ ହାଜତରେ ଅଛନ୍ତି ।

ପ୍ରଭୂ ଲିଙ୍ଗରାଜଙ୍କ ରୁକୁଣା....

ପ୍ରାୟ ଏକ ଘଂଟା ବିଳମ୍ବରେ ରଥ ଟଣା ଆରମ୍ଭ ହୋଇଥିଲା । ସକାଳ ସମୟରୁ ହିଁ ମନ୍ଦିର ସମ୍ମୁଖ ଜନ ସମୁଦ୍ରରେ ପରିଣତ ହୋଇଥିଲା । ହଜାର ହଜାର ସଂଖ୍ୟାରେ ବାବାଙ୍କ ଦର୍ଶନ ପାଇଁ ଭିଡ ଜମାଇଥିଲେ । ଗତ ୨ ବର୍ଷ ପରେ ରୁକୁଣା ରଥଯାତ୍ରାରେ ସାମିଲ ହେବାର ସୁଯୋଗ ପାଇଥିବାରୁ ଭକ୍ତମାନେ ଆତ୍ମହରା ହୋଇଯାଇଥିବାର ପରିଲକ୍ଷିତ ହୋଇଥିଲା । ଭକ୍ତମାନେ ଖରା , ଗୁଳୁଗୁଳିକୁ ଖାତିର ନକରି ରଥକୁ ମାଉସୀମା (ରାମେଶ୍ୱର)ମନ୍ଦିର ଆଡକୁ ଟାଣି ନେଇଥିଲେ । ଘଂଟଘଂଟା , କାହାଳୀ ଓ ଶଙ୍ଖବାଦ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ରଥ ସମ୍ମୁଖରେ ନୃତ୍ୟଶିଳ୍ପୀ ମାନଙ୍କ ପାରମ୍ପରିକ ନୃତ୍ୟ ପରିବେଶଣ ପରିବେଶକୁ ଆହୁରି ଭାବମୟ କରିଦେଇଥିଲା । ରଥଯାତ୍ରା ପାଇଁ କମିଶନରେଟ୍ ପୋଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା । ସନ୍ଧ୍ୟା ହୋଇଯାଇଥିବାରୁ ରଥ ତିନିମୁଣ୍ଡିଆ ଛକରେ ଅଟକିଛି । ଆସନ୍ତାକାଲି ପୁଣି ଥରେ ରଥ ଟଣାଯିବ । ଅନ୍ୟପକ୍ଷେ, ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପୂର୍ବରୁ ଗତକାଲି ମରିଚିକୁଣ୍ଡ ଜଳରେ ରଥ ପ୍ରତିଷ୍ଠା ହୋଇଛି । ମୁକ୍ତେଶ୍ୱର ମନ୍ଦିର ପରିସରରେ ଥିବା ମରିଚିକୁଣ୍ଡ ପାଣି ମୋଟ ୧ ଲକ୍ଷ ୭୭ ହଜାର ଟଙ୍କାରେ ନିଲାମ ହୋଇଛି । ପ୍ରଥମ ଘଡା ୧ ଲକ୍ଷ ୩୦ ହଜାର ଟଙ୍କା ଏବଂ ଦ୍ୱିତୀୟ ଘଡା ୪୭ ହଜାର ଟଙ୍କାରେ ନିଲାମ ହୋଇଛି । ବଡୁ ନିଯୋଗ ପକ୍ଷରୁ ଏହି ନିଲାମ ଡକାଯାଇଥିଲା ।

ସାମ୍ବାଦିକଙ୍କ ଗୋଡରେ ବେଡି ପକାଯିବା ଘଟଣାରେ ଉତ୍ତର ବାଲେଶ୍ୱର ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା, ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି

ଜଳେଶ୍ୱର ୯/୪ (ନି.ପ୍ର): ବାଲେଶ୍ୱର ଜିଲାର ନିଳଗିରି ଅଂଚଳର ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରୋଶମୂଳକ ଭାବେ ଗୋଡରେ ବେଡି ପକାଇ ଚିକିତ୍ସା କରାଇବା ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିବା ବେଳେ ଉତ୍ତର ବାଲେଶ୍ୱର ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯିବା ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଛି । ସଂଘର ସଭାପତି ଅବନୀ ଚାନ୍ଦ, ସାଧାରଣ ସଂପାଦକ ପତିତ ପାବନ ପ୍ରଧାନ, ସତ୍ୟବ୍ରତ ପ୍ରଧାନ, ସୁକୁମାର ରଣା, ମନୋଜ ଭୂୟାଁ, ଅଜିତ୍ ଦାସ, ସୁଶାନ୍ତ ପ୍ରଧାନ, ରବିନାରାୟଣ ପାତ୍ର, ଦୁର୍ଗାଶଂକର ଗିରି, ଆଶିଷ ଗିରି, ଦିଲ୍ଲିପ ଦାସ, ଅରୁଣ ଜେନା, ଅଜୟ ଚକ୍ରବର୍ତ୍ତୀ, ଅବଦୁଲ ରହିମ୍ ପ୍ରମୁଖ ବହୁ ସାମ୍ବାଦିକ ପୁଲିସ୍ ଏଭଳି ଅମାନୁସିକ କାର୍ଯ୍ୟାନୁଷ୍ଠାନକୁ ଦୃଢ ନିନ୍ଦା କରାଯାଇଛି ।

ଅଶୋକାଷ୍ଟମୀରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୯/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଶୋକାଷ୍ଟମୀ ଅବସରରେ ଶୁଭକାମନା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ - ପବିତ୍ର ଅଶୋକାଷ୍ଟମୀ ତଥା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା । ପ୍ରଭୁଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନ ସୁଖ, ସମୃଦ୍ଧିରେ ଭରିଯାଉ ।

ପାଞ୍ଚଦଫା ଦାବି ନେଇ ରେଳ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର

ବସ୍ତା,୦୯/୦୪ (ନି.ପ୍ର): କରୋନା ପୂର୍ବରୁ ଚାଲୁଥିବା ସମସ୍ତ ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନ ତା'ର ନିର୍ଦ୍ଧାରିତ ସମୟ ଓ ଷ୍ଟେସନରେ ରହଣୀ ନେଇ ଚାଲିବା, ପାସେଞ୍ଜର ଟ୍ରେନକୁ ସ୍ପେଷାଲ କରି ଏକ୍ସପ୍ରେସ ଭଡା ନେବା ପ୍ରତ୍ୟାହାର, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ଗୁରୁତର ଅସୁସ୍ଥ ବ୍ୟକ୍ତିଙ୍କୁ ମେଡିକାଲରେ ଚିକିତ୍ସା ପାଇଁ ରିହାତି ଦରରେ ଟ୍ରେନରେ ଯିବା, ଯେ କୌଣସି ଏକ୍ସପ୍ରେସ କିମ୍ବା ପାସେଞ୍ଜର ଟ୍ରେନରେ ଯିବା ପାଇଁ ସେହିଦିନ ଷ୍ଟେସନରେ ଟିକଟ କାଟି ଟ୍ରେନରେ ଯାତ୍ରା କରିବାକୁ ସୁବିଧା, ବିଶେଷ କରି ହାଓଡାରୁ ଜଳେଶ୍ୱର ଆସୁଥିବା ପାସେଞ୍ଜର ଟ୍ରେନକୁ ବାଲେଶ୍ୱର ପର୍ଯ୍ୟନ୍ତ ଏବଂ ଭୁବନେଶ୍ୱରରୁ ବାଲେଶ୍ୱର ଆସୁଥିବା ପାସେଞ୍ଜର ଟ୍ରେନ ଜଳେଶ୍ୱର ପର୍ଯ୍ୟନ୍ତ ସଂପ୍ରସାରଣ କରିବା ଦାବି ନେଇ ଶନିବାର ରେଳ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଛି । ରେଳ ୟୁଜର୍ସ ଆସୋସିଏସନ ସଭାପତି ସତ୍ୟନାରାୟଣ କର୍ଣ୍ଣାନୀ, ଶ୍ୟାମାପ୍ରସାଦ ବେହେରା, ସତ୍ୟନାରାୟଣ ଗୁପ୍ତା, ଅନୀଲ ମହାନ୍ତି, ଜିଲା ପରିଷଦ ସଭ୍ୟ ବିଷ୍ଣୁପ୍ରିୟା ବୁଗୁଡି, ପୂର୍ବତନ ଜିଲା ପରିଷଦ ସଦସ୍ୟ ମହାଦେବ ଦାସ, ଶଙ୍କରକୁମାର କର, ସୁଧାଂଶୁ ଯେନା, ସଂଜୟ ବୁଗୁଡି, ବିରାଜ ସିଂଦେଓ, ବିଜୟକୁମାର, ସାମ୍ବାଦିକ ରାମଚନ୍ଦ୍ର ଦେବ, ଅନୀଲ ଗୁପ୍ତା ପ୍ରମୁଖ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ ।

ସାମ୍ବାଦିକ ଉପରେ ପୋଲିସର ବର୍ବରତାକୁ ନିନ୍ଦା : ଆଇଆଇସିଙ୍କୁ ଚାକିରିରୁ ବରଖାସ୍ତ କରାଯାଉ

ଲଙ୍ଗଳେଶ୍ୱର, ୦୯/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ର କାର୍ଯ୍ୟରତ ସାମ୍ବାଦିକ ଲୋକନାଥ ଦଳେଇଙ୍କ ପ୍ରତି ପୋଲିସର ବର୍ବରତା, ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ସହିତ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୋଡ଼ରେ ବେଡି ପକାଇବ ଘଟଣା କୁ ଲଙ୍ଗଳେଶ୍ୱର ପ୍ରେସ କ୍ଲବ ତରଫରୁ ଘୋର ନିନ୍ଦା କରାଯାଇଛି ।ଘମଣ୍ଡି ପୋଲିସ ଆଇ ଆଇ ସି ମାନବାଧିକାର ଆଇନ ଉଲଙ୍ଘନ କରିବା ସହିତ ଆକ୍ରୋସ ମୂଳକ ଭାବେ ଗଣମାଧମର ତଣ୍ଟି ଚିପିବା ଉଦେଶ୍ୟ ରଖିଥିବାରୁ ତୁରନ୍ତ ତାଙ୍କୁ ଗିରଫ କରିବା ସହିତ ଚାକିରିରୁ ବରଖାସ୍ତ କରିବାକୁ ପ୍ରେସକ୍ଲବର ସଦସ୍ୟ ମାନେ ଦାବି କରିଛନ୍ତି ।ଆଇନ ର ରକ୍ଷକ ମାନେ ଆଇନ କୁ ତା ବାଟରେ ଯିବାକୁ ନ ଦେଇ କଣ୍ଠରୋଧ କରିବା ଭବିଷ୍ୟତରେ ସାଧାରଣ ଜନତା ଘୋର ଅସୁବିଧାରେ ସମ୍ମୁଖୀନ ହେବ ବୋଲି ଉଦବେଗ ପ୍ରକାଶ ପାଇଛି । ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଖୁବଶୀଘ୍ର ଏହାର କାର୍ଯ୍ୟାନୁଠନ କାର୍ଯ୍ୟାନୁଷ୍ଠାନଗ୍ରହଣ ନ କଲେ ସାମ୍ବାଦିକ ମନେ ରାଜରାସ୍ତାକୁ ଓହ୍ଲାଇବେ ବୋ ବୋଲି ଆଜି ପ୍ରେସ କ୍ଲବ ଅଫିସରେ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି ।କ୍ଲବ ସଭାପତି ରଞ୍ଜନ ବେହେରା,ସୁବଲ ଚନ୍ଦ୍ର ଦାସ,ରାଧାଗୋବିନ୍ଦ ଦାସ, ରବିରଞ୍ଜନ ତ୍ରିପାଠୀ, କମଳାକାନ୍ତ ଦାସ,ସତ୍ୟରଞ୍ଜନ ସାହୁ,ପ୍ରଶାନ୍ତ ସେନାପତି,ପ୍ରଦୀପ ଜେନା,ପ୍ରତିମା ଜେନା ପ୍ରମୁଖ ଘୋର ନିନ୍ଦା କରିବା ସହିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ଫାଶୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଲଙ୍ଗଳେଶ୍ୱର, ୦୯/୦୪ (ନି.ପ୍ର): ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତର ଡେମୁରିଆ ଗ୍ରାମରେ ଗତ କାଲି ବିଳମ୍ବିତ ରାତିରେ ଜୈନିକ ମହିଳା ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ ମହିଳା ଜଣଙ୍କ ହେଲେ ସେହି ଗ୍ରାମର ରୁହିଆ ମୁର୍ମୁଙ୍କ ସ୍ତ୍ରୀ ତୁଳସୀ ମୁର୍ମୁ (୪୪) । ଆଜକୁ ଚାରି ବର୍ଷ ହେବ ସେ ଜଣେ ମାନସିକ ରୋଗୀ ଥିଲେ । ତେବେ ଗତ କାଲି ବିଳମ୍ବିତ ରାତିରେ ଘର ପାଖରେ ସ୍ୱାମୀ ଅନୁପସ୍ଥିତ ଥିବା ସମୟ ରେ ଏକ ଗଛରେ ଫାଶୀ ଲଗାଇ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା । ଏ ନେଇ ଆଜି ସ୍ୱାମୀ ରୁହିଆ ବାଲିଆପାଳ ଥାନାରେ ଅଭିଯୋଗ ପରେ ଥାନା ଏସାଇ ସସ୍ମିତା ମୋହାଳିକ ଘଟଣାସ୍ଥଳରେ ପହଂଚି ଶବକୁ ଜବଦ କରିବା ସହ ବ୍ୟବଛେଦ କରିବା ପାଇଁ ପଠାଇଛି ।

ଭୁବନଶ୍ୱେର ସୈନିକସ୍କୁଲରେ ଆଡମିଶନ ପାଇଁ ଏଆଇଏସଏସଇଇ ରେଜଲ୍ଟ ପ୍ରକାଶିତ

ଭୁବନେଶ୍ୱର, ୦୯/୦୪ (ନି.ପ୍ର): ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ସୈନିକସ୍କୁଲ ଭୁବନେଶ୍ୱରରେ ଷଷ୍ଠ ଶ୍ରେଣୀରେ ଆଡମିଶନ ପାଇଁ ଅଲଇଣ୍ଡିଆ ସୈନିକସ୍କୁଲ ପ୍ରବେଶିକା ପରୀକ୍ଷା (ଏଆଇଏସଏସଇଇ)୨୦୨୨ର ଅନ୍ତିମ ଫଳାଫଳ ୦୭ ଏପ୍ରିଲରେ ଘୋଷଣା କରାଯାଇଛି । ଭୁବନେଶ୍ୱର ସୈନିକସ୍କୁଲ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ , ଏହା ବିଦ୍ୟାଳୟର ୱେବସାଇଟ୍ ରେ ଉପଲବ୍ଧ । ସୂଚନାନୁସାରେ , ବିଦ୍ୟାଳୟ ୧୮ ଏପ୍ରିଲରୁ ମୁଖ୍ୟ ତାଲିକାରେ ମେଡିକାଲର ଫିଟ୍ ପ୍ରାର୍ଥୀଙ୍କୁ ଗ୍ରହଣ କରିବା ଆରମ୍ଭ କରିବ । ପ୍ରାରମ୍ଭିକ ଡାକ୍ତରୀ ପରୀକ୍ଷାରେ ଅନୁପଯୁକ୍ତ ଥିବା ପ୍ରାର୍ଥୀଙ୍କ ପାଇଁ ସମୀକ୍ଷା ଡାକ୍ତରୀ ପରୀକ୍ଷା ୧୨ ଏପ୍ରିଲ ରେ କଟକ ଏସ.ସି.ବି . ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଧାର୍ଯ୍ୟ କରାଯାଇଛି ।

୪୯ତମ ବାବା ବଡାମ ଠାକୁରଙ୍କ ବାର୍ଷିକ ପୂଜା ଅନୁଷ୍ଠିତ

ବାରିପଦା, ୦୯/୦୪ (ନି.ପ୍ର): ସ୍ଥାନୀୟ ତୁଳସୀଚଉରା ସ୍ଥିତ ବାବା ବଡାମ ଠାକୁରଙ୍କର ଆସ୍ଥାନ ଠାରେ ଚଳିତବର୍ଷ ଇଂରାଜୀ ମାସର ଏପ୍ରିଲ୍ ୭ ଏବଂ ୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ପୂର୍ବ ବର୍ଷମାନଙ୍କ ପରି କମିଟି ପକ୍ଷରୁ ପୂଜା ଖୁବ୍ ଆଡମ୍ବରରେ ପାଳନ କରାଯାଇଅଛି । ପୂର୍ବ ବର୍ଷ ମାନଙ୍କ ପରି ଚଳିତବର୍ଷ ମଧ ସ୍ଥାନୀୟ ବାସିନ୍ଦା ତଥା ଭକ୍ତ ମାନଙ୍କ ମନରେ ପୂଜାକୁ ନେଇ ଗଭୀର ଉତ୍ସାହ ଦେଖିବାକୁ ମିଳିଥିଲା । କମିଟି ପକ୍ଷରୁ ପୂର୍ବରୁ ଉକ୍ତ ପୂଜାକୁ ପରିଚାଳିତ କରିଥିବା ସମସ୍ତ ସଦସ୍ୟ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ପିଠ ଉପସ୍ଥାପକ ସ୍ୱର୍ଗତଃ ଭାସ୍କର ମହାପାତ୍ରଙ୍କର ସ୍ମୃତିଚାରଣ କରାଯାଇଥିଲା । ଚଳିତବର୍ଷ ୱାର୍ଡ ମେମ୍ବର ବିବେକାନନ୍ଦ ନାୟକଙ୍କ ଉପସ୍ଥିତିରେ ସଭାପତି ଅନନ୍ତ ଦାସ, ସମ୍ପାଦକ ପ୍ରଦୀପ ଖିଲାର, ସହ କୋଷାଧ୍ୟକ୍ଷ ଦେବନନ୍ଦ ଜେନା ଏବଂ ଅନ୍ୟ ସଭ୍ୟମାନଙ୍କ ମଧ୍ୟରେ ସରୋଜ ମହାପାତ୍ର, ପଦ୍ମଲୋଚନ ନାଏକ, ଚନ୍ଦ୍ରଶେଖର ଜେନା, ଚନ୍ଦ୍ରଶେଖର ଦାସ, ଗଗନ ମଲ୍ଲିକ, ଅମିତ ମହାପାତ୍ର, ଅବନୀ ଗିରି, ଶାଶ୍ୱତ ପଣ୍ଡା, ତୁଷାର ନାଏକ, ସୌମ୍ୟରଞ୍ଜନ ମହାପାତ୍ର, ନିହାର ନାଏକ, ସନ୍ତୋଷ ଦାସ, ସୁମନ୍ତ ଦାସ, ଓମ୍‌କାର ଅଶିତ୍ ଦାସ ପ୍ରମୁଖ ଉପସ୍ଥିତିରେ ପୂଜାକାର୍ଯ୍ୟ ସୂଚାରୁ ରୂପେ ପାଳନ କରାଯାଇଅଛି ।

ସୁବର୍ଣ୍ଣରେଖା ବନ୍ଦରକୁ ନେଇ ସପକ୍ଷବାଦୀ ଓ ବିପକ୍ଷବାଦୀ ମୁହାଁମୁହିଁ

ବାଲିଆପାଳ, ୦୯/୦୪ (ନି.ପ୍ର): ତ୍ରୀସ୍ତରୀୟ ପ ।ୟତ ନିର୍ବାଚନ ର ଉଷ୍ମତା କମିବା ପରେ ପୁଣି ଥରେ ବାଲିଆପାଳ ବ୍ଲକରେ ହେବାକୁ ଥିବା ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର କୁ ନେଇ ସପକ୍ଷବାଦୀ ଓ ବିପକ୍ଷବାଦୀ ମୁହାଁ ମୁହିଁ ହୋଇଛନ୍ତି । ଗୋଟଟିଏ ପଟେ ୁବର୍ଣ୍ଣରେଖା ବନ୍ଦର ହେଲେ ବାଲିଆପାଳ ତଥା ଜିଲ୍ଲାର ବିକାଶ ହେବାର ନାରା ଦେଇ ସୁବର୍ଣ୍ଣରେଖା ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଅ ଳର ଶତାଧିକ ଯୁବକ ମାନଙ୍କୁ ନେଇ ପ୍ରତାପୁରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ହାଡିବନ୍ଧୁ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ, ଗୋବିନ୍ଦ ପ୍ରସା ଦାସ, ନିତ୍ୟାନନ୍ଦ ଜେନା, ଅଶ୍ୱିନୀ ପାତ୍ର, ସରୋଜ ବିଶ୍ୱାଳ ବେଣୁଧର ଜେନା ସନ୍ତୋଷ ଗିରି ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ଆଲଚନାରେ ଭାଗ ନେଇଥିଲେ । ବାଲିଆପାଳରେ ସୁବର୍ଣ୍ଣରେକା ବନ୍ଦର ହେଲେ ସମଗ୍ର ବାଲେଶ୍ୱର ଜିଲ୍ଲାର ସାମଗ୍ରୀକ ବିକାଶ ହୋଇପାରିବ । ବନ୍ଦର ନିର୍ମାଣ ଦାୟିତ୍ୱରେ ଥିବା ଟାଟା କମ୍ପାନୀ ପକ୍ଷରୁ ସ୍ଥାନୀ୍ୟ ଅ ଳରେ, ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡା କ୍ଷେତ୍ରର ଉନ୍ନତି ପାଇଁ ଏବେଠାରୁ ପଦେକ୍ଷପ ଗ୍ରହଣ କରିବାକୁ ଟାଟା କମ୍ପାନୀ ପରିଷଧ ପକ୍ଷରୁ ପ୍ରସ୍ତାବ ଦିଆଯିବା ସହ ବନ୍ଦର କାର୍ଯ୍ୟର ତ୍ୱରାନ୍ୱିତ ପାଇଁ ପଦ କ୍ଷେପ ନେବାକୁ ଦାବି ରଖାଯାଇଥିଲା । ଆଗାମୀ ଦିନରେ ସମସ୍ତ ପ ।ୟତର ଯୁବକ ଯୁବତୀ ତଥା ବୁଦ୍ଧିଜିବୀ ମାନଙ୍କୁ ନେଇ ପରିଷଦର ଏକ ବଡ ବୈଠକ ଅନୁଷ୍ଠିତ ହେବା ନେଇ ଆଲୋଚନା ହୋଇଥିଲା ସେହିପରି ଆଜି ଅପରାହ୍ନରେ ଡଗରାଠାରେ ଭିଟାମାଟି ସୁରକ୍ଷା କମିଟିର ନେତୃତ୍ୱ ନେଉଥିବା ୨୪ ନମ୍ବର ଜୋନ ଜିଲ୍ଲା ପରିଷ ସଦସ୍ୟ ବାବାଜୀ ଦେହୁରୀ, ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ତୀର୍ଥ ନାଗ, ପ୍ରଶାନ୍ତ ଦାସ ପ୍ରମୁ ଏକ ସାମ୍ବାଦିକ ସମ୍ମିଳନୀ କରି ସୁବର୍ଣ୍ଣରେଖା ବିକାଶ ପରିଷଦ କେବଳ ଟାଟା କମ୍ପାନୀ ତଥା କୀଛି ରାଜନୈତିକ ଦଳ୍ ନତାଙ୍କ ଚାଟୁକାରିତା ପାଇଁ ବନ୍ଦର ହେଲେ ବିକାଶ ହେବା କଥା କହି ଲୋକଙ୍କୁ ଭୂଆ ବୁଲାଉଥିବା କହିଥିଲେ । ଶସ୍ୟ ଶ୍ୟମଳା ଉର୍ବର ମାଟିରେ ଲୋକଙ୍କୁ ଉଦବାସ୍ତୁ କରି ଜନବିରୋଧୀ ବନ୍ଦର ପ୍ରକଳ୍ପକୁ କୌଣସ ପରିସ୍ଥିତିରେ କରାଇ ଦିଆଯିବ ନାହିଁ ବୋଲି ଆହ୍ୱାନ ଦେଇଛନ୍ତି । ତେବେ ଆଗାମୀ ଦିନରେ ସୁବର୍ଣ୍ଣରେଖା ବନ୍ଦରର ଭାଗ୍ୟ କଣ ହେବ ତାକୁ ନେଇ ଏବେ ସମସ୍ତଙ୍କ ମଧ୍ୟରେ କଳ୍ପନା ଜଳ୍ପନା ଲାଗିରହିଛି ।

ଚାକିରି ନାଁରେ ଠକେଇ : ୪ ଗିରଫ

ଭୁବନେଶ୍ୱର, ୦୯/୦୪ (ନି.ପ୍ର): ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଚାକିରି ଦେବାକୁ କହି ଠକେଇ ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ୍ । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଗୋଟିଏ ଟେଲିକମ୍ ସଂସ୍ଥାର ଟେରିଟୋରିଆଲ୍ ସେଲ୍ସ ମ୍ୟାନେଜର ରହିଛନ୍ତି । ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ ଏନେଇ ସୂଚନା ଦେଇ କହିଛନ୍ତି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବଲାଙ୍ଗିରରେ ଚାକିରି ଦେବାକୁ କହି ଠକିଥିଲେ । ଏହି ସମ୍ପର୍କରେ ସାଇବର ଥାନାରେ ଅଭିଯୋଗ ହୋଇଥିଲା । ବିଭିନ୍ନ ସ୍ଥାନରେ ଚଢାଉ ପରେ ଠକେଇରେ ସମ୍ପୃକ୍ତ ଏକ ଟେଲିକମ୍ ସଂସ୍ଥାର ଟେରିଟୋରିଆଲ୍ ସେଲ୍ସ ମ୍ୟାନେଜର ଅରୁଣ ଘୋଷ , ପଏଂଟ ଅଫ୍ ସେଲ୍ସ ମ୍ୟାନ୍ ସ୍ମୃତିରଞ୍ଜନ ମହାନ୍ତିଙ୍କୁ ଗିରଫ କରିଛି । ଏଥିସହ ଅରୁଣଙ୍କ ଆକାଉଂଟରେ ଥିବା ୬୦ ଲକ୍ଷ ଟଙ୍କାକୁ ଜବତ କରିଛି । ସେମାନଙ୍କଠାରୁ ୭୨ଟି ପ୍ରି ଆକ୍ଟିଭେଟେଡ୍ ସିମ୍ ଜବତ କରିଛି ପୋଲିସ୍ । ସେହିପରି ଗିରଫ ଆଉ ୨ ଅଭିଯୁକ୍ତ ହେଲେ ବାନାମ୍ବର ପ୍ରଧାନ ଓ ଚୁନ୍ନିଲାଲ ପୃଷ୍ଟି । ଡିସିପି କହିଛନ୍ତି ସମ୍ପୃକ୍ତ ଠକମାନେ ଠକେଇ ପାଇଁ ପ୍ରି ଆକ୍ଟିଭେଟେଡ୍ ସିମ୍ ବ୍ୟବହାର କରୁଥିଲେ । ଚାକିରି ଦେବା ନାଁରେ ପ୍ରଥମେ ଫୋନ୍ କରୁଥିଲେ । କଥାବାର୍ତ୍ତା ଛଳରେ ଆଶାୟୀଙ୍କ ବିଶ୍ୱାସଭାଜନ ହେଉଥିଲେ । ତା'ପରେ ନକଲି ଇ-ମେଲ୍ ଆଇଡିରେ ଆଶାୟୀଙ୍କଠାରୁ ଡକୁମେଂଟ ମାଗୁଥିଲେ । ଚାକିରି ପାଇବା ଆଶାରେ ଆଶାୟୀମାନେ ସବୁ ଡକୁମେଂଟ ପଠାଇ ଦେଉଥିଲେ । ଏହା ପରେ ସାଇବର ଠକମାନେ ଗୋଟିଏ ନକଲି ଚାକିରି ଆଶାୟୀଙ୍କ ତାଲିକା କରି ସମସ୍ତଙ୍କ ପାଖକୁ ପଠାଉଥିଲେ । ଏହି ତାଲିକା ଦେଖିବା ପରେ ଆଶାୟୀଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଉଥିଲା । ଏହାର ସୁଯୋଗ ନେଇ ସାଇବର ଠକମାନେ ଟଙ୍କା ମାଗୁଥିଲେ । ଚାକିରି ଆଶାୟୀଙ୍କଠାରୁ ଟଙ୍କା ପାଇବା ପରେ ସାଇବର ଠକମାନେ ସବୁ ସମ୍ପର୍କ ତୁଟାଇ ଦେଉଥିଲେ । ଭବିଷ୍ୟତରେ ଯେଉଁ ଟେଲିକମ୍ କମ୍ପାନୀ ନକଲି କାଗଜପତ୍ରରେ ପ୍ରି ଆକ୍ଟିଭେଟ୍ ସିମ୍ କାର୍ଡ ଦେଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ଠକାମୀରେ ଯଦି ଅନ୍ୟ କେହି ଶିକାର ହୋଇଥାଆନ୍ତି, ତାହାହେଲେ ସେମାନେ ଅଭିଯୋଗ କରିପାରିବେ । ତଦନ୍ତରେ ବ୍ୟାଙ୍କକୁ ସାମିଲ କରାଯିବ ବୋଲି ଡିସିପି କହିଛନ୍ତି ।

ଖଗଡେଶ୍ୱର ଶୈବପୀଠରେ ପଞ୍ଚମ ଅର୍ଘ୍ୟରେ ବ୍ରତଧାରଣ କଲେ ଶତାଧିକ ଭକ୍ତ

ବାଲିଆପାଳ, ୦୯/୦୪ (ନି.ପ୍ର): ବାବା ଚନ୍ଦନେଶ୍ୱର ମହାଦେବଙ୍କ ରିତିନିତୀ ଅନୁଯାୟୀ ବାଲିଆପାଳ ବ୍ଲକର ପ୍ରମୁଖ ଶୈବପୀଠ ବାବା ଖଗଡେଶ୍ୱର ଶୈବ ପୀଠରେ ଆଜି ପଞ୍ଚମ ଅର୍ଘ୍ୟ ରେ ଶତାଧିକ ଭକ୍ତ ବ୍ରତ ଧାରଣ କରିଛନ୍ତି । ଏହି ମନ୍ଦିରରେ ଏପ୍ରିଲ ୧ ତାରିଖ ଠାରୁ ତେର ଅର୍ଘ୍ୟ, ନବମ ଅର୍ଘ୍ୟ, ସପ୍ତମ ଅର୍ଘ୍ୟ ରେ ବହୁ ଭକ୍ତ ବ୍ରତଧାରଣ କରିଥିଲେ । ଅଜି ଏହି ମନ୍ଦିରରେ ମହାଦେବଙ୍କ ପ୍ରସିଦ୍ଧ କାମନୀ ବିବାହ ମଧ୍ଯ ଅନୁଷୟଟିତ ହୋଇଥିଲା । ପାଟଭକ୍ତା ପଦ୍ମଲୋଚନ ସାହୁ, ଶ୍ରୀବେକିଡି ପ୍ରଭାସ ସାହୁ ଏବଂ ପୂଜକ ଜୀତେନ୍ଦ୍ର ନାଥ ପାଠୀଙ୍କ ତତ୍ୱାବଧାନରେ ମହାଦେବଙ୍କ ଏହି କାମିନୀ ବିବାହ ମହା ଆଡମ୍ବର ସହକାରରେ ଅନୁଷ୍ଠିତ ହୋଇଛି । ଭକ୍ତମାନେ ଏକ ଶୋଭାଯାତ୍ରା ସିମୁଳିଆ ହାଟ ଚନ୍ଦନ ପୋଖରୀ ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ରିତିନିତୀ ଅନୁଯାୟୀ ମହାଦେବଙ୍କ ବିବାହ ସମ୍ପନ୍ନ ପରେ ଏହି ଭକ୍ତ ମାନେ ବାଦ୍ୟ, ହରିବୋଲ ହୁ ଲୁ ହୁଳି ଦେଇ ଶିବ ପାର୍ବତୀ ଘଟକୁ ମନ୍ଦିର ପର୍ଯ୍ୟନ୍ତ ନେଇ ବେଢା ପରିକ୍ରମା କରିଥିଲେ ।ପରେ ମନ୍ଦିର ଭିତରେ ପୂଜାଅର୍ଚ୍ଚନା ପରେ ଭକ୍ତମାନେ ଅର୍ଘ୍ୟ ପ୍ରଦାନ କରିଥିଲେ ।

ବାଲେଶ୍ୱର, ରବିବାର, ୧୦ ଅପ୍ରେଲ, ୨୦୨୨
ଧ୍ୱନି ପ୍ରତିଧ୍ୱନି

ରଶ୍ମିରାଣୀ ଦାସଙ୍କ ଦକ୍ଷିଣାଞ୍ଚଳୀୟ ଲୋକନାଟକ ଲୋକାର୍ପିତ

ବାଲେଶ୍ୱର,୦୯/୦୪ (ନି.ପ୍ର): ଯେଉଁ ଭାଷାର ଲୋକନାଟକ ଯେତିକି ସମୃଦ୍ଧ ସେହି ଭାଷା ସେତିକି ଉନ୍ନତ। ବିଦଗ୍ଧ ନାଟକର ଶରୀର ମଧ୍ୟରେ ଲୋକନାଟକର ସତ୍ତା ମିଳିଥାଏ। ଶୁକ୍ରବାର ସନ୍ଧ୍ୟାରେ ଶାନ୍ତିକାନନରେ ଅଧ୍ୟାପିକା ରଶ୍ମିରାଣୀ ଦାସଙ୍କର 'ଦକ୍ଷିଣାଞ୍ଚଳୀୟ ଲୋକନାଟକ' ନାମକ ଏକ ଗବେଷଣା ଗ୍ରନ୍ଥକୁ ଲୋକାର୍ପଣ କରି ବକ୍ତାମାନେ ଏହି ମତବ୍ୟକ୍ତ କରିଥିଲେ। ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଗ୍ରନ୍ଥଟିକୁ ଲୋକାର୍ପଣ କରି ବରିଷ୍ଠ ସାହିତ୍ୟିକ ଡ.ପ୍ରହ୍ଲାଦ ଚରଣ ମହାନ୍ତି ଲୋକନାଟକ ମଣିଷ ମନର ଆବେଗର ପରିପ୍ରକାଶ ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମଥୁରାନାଥ ହୋତା, ବିଶିଷ୍ଟ ସମାଲୋଚକ ଡ. ମନ୍ମଥ କୁମାର ପ୍ରଧାନ ଓ ଅଧ୍ୟାପକ ଡ. ଅଜୟକୁମାର ପଣ୍ଡା ଗ୍ରନ୍ଥଟିର ବିସ୍ତୃତ ଆଲୋଚନା କରି ତନ୍ମଧ୍ୟସ୍ଥ ଭାରତ ଲୀଳା, କୃଷ୍ଣ ଲୀଳା, ଶ୍ରୀରାମ ନାଟକ, କଣ୍ଢେଇ ନୃତ୍ୟ, ପ୍ରହ୍ଲାଦ ନାଟକ, ଦଣ୍ଡନାଟ, ଦେଶିଆ ନାଟ,ଦାସକାଠିଆ, ସୁଆଙ୍ଗ, ଚନ୍ଦ୍ରଧ୍ୱଜ ନାଟକ, ଜଳନ୍ଧର ବଧ ନାଟକ, ଗୋଟିପୁଅ ନାଚ, ଢଣକୋଇଲା, ଘୋଡ଼ାନାଚ, ରାଧାପ୍ରେମଲୀଳା, ରାବଣଛାୟା ପ୍ରଭୃତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେମାନଙ୍କ ମତ ଅନୁସାରେ ଲୋକନାଟକଗୁଡ଼ିକ ପଲ୍ଲୀ ଜନତାର ଅକୁଣ୍ଠ ସମର୍ଥନ ଲାଭ କରି ପାରୁଥିବାରୁ ଆଜି ପର୍ଯ୍ୟନ୍ତ ତିଷ୍ଠି ରହି ପାରିଛି। ଲେଖିକା ରଶ୍ମିରାଣୀ ଦାସ ଗ୍ରନ୍ଥପାଇଁ କରିଥିବା ତଥ୍ୟ ସଂଗ୍ରହ, ଉପାଦାନ ସଂଗ୍ରହ ଓ ଗ୍ରାନ୍ଥାଗାରିକ ଉପଯୋଗିତାର ବିଶଦ ବିବରଣୀ ପ୍ରଦାନ କରିଥିଲେ। ଡ.ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିଲେ। ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ଚାଟାର୍ଜୀ, ତପନ ରାୟ, ଦୀନବନ୍ଧୁ ଲେଙ୍କା, ଡ.ଶିରୀଶଚନ୍ଦ୍ର ଜେନା, ଡ.ରବୀନ୍ଦ୍ର ବିହାରୀ, ଅଧ୍ୟାପକ କମଳାକାନ୍ତ ଦାଶ, ଶରତକୁମାର ମହାପାତ୍ର, ନିରଞ୍ଜନ ରାଉତ, ଡ.ଦିଲ୍ଲୀପ କୁମାର ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

ପଦ୍ମଲୋଚନ ହାଇସ୍କୁଲର ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ

ପୁରୁଣା ହେଲେ ମଧ ବନ୍ଧୁତ୍ୱ ମଳିନ ପଡ଼ିନଥାଏ

ବାଲିଆପାଳ, ୦୯/୦୪ (ନି.ପ୍ର): ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ଜଗାଇ ଠାରେ ଥିବା ପଦ୍ମଲୋଚନ ହାଇସ୍କୁଲରେ ଅଧ୍ୟୟନ କରୁଥିବା ୧୯୬୯ ମସିହାର ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜମୁନାଶୋଳ ଡାକ ବଙ୍ଗଳା ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୫ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଉପସ୍ଥିତ ଛାତ୍ରଛାତ୍ରୀମାନେ ମତବ୍ୟକ୍ତ କରି କହିଥିଲେ ଯେ ପୁରୁଣା ହେଲେ ମଧ ବନ୍ଧୁତ୍ୱ ମଳିନ ପଡ଼ିନଥାଏ । ୧୯୬୯ ମସିହାରେ ପଦ୍ମଲୋଚନ ହାଇସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କର ବୟସ ଅଧିକ ହୋଇଥିଲେ ମଧ ସେମାନେ ଦୀର୍ଘ ୪ବର୍ଷ ହେଲା ବନ୍ଧୁ ମିଳନ କାର୍ଯ୍ୟକ୍ରମ ଜାରି ରଖିଥିବା ନିଶ୍ଚିତ ଭାବେ ଗର୍ବ ଓ ଗୌରବର ବିଷୟ ବୋଲି ଛାତ୍ରଛାତ୍ରୀମାନେ ମତବ୍ୟକ୍ତ କରିଥିଲେ । ଏହି ବନ୍ଧୁ ମିଳନ ଉତ୍ସବରେ ମିହିର ଦତ, ଡାକ୍ତର ଅଜୟ କୁମାର ମିଶ୍ର, ଅନନ୍ତ ପରିଡ଼ା, ବିଜୟ ପରିଡ଼ା, ଫଣୀଭୂଷଣ ଦାସ, ମୂରଲୀଧର ନାୟକ, ସୃଷ୍ଟିଧର ଜେନା, ଭାଷ୍କର ଚନ୍ଦ୍ର ବିଶ୍ୱାଳ, ଶ୍ରୀହରି ଦାସ, ଲକ୍ଷ୍ମୀନାରାୟଣ ଜେନା, ମେନକା ମାଝୀ, ସୁବାସିନୀ ସାହୁ, ଅନନ୍ତ ରାଉତ ପ୍ରମୁଖ ପୁରାତନ ପ୍ରମୁଖ ଛାତ୍ରଛାତ୍ରମାନେ ଯୋଗ ଦେଇଥିଲେ ।

ମହାଷ୍ଟମୀରେ ବଗଳାମୁଖୀଙ୍କ 'ମହାଗୌରୀ'ସ୍ୱରୂପ

ବାଲେଶ୍ୱର,୦୯/୦୪ (ନି.ପ୍ର): ଚୈତ୍ର ମାସ ଶୁକ୍ଳ ପ୍ରତିପଦ ତିଥିଠାରୁ ବିଭିନ୍ନ ଶକ୍ତିପୀଠରେ ଚାଲିଥିବା ନବରାତ୍ର ପୂଜାରେ ଶ୍ରଦ୍ଧାଳୁମାନେ ପ୍ରତ୍ୟେକ ଦିନ ମାଆଙ୍କ ନୂଆ ସ୍ୱରୂପ ଦର୍ଶନ କରୁଛନ୍ତି। ସେହିକ୍ରମରେ ବାଲେଶ୍ୱର ସହର ଉପକଣ୍ଠ ତାମୂଳିଆସ୍ଥିତ ଶ୍ରୀ ପୀତାମ୍ବରା ସିଦ୍ଧ ମହାଶକ୍ତି ପୀଠରେ ରୀତିନୀତି ଅନୁସାରେ ନବରାତ୍ର ଅବସରରେ ମହାଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମା'ଙ୍କର ନବଶକ୍ତିକୁ ଭକ୍ତି ଓ ନିଷ୍ଠାର ସହିତ ଆହ୍ୱାନ କରାଯାଇ ଏଠାରେ ପୂଜା କରାଯାଉଛି। ପୀଠର ଆଚାର୍ଯ୍ୟ ଶ୍ରୀ ରବିନାରାୟଣ ମିଶ୍ର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କର୍ମକାଣ୍ଡ ବିଧିମତେ ଜାରି ରହିଛି। ପ୍ରାତଃକାଳରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଭକ୍ତି ଓ ନିଷ୍ଠାର ସହିତ ଚାଲିଛି ମା'ଙ୍କର ଆରଧନା। ପ୍ରଥମ ଦିବସରେ ଶୈଳପୁତ୍ରୀ, ଦ୍ୱିତୀୟ ଦିବସରେ ବ୍ରହ୍ମଚାରିଣୀ, ତୃତୀୟ ଦିବସରେ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିବସରେ କୁଷ୍ମାଣ୍ଡ, ପଞ୍ଚମ ଦିବସରେ ସ୍କନ୍ଦମାତା, ଷଷ୍ଠୀରେ କାତ୍ୟାୟନୀ ଏବଂ ସପ୍ତମୀରେ କାଳରାତ୍ରି ସ୍ୱରୁପଙ୍କୁ ପୂଜା କରାଯାଇଥିବା ମହାଅଷ୍ଟମୀରେ ଆଜି ମା'ଙ୍କର ମହାଗୌରୀ ସ୍ୱରୂପଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଛନ୍ତି। ମା'ଙ୍କର ଏହି ବିଶେଷ ବେଶ ଦର୍ଶନରେ ହିଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ସ୍ୱତନ୍ତ୍ର ସିଦ୍ଧି ତଥା ମୁକ୍ତିର ଦ୍ୱାରା ଖୋଲିଥାଏ ବୋଲି ପୀଠର ଉପାଚାର୍ଯ୍ୟ ଆଦିତ୍ୟ ନରାୟଣ ମିଶ୍ର କହିଛନ୍ତି।

ମାଷ୍ଟର ବଡି ବିଲ୍ଡିଂ ଓଡ଼ିଶା ଚାମ୍ପିୟନସିପ ବିଜେତାଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୦୯/୦୪ (ନି.ପ୍ର): ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା 'ସିନିୟର ମାଷ୍ଟର ବଡି ବିଲ୍ଡିଂ ଓଡ଼ିଶା ଚାମ୍ପିୟନସିପ'ରେ ସଫଳତା ପାଇଥିବା ବାଲେଶ୍ୱରର ୫ ପ୍ରତିଯୋଗୀଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ବଲାଙ୍ଗୀରେ ଗତ ୨ ଓ ୩ ତାରିଖରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବାଲେଶ୍ୱରର ସତ୍ୟଜିତ ଓଝା, ସଂଜୀତ ବେହେରା, କୁମୁଦ ରଂଜନ ପାତ୍ର, ସନିଆ ସିଂ ଓ ଅଭିଷେକ ଦାସ ସଫଳତା ପ୍ରଦର୍ଶନ ସହ ଜିଲା ପାଇଁ ଗୌରବ ଆଣିଛନ୍ତି। ଏନେଇ ବାଲେଶ୍ୱର ଜିଲା ବଡି ବିଲ୍ଡିଂ ଆସୋସିଏସନ ଓ ଷ୍ଟେ'ଫିଟ ଓପନ ଜିମର ମିଳିତ ସହଯୋଗରେ ଏକ ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଥିଲା। ସମାଜସେବୀ ଅଜୟ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ପୁଲିସ ଅଧୀକ୍ଷକ ସନ୍ତୋଷ କୁମାର ନାୟକ, ଅବସରପ୍ରାପ୍ତ ଅତିରିକ୍ତ ପୁଲିସ ଅଧୀକ୍ଷକ କୈଳାସ ଚନ୍ଦ୍ର ପରିଡ଼ା, ବାଲେଶ୍ୱର ପୌରପରିଷଦ ସଦସ୍ୟ ପଦ୍ମଲୋଚନ ଲେଙ୍କା, ବାଲେଶ୍ୱର ଜିଲା ବଡି ବିଲ୍ଡିଂ ଆସୋସିଏସନର ସଭାପତି ବସନ୍ତ ମହାନ୍ତି, ସର୍ବଭାରତୀୟ ବଡି ବିଲ୍ଡିଂ ଚାମ୍ପିୟନସିପ ବିଜେତା ତୁରୁଣ ଚାଟାର୍ଜୀ ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ୫ ଜଣଙ୍କର ସଫଳତା ଜିଲା ପାଇଁ ଗୌରବ ହୋଇଥିବା ବେଳେ ଯୁବଗୋଷ୍ଠୀଙ୍କୁ ଏହା ବେଶ ପ୍ରେରଣା ଦେବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ସମସ୍ତଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ପ୍ରଦାନ ପୂର୍ବକ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲା ବଡି ବିଲ୍ଡିଂ ଆସୋସିଏସନର ସମ୍ପାଦକ ତଥା ଷ୍ଟେ'ଫିଟ ଓପନ ଜିମର ସତ୍ତ୍ୱାଧିକାରୀ ମନୋଜ ଦାସ ଏହି ସମ୍ବର୍ଦ୍ଧନା ପର୍ବରେ ସଭାପତିତ୍ୱ କରିଥିବା ବେଳେ ସାମ୍ବାଦିକ ଶିବଦାସ କୁଣ୍ଡୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବଡି ବିଲ୍ଡିଂ ଆସୋସିଏସନର ଉପ-ସଭାପତି ପ୍ରଦୀପ ଆଚାର୍ଯ୍ୟ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଔରଙ୍ଗାବାଦରେ ବିଷପିଇଲେ ଛଅ ମହିଳା : ତିନିଜଣଙ୍କ ମୃତ୍ୟୁ

ଔରଙ୍ଗାବାଦ, ୦୯/୦୪ (ନି.ପ୍ର): ଔରଙ୍ଗାବାଦ ଜିଲ୍ଲାର କାସମା ଥାନା ଅଂଚଳରେ ଏକ ଗାଁରେ ଶୁକ୍ରବାର ସନ୍ଧ୍ୟାରେ ଛଅଜଣ ସାଙ୍ଗ ବିଷ ପିଇ ଜୀବନଲୀଳ ସମାପ୍ତ କରିବାର ଚେଷ୍ଟା କରିଛନ୍ତି। ଏମାନଙ୍କ ମଧ ତିନିଜଣଙ୍କ ମୃତ୍ୟୁ ହୋଇଛି। ତିନିଜଣଙ୍କର ମଗଧ ମେଡ଼ିକାଲ୍ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସା ଚାଲିଛି। ତିନିଜଣଙ୍କ ଅବସ୍ଥା ସଂକଟାପନ୍ନ କୁହାଯାଉଛି। ଏସ୍‌ପି କାନ୍ତେଶ କୁମାର ମିଶ୍ର ଶନିବାର ଦିନ କହିଛନ୍ତି ଯେ ମୃତକଙ୍କ ମଧରେ ଜଣେ ନିଜ ଭାଇର ଶଳାକୁ ପ୍ରେମ କରୁଥିଲା। ସେ ସାଙ୍ଗମାନଙ୍କ ସହିତ ନିଜ ପ୍ରେମ ବିଷୟରେ ଜଣାଇ ବିବାହର ଇଚ୍ଛା କରିଥିଲା। କିନ୍ତୁ ସେ ପ୍ରେମ କରୁଥିବା ପିଲା ମନା କରିଦେଇଥିଲା। ଏହାପରେ ଉକ୍ତ ଝିଅ କୌଣସି ବିଷାକ୍ତ ପଦାର୍ଥର ସେବନ କରିଦେଇଥିଲା। ଏହି ସୂଚନା ପାଇବା ପରେ ତା'ର ପାଂଚଜଣ ସାଙ୍ଗ ମଧ ଜହର ପିଇ ଦେଇଥିଲେ। ଏହାପରେ ସେହି ଝିଅମାନଙ୍କ ଅବସ୍ଥା ସଂକଟାପନ୍ନ ହୋଇଥିଲା। ଗ୍ରାମବାସୀ ତାଙ୍କୁ ବଂଚାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ତିନିଜଣଙ୍କ ମୃତ୍ୟୁ ହୋଇଥିଲା। ବାକି ତିନିଜଣଙ୍କୁ ଉନ୍ନତ ଚିକିତ୍ସା ପାଇଁ ମଗଧ ମେଡ଼ିକାଲ୍ କଲେଜ ନିଆଯାଇଛି।

ଗୋଟିଏ ଦିନରେ ୧୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୯/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୮୩୪ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୪୮୫ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୭୫ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧ ଜଣଙ୍କ ମଧ୍ୟରୁ ୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲାରୁ ଜଣେ ହେଲେ ସଂକ୍ରମିତ ହୋଇ ନ ଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଓ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ହୋଇ ନ ଥିବା ବେଳେ ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ପାରି ନାହାନ୍ତି। ଗଜପତି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଂଜାମ ଓ ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ଚିହ୍ନଟ ହୋଇ ନାହାନ୍ତି । ଯାଜପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଝାରସୁଗୁଡ଼ା ଓ କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡା ଓ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ଘଟଣାରେ ନିନ୍ଦା: ବରିଷ୍ଠ ନାଗରିକ ମଞ୍ଚ

ବାଲେଶ୍ୱର,୦୯/୦୪ (ନି.ପ୍ର): ନୀଳଗିରିର ସାମ୍ବାଦିକ ଲୋକନାଥ ଦଳେଇଙ୍କ ପ୍ରତି ସ୍ଥାନୀୟ ପୁଲିସର ଅମାନୁଷିକ ଆଚରଣକୁ ବାଲେଶ୍ୱର ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଶନିବାର ଆୟୋଜିତ ଏକ ଜରୁରୀ ବୈଠକରେ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ସମେତ ଶରତଚନ୍ଦ୍ର ଦାଶ, ଅନ୍ତର୍ଯ୍ୟାମୀ ପ୍ରଧାନ, ବିଷ୍ଣୁପ୍ରସାଦ ମହାନ୍ତି, ବେଣୁଧର ସାହୁ, ସୀତାରାମ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ଘୋଷ, ଦାମୋଦର ନାୟକ, ଡ. ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ଯଶୋଦାନନ୍ଦନ ଆଶ୍, ଲକ୍ଷ୍ମୀପ୍ରିୟା ଜେନା, ମଧୁସୂଦନ ଜେନା, ଗୋପୀନାଥ ଦାସ ପ୍ରମୁଖ କର୍ମକର୍ତାମାନେ ଯୋଗଦେଇ ସମ୍ପୃକ୍ତ ସାମ୍ବାଦିକଙ୍କୁ ଚିକିତ୍ସା ସମୟରେ ଜଣେ ଦୁର୍ଦ୍ଧର୍ଷ ଅପରାଧୀ ଭଳି ଗୋଡ଼ରେ ବେଡ଼ି ପକାଇ ରଖିବା ଖାକି ପୋଷାକରେ କଳଙ୍କ ଛିଟା ବୋଲି ମତପ୍ରକାଶ କରିଛନ୍ତି। ଏଭଳି ସମ୍ବେଦନଶୀଳ ଓ ଅମାନବୀୟ ଘଟଣା ଗଣତନ୍ତ୍ର ବ୍ୟବସ୍ଥା ପ୍ରତି ଚରମ କୁଠାରଘାତ କରିଛି । ଏହି ଘଟଣାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ ସହ ଅଭିଯୁକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

ରାମ ନବମୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା

ନୀଳଗିରି, ୦୯/୦୪ (ନି.ପ୍ର): ଶନିବାର ଦିନ ଶ୍ରୀରାମ ସେନା ନୀଳଗିରି ତରଫରୁ ରାମନବମୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା ଅପରାହ୍ନ ରେ ନୀଳଗିରି ଗୁଣ୍ଡିଚା ମନ୍ଦିର ଠାରୁ ବାହାରି ନୀଳଗିରି ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ଶତାଧିକ ସଂଖ୍ୟାରେ ରାମ ଭକ୍ତ ସାମିଲ ହୋଇଥିଲେ । ଜୟଶ୍ରୀରାମ ଧ୍ୱନିରେ ନୀଳଗିରି ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଶ୍ରୀରାମଙ୍କ ରଥରେ ରାମ ଲକ୍ଷ୍ମଣ ସୀତା ଓ ହନୁମାନଙ୍କ ଅବତାରରେ ଭକ୍ତଙ୍କୁ ଦେଖିବାକୁ ମିଳିଥିଲା । ସମସ୍ତ ଭକ୍ତଙ୍କ ପାଇଁ ରାମ ଖେଚୁଡ଼ି ଓ ପଣାର ବ୍ୟବସ୍ଥା କରାଯାଇଥିଲା । ଏହି ଶୋଭାଯାତ୍ରାରେ ଶ୍ରୀରାମ ସେନାର ଆବାହକ ଚନ୍ଦ୍ରଶେଖର ନନ୍ଦ, ସଂଯୋଜକ ଚନ୍ଦ୍ରବିନ୍ଦୁ ଦାସ, ସହସଂଯୋଜକ ଜିନା ଖୁଂଟିଆ, କୋଷାଧକ୍ଷ ଭବୋତସ ଜେନା, ସମର ଶଙ୍କର କାନୁନଗୋ, ସତ୍ୟନାରାୟଣ ମହାପାତ୍ର, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଦେବାଶିଷ ଆଚାର୍ଯ୍ୟ, ପ୍ରବୀଣ ନାୟକ, ମନରଂଜନ ବେହେରା, ପ୍ରଫୁଲ୍ଲ ଦଳେଇ, ରାକେଶ ମହଲ, ସତ୍ୟଜିତ, ପ୍ରଦୀପ ଦାସ, ସୁରେନ୍ଦ୍ର ପ୍ରଧାନ, ଜୁଳ ଖଟୁଆ, ନଟୁ ସରକାର ପ୍ରମୁଖ ଙ୍କ ସମେତ ବହୁ ରାମଭକ୍ତ ସାମିଲ ହୋଇଥିଲେ ।

ଉଦଳା ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

ନାରୀକୁ ଦୁର୍ବଳ ଭାବିବା ଏକ ମୁର୍ଖାମୀ : ପ୍ରମିଳା ପଣ୍ଡା

ଉଦଳା, ୦୯/୦୪ (ନି.ପ୍ର): ରାଜ୍ୟ ସରକାରଙ୍କ ସହାୟତାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁସାରେ ଉଦଳା ମହାବିଦ୍ୟାଳୟ ପରିସରରେ ଛାତ୍ରୀ ମାନଙ୍କର ଆତ୍ମରକ୍ଷା ତାଲିମ ଶିବିର ଚଳିତ ଏପ୍ରୀଲ ୮ ତାରିଖ ଶୁକ୍ରବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଉକ୍ତ ଉଦ୍‌ଘାଟନ ଉତ୍ସବରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନାରୀକୁ ଦୁର୍ବଳ ଭାବିବା ଏକ ମୁର୍ଖାମୀ ବୋଲି ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ଼. ମିନାକ୍ଷୀ ପରିଡ଼ା ୭ ଦିନ ବ୍ୟାପି ଏହି ତାଲିମ କାର୍ଯ୍ୟକ୍ରମ ଚାଲିବ ବୋଲି ସୂଚନା ଦେବା ସହିତ ସମୁଦାୟ ତାଲିମର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ । ଅନ୍ୟ ମାନଙ୍କ ମଧରେ ଅଧ୍ୟାପକ ଗିରିଶଚନ୍ଦ୍ର ପୋଥାଳ, ଅଧ୍ୟାପକ ଭୋଳାନାଥ ସାହୁ ଓ ଅଧ୍ୟାପକ ସରୋଜ କୁମାର ଘୋଷ ଯୋଗ ଦେଇ ନାରୀକୁ କିପରି ଯୁଗେ ଯୁଗେ ଉଚ୍ଚ ଆସନ ଦିଆଯାଇଛି ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ପ୍ରଶିକ୍ଷିକା ଭାଗ୍ୟଶ୍ରୀ ବିନ୍ଧାଣୀ ଓ ମନାଲିସା ପଣ୍ଡା, ନିର୍ଭିକତାର ସହ ଜୀବନ ବଞ୍ଚିବା ପାଇଁ ଏହି ତାଲିମର ଆବଶ୍ୟକତା ରହିଛି ବୋଲି ବ୍ୟକ୍ତ କରିଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ସତ୍ୟବ୍ରତ ମଲ୍ଲିକ କାର୍ଯ୍ୟକ୍ରମର ଶେଷ ସ୍ୱର୍ଣ୍ଣ ଦେଇଥିଲେ ।

ଏପ୍ରିଲ ୧୧ରୁ ୧୫ ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଚୈତ୍ର ପର୍ବ ଓ ପଲ୍ଲୀଶ୍ରୀ ମେଳା

ସମସ୍ତ ପ୍ରସ୍ତୁତି ପର୍ବ ଶେଷ, ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଜିଲ୍ଲାପାଳ

ବାରିପଦା, ୦୯/୦୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଚୈତ୍ର ପର୍ବ-୨୦୨୨ ଅବସରରେ ଠାରେ ସଦର ମହକୁମା ବାରିପଦା ଛଉ ପଡିଆ ସଂଲଗ୍ନ କଲେଜ ପଡିଆଠାରେ ଓରମାସ ପକ୍ଷରୁ ପଲ୍ଲୀଶ୍ରୀ ମେଳା - ୨୦୨୨ ପ୍ରଦର୍ଶନୀ ଚଳିତ ଏପ୍ରିଲ ୧୧ରୁ ୧୫ରାତିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଅନୁଷ୍ଠିତ ହେବ । ପାଞ୍ଚ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ମେଳା ପ୍ରଦର୍ଶନୀ ପ୍ରତ୍ୟେକ ଦିନ ସକାଳ ୧୦ଘଟିକାରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବା । ଏଥିପାଇଁ ମୋଟ ୧୫୦ ଷ୍ଟଲ ନିର୍ମାଣ ଓ ଆନୁସଙ୍ଗିକ ବ୍ୟବସ୍ଥା , ମେଳାସ୍ଥଳରେ ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ପ୍ରାଥମିକ ଚିକିତ୍ସା ସେବା, ପୋଲିସ ନିରାପତା, ଅଗ୍ନିଶମ ସେବା ବ୍ୟବସ୍ଥା , ଆବାସ ଓ ରହଣୀ ବ୍ୟବସ୍ଥା ଏବଂ ସର୍ବୋପରି ପଲ୍ଲୀଶ୍ରୀ ମେଳା ପ୍ରଦର୍ଶନର ପ୍ରଚାର ପ୍ରସାର କରାଯିବା ଦିଗରେ ବିଶେଷ ଧ୍ୟାନ ଦେଇ କାର୍ଯ୍ୟକ୍ରମ ପ୍ରସ୍ତୁତି କରାଯାଇଅଛି । ସୂଚନା ଯୋଗ୍ୟ ଏହି ପଲ୍ଲୀଶ୍ରୀ ମେଳା ପ୍ରଦର୍ଶନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସଂପୃକ୍ତ ଡିଆରଡିଏ । ଓରମାସ୍ , ବୟନ ଓ ହସ୍ତତନ୍ତ ଶିଳ୍ପ , ଖଦୀ ଓ ଗ୍ରାମ୍ୟ ଉଦ୍ୟୋଗ ଦ୍ୱାରା ପ୍ରୟୋଜିତ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗ୍ରାମ୍ୟ କାରିଗରୀ ଏବଂ ଉଦ୍ୟୋଗୀ ମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ । ସାମଗ୍ରୀ ଓ କୁଟୀର ଶିଳ୍ପ କାରୁକାର୍ଯ୍ୟ ସାମଗ୍ରୀ ଆଦି ପ୍ରଦର୍ଶନୀ ମାଧମରେ ବିକ୍ରୟ କରାଯିବା ସହିତ ଆୟ ଭିତିକ ବିଭିନ୍ନ ଆତ୍ମନିଯୁକ୍ତ ଯୋଜନା ଏବଂ ସରକାରଙ୍କ ବିଭିନ୍ନ ବିଭାଗ ଯୋଜନା କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଓ ବିକାଶ ଦିଗରେ ଜନ ସଚେତନତା ସୃଷ୍ଟି କରାଯିବା ମୁଖ୍ୟ ଉଦ୍ୟୋଶ ନେଇ ସରକାରଙ୍କ ପଂଚାୟତିରାଜ ବିଭାଗୀୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଓରମାସ) ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଅଛି । ପାଂଚ ଦିନ ବ୍ୟାପି ବାରିପଦା ଛଉ ପଡିଆ ସଂଲଗ୍ନ ସ୍ଥିତ କଲେଜ ପଡିଆରେ ଆୟୋଜିତ ହେବାକୁ ଥିବା ଉକ୍ତ ପଲ୍ଲିଶ୍ରୀ ମେଳାର ସମସ୍ତ ଆନୁସଙ୍ଗିକ ପ୍ରସ୍ତୁତି କାର୍ଯ୍ୟକ୍ରମର ସଫଳ ରୂପାୟନ ଓ ପରିଚାଳନା ପାଇଁ ବିରିଷ୍ଠ ପ୍ରଶାସନିକ ଅଧିକାର ଏବଂ ସଂପୃକ୍ତ ବିଭାଗ ପ୍ରତେକ୍ଷ ତତ୍ୱାବଦାନରେ ତ୍ୱରାନ୍ୱିତ କରାଯାଉଅଛି । ଏବାବଦରେ ସମସ୍ତ ପ୍ରସ୍ତୁତି ପର୍ବ ଚାଲିଥିବାର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଏବଂ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ରୁଦ୍ର ନାରାୟଣ ମହାନ୍ତି ସୂଚନା ପ୍ରଦାନ କରିଛନ୍ତି ।

ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ଘଟଣାକୁ ନେଇ ସର୍ବଦଳୀୟ ବୈଠକ

ନୀଳଗିରି, ୦୯/୦୪ (ନି.ପ୍ର): ନୀଳଗିରି ଉପଖଣ୍ଡ କନକନ୍ୟୁଜ ଏବଂ ଦୈନିକ "ସମ୍ବାଦ"ର ପ୍ରତିନିଧି ଲୋକନାଥ ଦଳେଇଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣା ଏବେ ସମଗ୍ର ରାଜ୍ୟ ଓ ଦେଶରେ ପ୍ରମୁଖ ଚର୍ଚ୍ଚାର ବିଷୟ ପାଲଟିଛି । ଲୋକନାଥ ଦଳେଇଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏବେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଆଇ.ସି.ୟୁ. ରେ ଭର୍ତି କରାଯାଇ ଚିକିତ୍ସା କରାଯାଉଛି । ସେ ଡାଇବେଟିସ୍, ହାଇବ୍ଲଡ ପ୍ରେସର, ଫୁସଫୁସ ସଂକ୍ରମଣ ଏବଂ ଜ୍ୱରରେ ପୀଡ଼ିତ ଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ । ହେଲେ ବିଡମ୍ବନାର ବିଷୟ ସାମ୍ବାଦିକ ଶ୍ରୀ ଦଳେଇଙ୍କ ଏପରି ଅବସ୍ଥା ପାଇଁ ଯେଉଁ ପ୍ରମୁଖ ଅଧିକାରୀ ନୀଳଗିରିର ଆଇ.ଆଇ.ସି. ଶ୍ରୀମତୀ ଦ୍ରୌପଦୀ ଦାସ ଏବଂ ତଦନ୍ତକାରୀ ଅଧିକାରୀ ସୁବର୍ଣ୍ଣା ବେହେରାଙ୍କୁ ବଦଳି କରି ଚୁପ୍ ବସିଛି ପ୍ରଶାସନ । ଥାନା ଆଇ.ଆଇ.ସି. ଙ୍କୁ ନିଲମ୍ବନ ପାଇଁ ଦିଲ୍ଲୀ ରୁ ପଲ୍ଲୀ ପର୍ଯ୍ୟନ୍ତ ପ୍ରବଳ ଦାବି ସତ୍ୱେ ପୋଲିସ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉନାହିଁ । ସାଧାରଣରେ ଆଲୋଚନା ଜୋର ଧରିଛି ଆଇ.ଆଇ.ସି. ଙ୍କ ହେଡ୍‌କ୍ୱାଟର ବଦଳି ପ୍ରଶାସନର ସଜା ନ ସୁରକ୍ଷା । ଅନ୍ୟ ପକ୍ଷରେ ଘଟଣାକୁ ଗୁରୁତର ସହ ନେଇ ଦଳମତ ନିର୍ବିଶେଷରେ ଏହାକୁ ନିନ୍ଦା କରିବା ସହ ଲୋକନାଥ ଦଳେଇ ଉପରେ ହୋଇଥିବା ଅମାନୁଷିକ ଅତ୍ୟାଚର ଏବଂ ଗୋଡ଼ରେ ବେଡି ପକାଇବା ଘଟଣାକୁ ମଣ୍ଡପ ଠାରେ ଏକ ସର୍ବଦଳୀୟ ବୈଠକ ଆହ୍ୱାନ କରାଯାଇଛି । ଏହି ବୈଠକରେ ଶ୍ରୀ ଦଳେଇ ଉପରେ ଲଗାଯାଇଥିବା ବିଭିନ୍ନ ମିଥ୍ୟା ଦଫାକୁ ପ୍ରତ୍ୟାହାର ସହିତ ତାଙ୍କୁ ତୁରନ୍ତ ମିଥ୍ୟା କେଶରୁ ମୁକ୍ତ କରିବା ପାଇଁ ଏହି ବୈଠକ ଆହ୍ୱାନର ମୁଖ୍ୟ ଉଦେଶ୍ୟ । ତେଣୁ ନୀଳଗିରିର ସମସ୍ତ ବୁଦ୍ଧିଜୀବୀ ସମେତ ବିଭିନ୍ନ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ, ବାର ଏସୋସିଏସନ, ବଣିକ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରତିନିଧିମାନଙ୍କୁ ଏହି ବୈଠକକୁ ଆହ୍ୱାନ କରାଯାଇଛି । ଆଇ.ଆଇ.ସି. ଙ୍କ ଏହି ଅମାନୁଷିକ କାର୍ଯ୍ୟ ପଛରେ କାହାର ହାତ ରହିଛି ଏଥିପାଇଁ କେଉଁ ଅଦୃଶ୍ୟ ଶକ୍ତି କାମ କରୁଛି ତୁରନ୍ତ ନୀଳଗିରି ଏସ.ଡି.ପି.ଓ. ମୁହଁ ଖୋଲିବାକୁ ସାଧାରଣରେ ଦାବୀ ହେଉଛି । ସର୍ବପରି ଶ୍ରୀ ଦଳେଙ୍କୁ ସଶସ୍ତ୍ର କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯିବା ଫଳରେ ଶ୍ରୀ ଦଳେଇଙ୍କ ଦୁଇ ନାବାଳିକା ଝିଅ ବାପାଙ୍କୁ ସାକ୍ଷାତ କରି ନ ପାରିବା ଫଳରେ ମାନସିକ ସନ୍ତୁଳନ ହରାଇବା ପରିସ୍ଥିତିରେ ଅଛନ୍ତି । ଏପରିକି ବନ୍ଧୁ ପରିଜନଙ୍କୁ ମଧ ଦେଖା କରିବା ପାଇଁ ସୁଯୋଗ ନ ଦେବା ପଛରେ ପୋଲିସ ପ୍ରଶାସନର କି ମନ୍ଦ ଉଦ୍ଦେଶ୍ୟ ରହିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo